# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ନଭେମ୍ବର ୧୪/୨୦୨୦ (୧୬ପୃଷ୍ଠା+ଛୁଟିଦିନ) | Dhenkanal, Saturday, November 14/2020 | ★★★★★

୧୬ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ଯବାନଙ୍କ ସହ ଦୀପାବଳି ପାଳିବେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ମୁତୟନ ଥିବା ଭାରତୀୟ ଯବାନଙ୍କ ସହ ଶନିବାର ଦୀପାବଳି ଉତ୍ସବ ପାଳନ କରିବେ। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସେ ଏହି ଧାରା ବଜାୟ ରଖିଛନ୍ତି। ଚଳିତ ଥର ମୋଦି ରାଜସ୍ଥାନର ଜୈସାଲ୍‌ମେର୍‌ର ସୀମାନ୍ତ ଅଞ୍ଚଳରେ ଏହି ଉତ୍ସବ ପାଳନ କରିବେ। ତାଙ୍କ ସହ ସିଡିଏସ୍ ଜେନେରାଲ ବିପିନ୍ ରାୱତ ଯୋଗଦେବା ସମ୍ଭାବନା ରହିଛି।

# ଦିଦିଙ୍କ ପାଇଁ ବଡ଼ ଆହ୍ୱାନ

କୋଲକାତା/ନୂଆଦିଲ୍ଲୀ,୧୩।୧୧


ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ନଭେମ୍ବର ୧୦ ତାରିଖ। ଏହି ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଦୁଇଟି ଅଶୁଭ ଖବର ଆସିଥିଲା। ଗୋଟିଏ ଥିଲା ଦଳ ଭିତରୁ ଓ ଅନ୍ୟଟି ଦଳ ବାହାରୁ। ବିହାର ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀକୁ ସତ ମାନି ଦିଦି ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପରାଜୟକୁ ଉତ୍ସୁକତାର ସହ ଅପେକ୍ଷା କରିଥିବାବେଳେ ଓଲଟା ଫଳାଫଳ ତାଙ୍କୁ ନିରାଶ କରିଥିଲା। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ନେତା ତଥା ରାଜ୍ୟ ପରିବହନ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ବିଦ୍ରୋହ ମମତାଙ୍କୁ ମର୍ମାହତ କରିଥିଲା। ବିହାର ପରିଣାମ ମମତାଙ୍କ ଲାଗି କେବଳ ଏକ ସତର୍କଘଣ୍ଟି ନୁହେଁ, ବରଂ ୨୦୨୧ ବିଧାନସଭା ନିର୍ବାଚନ ପାଇଁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। କାରଣ ବିହାରର ୫ ସଂଖ୍ୟାଲଘୁ ବହୁଳ ନିର୍ବାଚନମଣ୍ଡଳୀରେ ଅସାଦୁଦ୍ଦିନ ଓୱାଇସିଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇ-ଇତ୍ତେହାଦୁଲ୍ ମୁସ୍‌ଲମିନ୍ (ଏଆଇଏମ୍‌ଆଇଏମ୍)କୁ ସଫଳତା ମିଳିଛି।

୨୦୨୧ ଏପ୍ରିଲ-ମେ'ରେ ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନରେ ନିର୍ବାଚନ ହେବ। ୨୦୧୬ରେ ଟିଏମ୍‌ସିକୁ ୨୧୧ ଆସନରେ ସଫଳତା ମିଳିଥିବାବେଳେ ବର୍ତ୍ତମାନ ଶାସକ ଦଳ ଦଖଲରେ ୨୨୪ ସିଟ୍ ରହିଛି। ଭାଜପାକୁ ସେତେବେଳେ ମାତ୍ର ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ୨୦୧୯ ସାଧାରଣ ନିର୍ବାଚନରେ ୪୨ ଲୋକ ସଭା ଆସନ ମଧ୍ୟରୁ ଟିଏମ୍‌ସି ୨୨ ଆସନରେ ସଫଳତା ପାଇଥିବାବେଳେ ଭାଜପା ୧୮ ସିଟ୍ ଦଖଲ କରିବାରେ ସକ୍ଷମ ହୋଇଥିଲା। ଇତିମଧ୍ୟରେ ବିଧାନସଭାରେ ମଧ୍ୟ ଭାଜପାର ବଳ ବୃଦ୍ଧି ଘଟି ଆସନ ସଂଖ୍ୟା ୧୫ରେ ପହଞ୍ଚିଛି। ଏବେ ବିହାର ବିଜୟ ପରେ ପଶ୍ଚିମବଙ୍ଗ ଉପରେ ଭାଜପାର ନଜର ରହିଛି। ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତ କରି ଦିଦିଙ୍କୁ ତାଙ୍କ ଗଡ଼ରେ ଚ୍ୟାଲେଞ୍ଜ କରିଥିଲେ। ଶାହା କହିଥିଲେ, ପଶ୍ଚିମବଙ୍ଗର ସୀମା ସୁରକ୍ଷିତ ନ ଥିବା ଯୋଗୁ ଅନୁପ୍ରବେଶ ଜାରି ରହିଥିବାରୁ ରାଜ୍ୟରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ ହେବ। ମମତାଙ୍କ ୧୦ ବର୍ଷର ଶାସନରେ ରାଜ୍ୟରେ ଭାଜପା ନେତା ଓ କର୍ମୀଙ୍କୁ ହତ୍ୟା କରାଯାଉଛି। ତେଣୁ ପରିବର୍ତ୍ତନ ଆବଶ୍ୟକ। ଏହା ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ପଶ୍ଚିମବଙ୍ଗରେ କେନ୍ଦ୍ରର ସିଏଏ ଆଭିମୁଖ୍ୟକୁ ଦୋହରାଇଥିଲେ। ଭାଜପାର ପରବର୍ତ୍ତୀ ଟାର୍ଗେଟରେ ମମତା ବାନାର୍ଜୀ ଥିବା ଏଥିରୁ ସ୍ପଷ୍ଟ ହେଉଛି।

**ଆଗକୁ ବିଧାନସଭା ନିର୍ବାଚନ**
- ଟିଏମ୍‌ସିରେ ଉଠିଲା ବିଦ୍ରୋହର ସ୍ୱର
- ଏପଟେ ଭାଜପା, ସେପଟେ ଓୱାଇସି

ସେପଟେ ବିହାର ବିଧାନସଭା ନିର୍ବାଚନରେ ସୀମାଞ୍ଚଳର ଆମୋର, ବାହାଦୁରଗଞ୍ଜ, କୋଚଧମନ, ବୈସି ଓ ଜୋକିହାଟ ଆସନରେ ଏଆଇଏମ୍‌ଆଇଏମ୍ ପ୍ରାର୍ଥୀ ବିଜୟୀ ହେବା ପରେ ଓୱାଇସି ମଧ୍ୟ ପଶ୍ଚିମବଙ୍ଗ ମୁହାଁ ହୋଇଛନ୍ତି। ସୀମାଞ୍ଚଳ ହେଉଛି ମୁସଲମାନ ବହୁଳ ପଶ୍ଚିମବଙ୍ଗ ଓ ବାଂଲାଦେଶ ସୀମା ସଂଲଗ୍ନ ଅଞ୍ଚଳ। ଏହି ଅଞ୍ଚଳରେ ୩୩% ମୁସ୍‌ଲିମ ଭୋଟର ରହିଛନ୍ତି। ଏହାର ପଡ଼ୋଶୀ ଜିଲା ମୁର୍ଶିଦାବାଦରେ ୬୬%, ମାଲଦାରେ ୫୧%, ଉତ୍ତର ଦିନାଜପୁରରେ ୫୦%, ବୀରଭୂମରେ ୩୭%, ଦକ୍ଷିଣ ୨୪ ପ୍ରଗଣାରେ ୩୫% ସଂଖ୍ୟାଲଘୁ ଭୋଟର ଥିବାରୁ ପଶ୍ଚିମବଙ୍ଗର ଆଗାମୀ ବିଧାନସଭା ନିର୍ବାଚନରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ହାଇଦ୍ରାବାଦ ଏମ୍‌ପି ସ୍ପଷ୍ଟ କରିଛନ୍ତି। ଫଳରେ ଟିଏମ୍‌ସିର ପାରମ୍ପରିକ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଭାଙ୍ଗିଯିବା ଆଶଙ୍କା ସୃଷ୍ଟି ହୋଇଛି।


ଶୁଭେନ୍ଦୁ ଅଧିକାରୀ



ଅସାଦୁଦ୍ଦିନ ଓୱାଇସି

ଗତ ୧୦ ତାରିଖରେ ନନ୍ଦିଗ୍ରାମରେ ମମତାଙ୍କ କ୍ୟାବିନେଟ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ୨୦୦୭ରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ଭୂମି ଉଚ୍ଛେଦ ପ୍ରତିରୋଧ କମିଟିର ଶହୀଦଙ୍କୁ ସମ୍ମାନ ଦେବା ପାଇଁ ଏକ ବଡ଼ ସଭାର ଆୟୋଜନ କରିଥିଲେ। ନନ୍ଦିଗ୍ରାମ ଦିବସର ତ୍ରୟୋଦଶ ବର୍ଷପୂର୍ତ୍ତି ଅବସରରେ ସେହି ମଞ୍ଚରୁ ସେ ମମତାଙ୍କୁ ଖୋଲା ଚ୍ୟାଲେଞ୍ଜ କରିଥିଲେ। କହିଥିଲେ, ତୁମକୁ ଯୁଦ୍ଧଭୂମିରେ ଦେଖିନେବି। ତୁମ ସହ ଏକ ରାଜନୈତିକ ମଞ୍ଚରେ ମୁକାବିଲା ହେବ। ଏନେଇ ଟିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ମମତାଙ୍କ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ବିପକ୍ଷରେ ଯାଇ ଶୁଭେନ୍ଦୁ ଭାଜପାକୁ ସାହାଯ୍ୟ କରୁଛନ୍ତି। ତେବେ ଶାସକ ତୃଣମୂଳ କଂଗ୍ରେସର ଏହି ଅଭିଯୋଗ ସତ ହୋଇଥିଲେ ବାମପନ୍ଥୀଙ୍କ ୩୪ ବର୍ଷ ଶାସନର ଅନ୍ତ ଘଟାଇ କ୍ଷମତାସୀନ ହୋଇଥିବା ମମତା ଆଗକୁ କଡ଼ା ଆହ୍ୱାନକୁ ସାମ୍ନା କରିପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି।

## ବାଇଡେନ୍‌ଙ୍କୁ ଅଭିନନ୍ଦନ ଜଣାଇଲା ଚାଇନା

ବେଜିଂ, ୧୩।୧୧(ପି.ଟି.)

**ପୂର୍ବରୁ କୁଣ୍ଠା ପ୍ରକାଶ କରିଥିଲା**


ଜୋ ବାଇଡେନ୍

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ସହଯୋଗୀ ତଥା ନିର୍ବାଚିତ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଶେଷରେ ଚାଇନା ଅଭିନନ୍ଦନ ଜଣାଇଛି। ଆମେରିକୀୟଙ୍କ ପସନ୍ଦକୁ ବେଜିଂ ସମ୍ମାନ ଦିଏ ବୋଲି ଶୁକ୍ରବାର କହିଛି। ଆମେରିକା ନିର୍ବାଚନକୁ ନେଇ ଦେଶ ଭିତରେ ଓ ଅନ୍ତର୍ଜାତୀୟ ସମୁଦାୟରେ ଦେଖାଦେଇଥିବା ପ୍ରତିକ୍ରିୟାକୁ ଆମେ ଅନୁଧ୍ୟାନ କରୁଥିଲୁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସମେତ ଅଧିକାଂଶ ବିଶ୍ୱ ନେତା ୭୭ ବର୍ଷୀୟ ବାଇଡେନ୍‌ଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ରିପବ୍ଲିକାନ ପ୍ରାର୍ଥୀ ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପରାଜୟ ମାନିବାକୁ ରାଜି ନ ହେବାରୁ ଚାଇନା ପ୍ରଥମେ ବାଇଡେନ୍‌ଙ୍କୁ ତାଙ୍କ ବିଜୟ ଲାଗି ଅଭିନନ୍ଦନ ଜଣାଇବାକୁ କୁଣ୍ଠା ପ୍ରକାଶ କରିଥିଲା।

## 'ରାହୁଲ ଭୟାଳୁ ଛାତ୍ର'

ନ୍ୟୁୟର୍କ, ୧୩।୧୧

**ଓବାମାଙ୍କ ପୁସ୍ତକକୁ ନେଇ ଚର୍ଚ୍ଚା**


ରାହୁଲ ଗାନ୍ଧୀ ବାରାକ୍ ଓବାମା

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏ ପ୍ରୋମିଜ୍‌ଡ ଲ୍ୟାଣ୍ଡ୍'ରେ ବିଶ୍ୱର ବିଭିନ୍ନ ନେତାଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଲେଖିଛନ୍ତି, ସେ ଶିକ୍ଷକମାନଙ୍କୁ ପ୍ରଭାବିତ କରିବାକୁ ଆଗ୍ରହୀ ଥିବା ଜଣେ ଭୟାଳୁ ଛାତ୍ର । ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଗୁଣ ନାହିଁ। ସେ ଶିକ୍ଷକଙ୍କୁ ପ୍ରଭାବିତ କରିବା ଲାଗି ପାଠ ଘୋଷିଥାନ୍ତି। କିନ୍ତୁ ପାଠକୁ ଅକ୍ତିଆର କରିବା ଯୋଗ୍ୟତା କିମ୍ବା ଆଗ୍ରହ ଅଭାବରୁ ସେ ପରୀକ୍ଷାରେ ଭଲ କରିପାରନ୍ତି ନାହିଁ। ଓବାମାଙ୍କ ଏହି ପୁସ୍ତକକୁ ନେଇ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାହୁଲଙ୍କ ସମ୍ପର୍କରେ ଓବାମାଙ୍କ ଏଭଳି ମତ ପ୍ରକାଶ ପାଇବା ପରେ ତାଙ୍କୁ ସମାଲୋଚନା କରିବାର ସୁଯୋଗ ଭାଜପାକୁ ମିଳିଯାଇଛି। ଭାରତରେ ରାହୁଲଙ୍କୁ ମିଳୁଥିବା ସମ୍ମାନ ବିଶ୍ୱ ସ୍ତରରେ ପହଞ୍ଚିପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ତାଚ୍ଛଲ୍ୟ କରିଛନ୍ତି। ଓବାମାଙ୍କ ଭଳି ବ୍ୟକ୍ତିତ୍ୱ ଯେତେବେଳେ ରାହୁଲଙ୍କ ସମ୍ପର୍କରେ ଏଭଳି ମତ ଦେଉଛନ୍ତି, ତାଙ୍କ ବୁଦ୍ଧିମତ୍ତାକୁ ନେଇ ଆଉ ଆଲୋଚନା କରିବାର କିଛି ନାହିଁ ବୋଲି ସେ କହିଛନ୍ତି।

ଉକ୍ତ ପୁସ୍ତକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି। ସେଥିରେ ଥିବା ଅଳ୍ପ କେତେଜଣ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ସମୀକ୍ଷା କରାଯାଇଛି। ଅର୍ଥନୀତିଜ୍ଞ ମନମୋହନଙ୍କୁ ଓବାମା ତାଙ୍କ ପୁସ୍ତକରେ ପ୍ରଶଂସା କରିଛନ୍ତି। ଆମେରିକାର ପୂର୍ବତନ ପ୍ରତିରକ୍ଷା ସଚିବ ବବ୍ ଗେଟ୍ସ ଏବଂ ମନମୋହନଙ୍କଠାରେ ଆବେଗହୀନ ସଚ୍ଚୋଟତା ଗୁଣ ରହିଥିବା ସେ ଉଲ୍ଲେଖ କରିଛନ୍ତି।



## ଦୀପାବଳିରେ ଝଲସିଲା ଅଯୋଧ୍ୟା

ଲକ୍ଷ୍ନୌ,୧୩।୧୧

**୨୮ ଘାଟରେ ଜଳିବ ୫.୮ ଲକ୍ଷ ଦୀପ**

ଦୀପାବଳିରେ ମନ୍ଦିରମାଳିନୀ ସହର ଅଯୋଧ୍ୟା ଝଲସିଛି। ସରାୟୁ ନଦୀର ୨୮ ଘାଟରେ ୫.୮୪ ଲକ୍ଷ ଦୀପ ଜଳାଯାଇ ଗିନିଜ୍ ରେକର୍ଡ କରିବା ଲାଗି ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଗତବର୍ଷ ୪.୧୦ ଲକ୍ଷ ଦୀପ ଏଠାରେ ଜଳାଯାଇ ଗିନିଜ୍ ରେକର୍ଡ କରାଯାଇଥିଲା। ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଅନୁଷ୍ଠିତ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୩୦୦ ମନ୍ଦିର ଓ ମଠ ଆଲୋକମାଳାରେ ସୁସଜ୍ଜିତ କରାଯିବ। ନିର୍ମାଣାଧୀନ ରାମମନ୍ଦିରଠାରେ ୨୧ ଶହ ଦୀପ ପ୍ରଜ୍ୱଳନ କରାଯିବ ବୋଲି ଜଣାପଡ଼ିଛି। ଭାଜପା କ୍ଷମତାକୁ ଫେରିବା ପରେ ୨୦୧୭ରୁ ଏଠାରେ ମହା ଆଡ଼ମ୍ବରରେ ଦୀପୋତ୍ସବ ପାଳନ କରାଯାଉଛି।

## ଖବରଦାତାଙ୍କୁ ହତ୍ୟା ଅଭିଯୋଗ

ଉନ୍ନାଓ, ୧୩।୧୧(ପି.ଟି.)

ଉତ୍ତରପ୍ରଦେଶର ଏକ ହିନ୍ଦୀ ଖବରକାଗଜ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକ ସୂରଜ ପାଣ୍ଡେଙ୍କ ମୃତଦେହ ରେଳ ଧାରଣାରୁ ମିଳିବା ପରେ ପୋଲିସ ସବ୍‌ଇନ୍‌ସ୍ପେକ୍ଟର ସୁନୀତା ଚୌରାସିଆ, କନ୍‌ଷ୍ଟେବଲ ଅମର ସିଂ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ଏତଲା ଦାଏର ହୋଇଛି। ସୂରଜଙ୍କୁ ହତ୍ୟା କରାଯାଇ ତାଙ୍କ ମୃତଦେହକୁ ରେଳଧାରଣାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ସୂରଜଙ୍କର ସୁନୀତାଙ୍କ ସହ ସମ୍ପର୍କ ଥିବାରୁ କନ୍‌ଷ୍ଟେବଲ ତାଙ୍କୁ ଗତ ୧୧ ତାରିଖରେ ଫୋନ୍ ଯୋଗେ ଧମକ ଦେଇଥିଲେ।

## ଡ୍ରଗ୍ସ ମାମଲାରେ ଅଷ୍ଟ୍ରେଲୀୟ ଗିରଫ

ନୂଆଦିଲ୍ଲୀ,୧୩।୧୧

ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଓ ବଲିଉଡ୍ ଡ୍ରଗ୍ସ ମାମଲାକୁ ନେଇ ଏକାଧିକ ବ୍ୟକ୍ତିଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜେରା କରିବା ପରେ ଶୁକ୍ରବାର ଅଷ୍ଟ୍ରେଲିଆ ନାଗରିକ ପଲ୍ ବାର୍‌ଟେଲ୍‌ଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ ୬ ଘଣ୍ଟା ଏନ୍‌ସିବି ପକ୍ଷରୁ ଜେରା କରାଯାଇଥିଲା। ଡ୍ରଗ୍ସ ଯୋଗାଣକାରୀ ଦକ୍ଷିଣ ଆଫ୍ରିକୀୟ ନାଗରିକ ଆଗିସିଲାଓସ୍ ଡେମେଟ୍ରିଆଡେସ୍ ଓ ଅଭିନେତା ଅର୍ଜୁନ୍ ରାମ୍‌ପାଲଙ୍କ ବାନ୍ଧବୀ ଗାବ୍ରିଏଲାଙ୍କ ଭାଇ ସହ ତାଙ୍କର ସମ୍ପର୍କ ଥିବା ଜେରାବେଳେ ଜଣାପଡ଼ିଥିଲା। ଏହି ଡ୍ରଗ୍ସ ମାମଲାରେ ଏପର୍ଯ୍ୟନ୍ତ ୨୬ ଜଣଙ୍କୁ ଗିରଫ କରାଯାଇ ସାରିଲାଣି।

ବାର୍‌ଟେଲ ମୁମ୍ବାଇର ବାନ୍ଦ୍ରାରେ ରୁହନ୍ତି ଓ ବୃତ୍ତିରେ ସେ ଜଣେ ଶିଳ୍ପକାର ବୋଲି ଜଣାପଡ଼ିଛି। ବିଭିନ୍ନ ବ୍ୟବସାୟୀ ଓ ନିର୍ମାଣ କାର୍ଯ୍ୟ କରୁଥିବା ଲୋକଙ୍କ ସହ ତାଙ୍କର ସମ୍ପର୍କ ରହିଛି। ଆଗିସିଲାଓସ୍‌ଙ୍କଠାରୁ ସେ ଡ୍ରଗ୍ସ କିଣିଥାନ୍ତି। ତେବେ ସେ କାହାକୁ ଏହା ବିକ୍ରିକରନ୍ତି, ତା'ର ଅନୁସନ୍ଧାନ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ଏହି ଡ୍ରଗ୍ସ ମାମଲାରେ ପୂର୍ବରୁ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ, ଭାଇ ସୌଭିକ୍‌ଙ୍କ ସମେତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଅଭିନେତ୍ରୀ ଦୀପିକା ପାଦୁକୋନ୍, ତାଙ୍କ ମ୍ୟାନେଜର କରିସ୍ମା ପ୍ରକାଶ ପ୍ରମୁଖଙ୍କୁ ଜେରା କରାଯାଇଥିଲା।

# ଡିସେମ୍ବର ସୁଦ୍ଧା ୧୦ କୋଟିଙ୍କୁ ଟିକା

ନୂଆଦିଲ୍ଲୀ,୧୩।୧୧




ସର୍ବବୃହତ୍ ଭାକ୍ସିନ୍ ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ କରୋନା ଟିକା ଆଷ୍ଟ୍ରାଜେନିକା ଉତ୍ପାଦନ ଆରମ୍ଭ ହୋଇଛି। ଆଗାମୀ ଡିସେମ୍ବର ସୁଦ୍ଧା ଭାରତକୁ ୧୦ କୋଟି ଟିକା ଆସି ଟିକାକରଣ ପ୍ରକ୍ରିୟା ଚାଲିବ। ଏହି ଟିକା କରୋନା ସଂକ୍ରମଣଠାରୁ ସୁରକ୍ଷା ଦେବାରେ ସକ୍ଷମ ହେବ ବୋଲି କୁହାଯାଇଛି।

୧୦୦ କୋଟି ଟିକା ପ୍ରସ୍ତୁତ ଲାଗି ସଂସ୍ଥା ପ୍ରୟାସ ଜାରି ରଖିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତକୁ ୧୦ କୋଟି କରୋନା ଟିକା ପଠାଯିବ। ୨୦୨୧ ପ୍ରାରମ୍ଭରେ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ଏହି କରୋନା ଟିକା ପ୍ରଦାନ କରାଯିବ ବୋଲି କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦର ପୁନାୱାଲା କହିଛନ୍ତି। ନୋଭାଭାକ୍ସ ଟିକା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଫାଇଜର ଟିକା ସୁରକ୍ଷିତ ଭାବେ ରଖିବା ଲାଗି ଡିପ୍ ଫ୍ରିଜର୍‌ର ଆବଶ୍ୟକତା ପଡୁଥିବାରୁ ଏହା ଗରିବ ଓ ବିକାଶୋନ୍ମୁଖୀ ଦେଶ ଲାଗି ବ୍ୟୟସାପେକ୍ଷ ହେବ। ଏଥିସହ ଏହାର ଦାମ୍ ଢେର୍ ବେଶି ହୋଇଥିବାରୁ ଧନୀ ଦେଶଗୁଡ଼ିକ କେବଳ ଏହାର ଫାଇଦା ଉଠାଇପାରିବେ। ଅନ୍ୟପକ୍ଷରେ ରୁଷିଆର 'ସ୍ପୁଟ୍‌ନିକ୍ ଭି'କୁ ମାନବ ପରୀକ୍ଷା ଲାଗି ଭାରତକୁ ଅଣାଯାଇଛି। ଫାର୍ମା ମେଜର ଡା. ରେଡ୍ଡୀ ଲାବରେଟୋରିରେ ଏହାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମାନବ ପରୀକ୍ଷା କରାଯିବ।

ଭାରତରେ ପାରମ୍ପରିକ ଔଷଧ କେନ୍ଦ୍ର ନିର୍ମାଣ ପାଇଁ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଛି। ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ ଭିଡିଓ ବାର୍ତ୍ତା ଦେଇ ଉପରୋକ୍ତ ଘୋଷଣା କରିଛନ୍ତି। ଜାମନଗରରେ ଆୟୁର୍ବେଦ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ (ଆଇଟିଆର୍‌ଏ) ଏବଂ ଜୟପୁରରେ ଜାତୀୟ ଆୟୁର୍ବେଦ ଶିକ୍ଷାନୁଷ୍ଠାନ ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଖୁସି ବ୍ୟକ୍ତ କରିଛନ୍ତି।

## ରବିବାର ଏନ୍‌ଡିଏ ନେବ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି

ପାଟନା, ୧୩।୧୧



**ଇସ୍ତଫା ଦେଲେ ନୀତୀଶ**

ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ସେ ନେଇ ରବିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର କହିଛନ୍ତି। ଏନ୍‌ଡିଏ ଆନୁଷ୍ଠାନିକ ଭାବେ ନେତା ବାଛିବାର ଦୁଇଦିନ ପୂର୍ବରୁ ନୀତୀଶ କୁମାର ଶୁକ୍ରବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳ ଫଗୁ ଚୌହାନଙ୍କୁ ପ୍ରଦାନ କରିବା ପରେ ନୂତନ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୯ ତାରିଖରେ ରାଜ୍ୟ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଥିବାବେଳେ ରବିବାର ଏନ୍‌ଡିଏ ବୈଠକରେ ସର୍ବସମ୍ମତିକ୍ରମେ ମୁଖ୍ୟମନ୍ତ୍ରୀ ଚୟନ କରାଯିବ। ଶୁକ୍ରବାର ଏନ୍‌ଡିଏର ୪ ଦଳ ଜେଡିୟୁ, ଭାଜପା, ଏଚ୍‌ଏମ୍ ଏବଂ ବିକାଶଶୀଳ ଇନ୍‌ସାନ ପାର୍ଟିର ବୈଠକ ବସିଥିଲା। ରବିବାର ମେଣ୍ଟର ସମସ୍ତ ବିଧାୟକ ଏକାଠି ହୋଇ ନେତା ନିର୍ବାଚନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ସଦ୍ୟସମାପ୍ତ ବିହାର ନିର୍ବାଚନରେ ଜେଡିୟୁ ୪୩ ଆସନ ପାଇଥିବାବେଳେ ସହଯୋଗୀ ଭାଜପାକୁ ୭୪ ଆସନ ମିଳିଛି। ଏନ୍‌ଡିଏ ମେଣ୍ଟକୁ ୧୨୫ ଆସନ ମିଳିଛି। ଅନ୍ୟପକ୍ଷରେ ବିରୋଧୀ ଦଳ ଆର୍‌ଜେଡି ୭୫ ଆସନ ଜିତି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ମହାମେଣ୍ଟକୁ ୧୧୦ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

DSPL - 105



ଶିଶୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା

ଶିଶୁ ଦିବସ ଅବସରରେ ରାଜ୍ୟର ସବୁ ପିଲାମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ମହାମାରୀ କୋଭିଡ୍-୧୯ ପାଇଁ ବର୍ତ୍ତମାନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି, ମାତ୍ର ରେଡ଼ିଓ ପାଠଶାଳା, ଦୂରଦର୍ଶନ (ଶିକ୍ଷାଦର୍ପଣ), ଓଡ଼ିଶା ଶିକ୍ଷା ସଂଯୋଗ, ମଧୁ ଆପ୍, ଦୀକ୍ଷା ଆପ ତଥା ବିଭିନ୍ନ ଅନ୍‌ଲାଇନ ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷାଦାନ ଜାରି ରହିଛି। ଏହି କଠିନ ସମୟରେ ପିଲାମାନେ କୋଭିଡ୍-୧୯ ନିୟମ ମାନି ସତର୍କ ହୋଇ ଚଳିବା ଆବଶ୍ୟକ। ସ୍କୁଲ ଖୋଲିବା ପର୍ଯ୍ୟନ୍ତ ତୁମେମାନେ ନିଜ ଘରେ ମନ ଦେଇ ପାଠ ପଢ଼ ଓ ତା ସହିତ ନିଜ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅ।

(ନବୀନ ପଟ୍ଟନାୟକ)



ବାର୍ତ୍ତା

ପବିତ୍ର ଶିଶୁଦିବସ-୨୦୨୦ ଅବସରରେ ପିଲାମାନଙ୍କୁ ମୋର ଅନ୍ତରର ଶୁଭେଚ୍ଛା। ଶିଶୁ ହସିଲେ ଦୁନିଆ ହସେ। ପିଲାମାନେ ଆମ ଦେଶର ଭବିଷ୍ୟତ। ମହାମାରୀ କୋଭିଡ୍-୧୯ ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକ ବର୍ତ୍ତମାନ ବନ୍ଦ ରହିବା ସଂଗେ ସଂଗେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ 'ସୁରଭି' ପର୍ବ ଚଳିତ ବର୍ଷ ପାଇଁ ବନ୍ଦ ରହିଛି। ଓଡ଼ିଶା ଶିକ୍ଷା ସଂଯୋଗ, ରେଡ଼ିଓ ପାଠଶାଳା, ଦୂରଦର୍ଶନ (ଶିକ୍ଷା ଦର୍ପଣ), ମଧୁ ଆପ, ଦୀକ୍ଷା ଆପ୍ ତଥା ବିଭିନ୍ନ ଅନ୍‌ଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ପ୍ରଦାନ କରାଯାଉଥିବା ଶିକ୍ଷାକୁ ମନ ଦେଇ ଗ୍ରହଣ କରିବ। ତୁମେମାନେ କୋଭିଡ୍-୧୯ ନିୟମ ମାନି ନିଜ ଘରେ ରହି ପିତାମାତଙ୍କ କଥା ମାନି ମନଦେଇ ପାଠ ପଢ଼ିବ। ବୟସ୍କ ଗୁରୁଜନମାନଙ୍କର ଯତ୍ନ ନେବ। ନିଜେ ସୁସ୍ଥ ରହିବା ସଂଗେ ସଂଗେ ଅନ୍ୟମାନଙ୍କୁ ସଚେତନ କରାଇବ।
ପିବତ୍ର ଶିଶୁ ଦିବସ ଅବସରରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଏହି କଠିନ ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ଭବିଷ୍ୟତ ପାଇଁ ସଜାଗ ହେବାକୁ ନିବେଦନ।

(ସମୀର ରଞ୍ଜନ ଦାଶ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

OIPR-27001/13/0002/2021

# ଧରିତ୍ରୀ
DHARITRI

ଶନିବାର, ନଭେମ୍ବର ୧୪/୨୦୨୦ | Saturday, November 14/2020 | ପୃଷ୍ଠା-୧




**‘ଟେନସନ ହେଲେ ବୁଲିବାକୁ ଚାଲିଯାଏ’**
ବଲିଉଡ୍ ଅଭିନେତ୍ରୀ ଅଦା ଖାନ୍‌ଙ୍କୁ ଯେତେବେଳେ ଅଧିକ ଟେନ୍‌ସନ ଲାଗେ ସେ ଫ୍ଲାଇଟ ବୁକ୍ କରି କୁଆଡ଼େ ନା କୁଆଡ଼େ ବୁଲିବାକୁ ଚାଲିଯା’ନ୍ତି ବୋଲି କହିଛନ୍ତି।

୧୦

୧୪

**ଭର୍ଷ୍ଟାପେନ ଦ୍ରୁତତମ**
ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ଶୁକ୍ରବାର ଅନୁଷ୍ଠିତ ତୁର୍କୀସ ଗ୍ରାଁ ପ୍ରି ଫର୍ମୁଲାଓ୍ୱାନ ମୋଟର ରେସିଂ ପ୍ରାକ୍ଟିସର ୨ଟି ଯାକ ରେସ୍‌ରେ ଦ୍ରୁତତମ ହୋଇଛନ୍ତି।





ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ, ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା୧୪.୧୧.୨୦୨୦ରିଖ ଶନିବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା୧୬.୧୧.୨୦୨୦ରିଖ ସୋମବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

ବାବୁଙ୍କୁ ଖୋଜା ଚାଲିଛି

# ଟୋଲ୍ ଫିଙ୍ଗିଲା ଭାଓ ଆଗ



ପ୍ରସ୍ତାବିତ ବନ୍ଦାଳ ଟୋଲ୍‌ପ୍ଲାଜା

- ଶେଷ ପର୍ଯ୍ୟାୟରେ ବନ୍ଦାଳ ଟୋଲ୍‌ପ୍ଲାଜା କାର୍ଯ୍ୟ
- ଆହୁରି କମିବ ବ୍ୟବଧାନ
- କାର୍ଯ୍ୟକାରୀ ହେଉନି ଏନ୍ଏଚ୍ଏଆଇର ଗାଇଡ୍‌ଲାଇନ
- ରାଜ୍ୟ ପରିବହନ କମିଶନରଙ୍କ ନିର୍ଦ୍ଦେଶ ମୂଲ୍ୟହୀନ

**ଯାଜପୁର ଅଫିସ,୧୩।୧୧**

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପକ୍ଷରୁ ୨୦୧୬ ଜୁଲାଇରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୬ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍ )ରେ ଥିବା କଟକ ମଙ୍ଗୁଳି ଟୋଲ୍‌ପ୍ଲାଜାକୁ ବନ୍ଦାଳ ନିକଟକୁ ସ୍ଥାନାନ୍ତର କାର୍ଯ୍ୟ ପ୍ରାୟ ଶେଷ ହେବାକୁ ବସିଛି। ଅଥଚ ଭଦ୍ରକ ଜିଲା ଆଖୁଆପଦା ନିକଟକୁ ପାଣିକୋଇଲି ଟୋଲ୍‌ପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ବନ୍ଦାଳ ଟୋଲ୍‌ପ୍ଲାଜା କାର୍ଯ୍ୟକାରୀ ହେଲେ ପାଣିକୋଇଲି ଟୋଲ୍‌ପ୍ଲାଜାକୁ ଦୂରତା ଆହୁରି ୫ କି.ମି. ହ୍ରାସ ପାଇ ୫୨ କି.ମି.ରୁ ୪୭ କି.ମି. ହେବ, ଯାହାକି ଏନ୍ଏଚ୍ଏଆଇର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରୁଛି। ନିୟମ ଅନୁଯାୟୀ ଗୋଟିଏ ଟୋଲ୍‌ପ୍ଲାଜାରୁ ଅନ୍ୟ ଟୋଲ୍‌ପ୍ଲାଜାର ଦୂରତା ଅତିକମ୍‌ରେ ୬୦ କିଲୋମିଟର ରହିବା କଥା। ତେବେ ପ୍ରସ୍ତାବିତ ଆଖୁଆପଦାରେ ଟୋଲ୍‌ପ୍ଲାଜା ହେଲେ ଏନ୍ଏଚ୍ଏଆଇ ଗାଇଡ୍‌ଲାଇନକୁ ମଧ୍ୟ ତାହା ପୂରଣ କରିବ ନାହିଁ। ☞ପୃଷ୍ଠା-୨

# ୪ ଯବାନ ଶହୀଦ, ୬ ନାଗରିକ ନିହତ

**ଦୀପାବଳିରେ ସୀମାପାର ଗୁଳି**

- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ପାକିସ୍ତାନୀ ସୈନ୍ୟ ନିହତ

**ଶ୍ରୀନଗର,୧୩।୧୧(ଆଇଏଏନ୍ଏସ୍/ପି.ଟି.)**

ଦେଶବାସୀ ଦୀପାବଳି ପାଳନ କରୁଥିବାବେଳେ ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି) ଦେଇ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ଶୁକ୍ରବାର ପାକିସ୍ତାନୀ ସେନା ଗୁରେଜ୍‌ରୁ ଉରି ସେକ୍ଟର ପର୍ଯ୍ୟନ୍ତ ଘନ ଘନ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଶତ୍ରୁପକ୍ଷର ସୀମାପାର ଗୁଳିରେ ୩ ଯବାନ ଓ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଜଣେ ସବ୍‌ଇନ୍‌ସ୍ପେକ୍ଟର ଶହୀଦ ହୋଇଛନ୍ତି। ଆକ୍ରମଣରେ ଅନ୍ୟ ୬ ସାଧାରଣ ☞ପୃଷ୍ଠା-୨






# କ୍ଷମା ମାଗିବିନି କି ଜରିମାନା ଦେବିନି

**ଅଦାଲତ ଅବମାନନା ମାମଲାରେ କୁନାଲ କାମ୍ରାଙ୍କ ଟୁଇଟ୍**

**ନୂଆଦିଲ୍ଲୀ, ୧୩।୧୧**



କୁନାଲ କାମ୍ରା

ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏଥିପାଇଁ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରି ଏକାଧିକ ଟୁଇଟ୍ କରିଥିବା ହାସ୍ୟାଭିନେତା କୁନାଲ କାମ୍ରାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର ହୋଇଛି। ତେବେ ସେ ତାଙ୍କ ଟୁଇଟ୍‌କୁ ପ୍ରତ୍ୟାହାର କରିନେବେନି କି କ୍ଷମା ମାଗିବେ ନାହିଁ ବୋଲି ଶୁକ୍ରବାର କହିଛନ୍ତି। ଏପରିକି ଏହି ମାମଲାରେ ସେ ଓକିଲ ଦେବେନାହିଁ, ଜରିମାନା ଭରିବେ ନାହିଁ କି ସ୍ଥାନର ଦୁରୁପଯୋଗ କରିବେ ନାହିଁ ବୋଲି କୁନାଲ ସୁପ୍ରିମକୋର୍ଟରେ ବିଚାରପତିମାନଙ୍କୁ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, କୁନାଲ ଟୁଇଟରରେ ସୁପ୍ରିମକୋର୍ଟ ବିଲ୍ଡିଂକୁ ଗୈରିକ ରଙ୍ଗରେ ରଙ୍ଗାଇବା ସହ ସେଥିରେ ଭାଜପା ପତାକା ଲଗାଇଥିଲେ। ☞ପୃଷ୍ଠା-୨

# ଓଡ଼ିଶାକୁ ଅତିରିକ୍ତ ୧୨୮ କୋଟି ‘ଅମ୍ଫନ’ ସହାୟତା

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ବନ୍ୟା, ବାତ୍ୟା ଏବଂ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ୬ ରାଜ୍ୟ ପାଇଁ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍ଏଫ୍)ରୁ ୪,୩୮୧.୮୮ କୋଟି ଟଙ୍କା ସହାୟତା ମଞ୍ଜୁର କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହାକୁ ଅନୁମୋଦନ ମିଳିଛି। ତନ୍ମଧ୍ୟରୁ ବାତ୍ୟା ‘ଅମ୍ଫନ’ କ୍ଷତିଭରଣା ପାଇଁ ଓଡ଼ିଶାକୁ ଅତିରିକ୍ତ ୧୨୮.୨୩ କୋଟି ଏବଂ ପଶ୍ଚିମବଙ୍ଗକୁ ୨୭୦୭.୭୭ କୋଟି ଟଙ୍କା ☞ପୃଷ୍ଠା-୨

# ୪ବର୍ଷର ଶିଶୁକୁ ବଳାତ୍କାର, ହତ୍ୟା

- ଢେଙ୍କାନାଳ ଜିଲାରେ ସୀମା ଟପିଲା ବର୍ବରତା
- ଖେଳିବାକୁ ଯାଇ ଗୁରୁବାରଠାରୁ ନିଖୋଜ ଥିଲେ
- ନାଳ ପାଖରୁ ମିଳିଲା କ୍ଷତବିକ୍ଷତ ମୃତଦେହ
- ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍ , ୫ ଅଟକ

**ଢେଙ୍କାନାଳ ଅଫିସ/କାମାକ୍ଷାନଗର/କାଳିଆପାଣି(ଡି.ଏନ୍.ଏ.), ୧୩।୧୧**

ଢେଙ୍କାନାଳ-ଯାଜପୁର ସୀମାନ୍ତ କଙ୍କଡ଼ାହାଡ଼ ଥାନା ଖରଖରି ଗ୍ରାମରେ ଜଣେ ୪ବର୍ଷର ଶିଶୁଙ୍କୁ ବଳାତ୍କାର ପରେ ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେତେଜଣ ବ୍ୟକ୍ତି ଏପରି ଜଘନ୍ୟକାଣ୍ଡ ଘଟାଇଥିବା ମୃତ ଶିଶୁକନ୍ୟାଙ୍କ ବାପା ଅଭିଯୋଗ କରିଛନ୍ତି। ଏପରି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ☞ପୃଷ୍ଠା-୧୧


**ପବିତ୍ର ଦୀପାବଳି-୨୦୨୦ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ଆନନ୍ଦ ଓ ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ। ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରୁଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-60
OIPR-15001/13/0101/2021

**ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା**



ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

ଟୀକା ବାହାରିବା ପର୍ଯ୍ୟନ୍ତ ଆମେ କୋଭିଡ଼ ନିୟମାବଳୀର ପାଳନ ଯଥା- ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଅତ୍ୟନ୍ତ ଜରୁରୀ । ଆତସବାଜି ନ ଫୁଟାଇ କେବଳ ଦୀପ ଜଳାଇ ଚଳିତ ବର୍ଷ ଦୀପାବଳୀ ପାଳନ କରିବା ପାଇଁ ସମସ୍ତଙ୍କୁ ମୋର ଅନୁରୋଧ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-60
OIPR-15001/13/0101/2021

**ପବିତ୍ର ଦୀପାବଳି – ୨୦୨୦ ଉପଲକ୍ଷେ ବାର୍ତ୍ତା**



ପବିତ୍ର ଦୀପାବଳିର ଶୁଭ ଅବସରରେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଦୀପାବଳି ପାଳନ ଯୋଗୁଁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ, କରୋନା ସଂକ୍ରମିତଙ୍କ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରୁଥିବାରୁ ସରକାରଙ୍କ ତରଫରୁ ଚଳିତ ବର୍ଷ ଦୀପାବଳିକୁ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କରୋନା ସଂକ୍ରମଣ ବିରୁଦ୍ଧରେ ଜାରି ରହିଥିବା ଏହି ଲଢ଼େଇରେ ସମସ୍ତେ ସାମିଲ ହୋଇ ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-60
OIPR-15001/13/0101/2021

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅନୁଭା ପରିବାରବର୍ଗ


କୁନିପୁଅ ପରିବାରବର୍ଗ


ସୋନମ ସାହୁ ପରିବାରବର୍ଗ


ମାନସ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଟୋଲ୍ ଫି ଲାଭ ...

କାରଣ ପାଣିକୋଇଲିଠାରୁ ଆଖୁଆପଦା ମାତ୍ର ୭ କିଲୋମିଟର। ଏଭଳିସ୍ଥଳେ ପ୍ରସ୍ତାବିତ ବଦଳ ଟୋଲପ୍ଲାଜାରୁ ଆଖୁଆପଦା ୫୪ କିଲୋମିଟର ହେବ। ସ୍ଥାନୀୟ ବାସିନ୍ଦା ସର୍ବେଷର ବେହୁରା କୁହନ୍ତି, ଏନ୍‌ଏଚ୍‌ଏଆଇ ନିୟମ ଅନୁଯାୟୀ ଆଖୁଆପଦା ପରିବର୍ତ୍ତେ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ନିକଟରେ ଟୋଲପ୍ଲାଜା ହେଲେ ଦୂରତା ବିବାଦ ରହିବ ନାହିଁ। ହେଲେ ଏଠାରେ ଟୋଲପ୍ଲାଜାର ଦୂରତା ବଢ଼ାଇବା ପରିବର୍ତ୍ତେ କମାଇବାକୁ ଚେଷ୍ଟା କରାଯାଇଛି। ଏହାବାଦ୍ ଚଣ୍ଡିଖୋଲଠାରୁ ପାରାଦୀପ ୫୩ ନମ୍ବର ଏନ୍‌ଏଚ୍‌ରେ ଥିବା ଶ୍ରୀରାମପୁର ଟୋଲ୍‌ପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର ପ୍ରସ୍ତାବ ଅଦ୍ୟାବଧି କମ୍ ଦୂରତାରେ ଏକାଧିକ ଥର ଟୋଲ୍ ଫି ଦେଇ ଅଞ୍ଚଳବାସୀ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି।

ଯାଜପୁର ଜିଲାର ୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓ ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ସମସ୍ୟା ଅସମାହିତ ହୋଇରହିଛି। ପାଣିକୋଇଲି ଟୋଲ୍‌ପ୍ଲାଜାକୁ ପୂର୍ବରୁ ନେଇଥିବା ଠିକାସଂସ୍ଥା ସାହାକାର ପ୍ରାଇଭେଟ ଲିଃ ବାଦ୍ ପଡିଥିବାବେଳେ ଏକ ନୂତନ ଠିକାସଂସ୍ଥା ଡିକାର ପ୍ରାଇଭେଟ ଲିଃକୁ ଦୈନିକ ପ୍ରାୟ ୩୨ ଲକ୍ଷ ଟଙ୍କାରେ ଲିଜ୍ ମିଳିଛି। ପୁଣି ଏକ ନୂତନ ସଂସ୍ଥା ହାଇୱେ ଟଣ୍ଡନ ଏହି ଟୋଲପ୍ଲାଜା ଲିଜ୍‌ରେ ନେଇଛି ବୋଲି ସୂଚନା ମିଳିଛି। କିନ୍ତୁ ବିଡ଼ମ୍ବନା ଯେ, ଏନ୍‌ଏଚ୍‌ଏଆଇର ଗାଇଡଲାଇନକୁ ଉଲ୍ଲଂଘନ କରି ବେଆଇନ ଭାବେ ଚାଲିଥିବା ଉପରୋକ୍ତ ଦୁଇ ଟୋଲ୍‌ପ୍ଲାଜାକୁ ସ୍ଥାନାନ୍ତର ନିର୍ଦ୍ଦେଶକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହିକ୍ରମରେ ୫୦ କି.ମି. ଦୂରତା ମଧ୍ୟରେ ୪ଟି ଟୋଲ୍‌ପ୍ଲାଜାରେ ଫି ଦେଇ ଗାଡ଼ି ମାଲିକମାନେ ବହୁ ଖର୍ଚ୍ଚାନ୍ତ ହେଉଥିବା ଆନନ୍ଦପୁରର ଗାଡ଼ିମାଲିକ ଦାଉ ଅଧ୍ୟାପକ ଜିମୁତବରଣ ଦାସ କହିଛନ୍ତି। ବିଶେଷ କରି ଭୁବନେଶ୍ୱରଠାରୁ ଯାଜପୁର ଜିଲା ଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ହସନପୁର ଆଦି ୩ ଟୋଲ୍‌ପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ପାଣିକୋଇଲି ଟୋଲ୍‌ପ୍ଲାଜାଠାରୁ ହସନପୁର ଟୋଲ୍‌ପ୍ଲାଜା ମଧ୍ୟରେ ଦୂରତା ମାତ୍ର ୩୮ କିଲୋମିଟର ହୋଇଥିବାରୁ ମଧ୍ୟ ବିପୁଳ ଟୋଲ ଫି ଲୋଭ ଘୋଡ଼ୁ ସବୁ ସରକାରୀ ନିୟମକୁ ଦଳିମକଚି ଦିଆଯାଉଛି ବୋଲି ଅଧ୍ୟାପକ ଦାସ କହିଛନ୍ତି।

ସୂଚନାଥାଉ କି ୬ ନମ୍ବର ଜାତୀୟ ରାଜପଥରେ ୫୨ କି.ମି. ଦୂରତା ମଧ୍ୟରେ ରହିଥିବା ପାଣିକୋଇଲି ଓ ମଙ୍ଗୁଳି ଟୋଲ୍‌ପ୍ଲାଜାରୁ ଦୈନିକ ମୋଟ ପ୍ରାୟ ଏକ କୋଟି ଟଙ୍କା ଟୋଲ୍ ଫି ଆଦାୟ ଚାଲିଛି। ନିୟମ ଉଲ୍ଲଂଘନ କରାଯାଇ ଟୋଲ୍ ଫି ଆଦାୟ କରାଯିବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ମଙ୍ଗୁଳି ଟୋଲ୍‌ପ୍ଲାଜାକୁ ବଦଳ, ପାଣିକୋଇଲି ଟୋଲ୍‌ପ୍ଲାଜାକୁ ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲ୍‌ପ୍ଲାଜାକୁ ମାର୍ଶାଘାଇକୁ ସ୍ଥାନାନ୍ତର କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ତିନି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯/୧୭/୨୦୧୬ରେ ୱାର୍କସ୍ ସେକ୍ରେଟାରୀଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଏଯାଏ ଆଖୁଆପଦାଠାରେ ଜମି ଅଧିଗ୍ରହଣ ନେଇ ପ୍ରଶାସନିକ ତତ୍ପରତା ନାହିଁ ବୋଲି କୁହାଯାଉଛି। ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ପାଣିକୋଇଲି ଟୋଲ୍‌ଗେଟ୍ ନିକଟରେ ହୋଇସାରିଛି। କିନ୍ତୁ ଆଗକୁ ଅଧିକ ଲାଭ ଆଶାରେ ଏହି ଟୋଲଗେଟ୍ ସ୍ଥାନାନ୍ତର ହେବା ଆଶା କ୍ଷୀଣ ନାହିଁ ବୋଲି ଅଧ୍ୟାପକ ଦାସ କହିଛନ୍ତି। କହିବାବାହୁଲ୍ୟ ଯେ, କେତେକଣ ପ୍ରଭାବଶାଳୀଙ୍କ ଇଙ୍ଗିତରେ ପାଣିକୋଇଲି ଟୋଲ୍‌ଗେଟ୍‌ରେ ଆଦାୟ ହେଉଥିବା ଲାଭ ଅର୍ଥକୁ ମିଳିମିଶି ବଣ୍ଟାଯାଉଥିବାରୁ କୌଣସି ନିର୍ଦ୍ଦେଶ ଏଠାରେ କାର୍ଯ୍ୟକାରୀ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କି.ମି. ୬ ଲେନ୍ ରାସ୍ତା ସମ୍ପ୍ରସାରଣ ସମୟରେ ପାଣିକୋଇଲି ଟୋଲପ୍ଲାଜା ଆଖୁଆପଦାକୁ ସ୍ଥାନାନ୍ତର ହେବ ବୋଲି ୨୦୧୮ ନଭେମ୍ବରରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ମିଳିଥିଲା। ତାହା ବି ସୂଚନା ମଧ୍ୟରେ ସୀମିତ ରହିଯାଇଛି। ପାଣିକୋଇଲି ଟୋଲ୍‌ପ୍ଲାଜାରେ କେନ୍ଦୁଝର, ଯୋଡ଼ା, ସୁକିନ୍ଦା, କୋଇଡ଼ା ଆଦି ଅଞ୍ଚଳରୁ ଖଣି ପରିବହନରେ ଦୈନିକ ବିପୁଳ ଟଙ୍କା ଆଦାୟ ହେଉଛି। ଆଖୁଆପଦାକୁ ସ୍ଥାନାନ୍ତର ହେଲେ ଟୋଲ୍ ଫି ଆଦାୟ କମିଯିବା ଆଶଙ୍କାରେ ଲୋକଙ୍କ ସ୍ୱାର୍ଥ ଓ ଏନ୍‌ଏଚ୍‌ଏଆଇର ଗାଇଡଲାଇନ ସହିତ ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଟୋଲ୍‌ପ୍ଲାଜା ୟୁନିୟନ ସଭାପତି ଅଜୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଏନ୍‌ଏଚ୍‌ଏଆଇ ତରଫରୁ ଏଯାଏ କୌଣସି ଠିକ୍ ସୂଚନା ମିଳିନାହିଁ। କୌଣସି ମୁହୂର୍ତ୍ତରେ କିଛି ବି ନିଷ୍ପତ୍ତି ହୋଇପାରେ।

## ଓଡ଼ିଶାକୁ ଅତିରିକ୍ତ ୧୨୮ ...

ଦିଆଯାଉଛି। ବାତ୍ୟା 'ନିସର୍ଗ'ରେ ପ୍ରଭାବିତ ମହାରାଷ୍ଟ୍ରକୁ ୨୬୮.୫୯ କୋଟି ଟଙ୍କା ପ୍ରଦାନ କରାଯାଉଛି। ସେହିପରି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଯୋଗୁ ଲଗାତବର୍ଷା, ବାତ୍ୟା, ଭୂସ୍ଖଳନଜନିତ କ୍ଷୟକ୍ଷତି ଲାଗି କର୍ଣ୍ଣାଟକକୁ ୫୭୭.୮୪ କୋଟି, ମଧ୍ୟପ୍ରଦେଶକୁ ୬୧୧.୬୧ କୋଟି ଏବଂ ସିକ୍କିମକୁ ୮୭.୮୪ କୋଟି ଟଙ୍କା ପ୍ରଦାନ କରାଯାଉଛି। ଗତ ମେ' ୨୦ରେ ବାତ୍ୟା 'ଅମ୍ଫାନ' ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଥିଲା। ଏଥିଯୋଗୁ ରାଜ୍ୟର ୧୦ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟାର ଦିନକ ପରେ ଅର୍ଥାତ୍ ମେ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଗସ୍ତକରି ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଜିଲା ପରିଦର୍ଶନ କରିଥିଲେ। ତତ୍କାଳ କ୍ଷତି ଭରଣା ପାଇଁ ଓଡ଼ିଶାକୁ ଆଗୁଆ ୫୦୦ କୋଟି ଏବଂ ପଶ୍ଚିମବଙ୍ଗ ଲାଗି ୧ ହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ। ମେ ୨୩ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ସହାୟତା ଉଭୟ ରାଜ୍ୟକୁ ମିଳିଥିଲା। ଏଥିସହିତ ବାତ୍ୟାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ଘୋଷଣା କରାଯାଇଥିଲା। ଜୁନ୍ ୪ ଏବଂ ୫ରେ ୭ ଜଣିଆ କେନ୍ଦ୍ରୀୟ ଟିମ୍ ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତସିଂହପୁର ଏବଂ ଭଦ୍ରକ ଜିଲା ପରିଦର୍ଶନ କରି କ୍ଷୟକ୍ଷତି ଦେଖିଥିଲେ।

ସୂଚନାଯୋଗ୍ୟ, ଉପକୂଳବର୍ତ୍ତୀ ଜିଲାରେ ହୋଇଥିବା କ୍ଷୟକ୍ଷତିର ଭରଣା ପାଇଁ ରାଜ୍ୟ ସରକାର ୧୭,୨୭୩ କୋଟି ଟଙ୍କାର ଦୃତାନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୧,୧୧୪ କୋଟି, ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିମନ୍ତେ ୪,୧୫୨ କୋଟି, ସମୁଦ୍ର ପାଣି ଅଟକାଇବାକୁ ଭୁଭାବନ୍ଧ ଲାଗି ୬୬୭ କୋଟି, ରିଲିଫ୍ ଓ ଥଇଥାନ ପାଇଁ ୨୦୨ କୋଟି ଟଙ୍କାର ପ୍ରସ୍ତାବ ରହିଥିଲା।

ପ୍ରଥମ ପୃଷ୍ଠାରୁ...

## ୪ ଯବାନ ଶହୀଦ, ...

ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ଏଥିରେ ଆହୁରି ୪ ଯବାନ ଓ ୮ ନାଗରିକ ଆହତ ହୋଇଛନ୍ତି। ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କ ଅନେକ ଲଞ୍ଚପ୍ୟାଡ୍ ଓ ପାକିସ୍ତାନୀ ସେନାର ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ଅପରେଶନ ବେଳେ ପାକିସ୍ତାନର ୭ ସୈନ୍ୟ ନିହତ ହୋଇଥିବା ଜଣାପଡ଼ିଛି।

ଶ୍ରୀନଗରରେ ପ୍ରତିରକ୍ଷା ମୁଖପାତ୍ର କର୍ଣ୍ଣେଲ ରାଜେଶ କାଲିଆ କହିଛନ୍ତି, ଉତ୍ତର କଶ୍ମୀରର କେରାନରୁ ଉରି ସେକ୍ଟର ପର୍ଯ୍ୟନ୍ତ ପାକିସ୍ତାନୀ ସେନା ଅସ୍ତବିରତି ଉଲ୍ଲଂଘନ କରିଥିଲା। ହାଜି ପୀର ସେକ୍ଟରରେ ଶତ୍ରୁପକ୍ଷର ଗୁଳିମାଡ଼ରେ ଜଣେ ବିଏସ୍‌ଏଫ୍ ସବ୍‌ଇନ୍‌ସପେକ୍ଟର ଚଳିପଡ଼ିଥିବାବେଳେ ଭାରତୀୟ ସେନାର ଜଣେ କ୍ୟାପ୍‌ଟେନ ଓ ୨ ଯବାନ ଶହୀଦ ହୋଇଛନ୍ତି। କମାଲକୋଟ୍ ଓ ଉରି ସେକ୍ଟରରେ ୨ ନାଗରିକଙ୍କ ମୃତ୍ୟୁ ଘଟିଛି। ପୀର ହାଜି ସେକ୍ଟରର ବାଲାକୋଟ ଅଞ୍ଚଳରେ ଜଣେ ମହିଳା ଗୁଳିମାଡ଼ରେ ନିହତ ହୋଇଛନ୍ତି। ଅନ୍ୟ ସେକ୍ଟରଗୁଡ଼ିକରେ ୩ ନାଗରିକଙ୍କ ଜୀବନ ଯାଇଛି। ବାରାମୁଲା ସଂଲଗ୍ନ ଏଲ୍‌ଓସିରେ ମୁତୟନ ଥିବା ବିଏସ୍‌ଏଫ୍ ସବ୍‌ଇନ୍‌ସପେକ୍ଟର ରାକେଶ ଡୋଭାଲ(୩୯) ଅପରାହ୍ନ ୧ଟା ୧୫ରେ ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ଶହୀଦ ରାକେଶ ଉତ୍ତରାଖଣ୍ଡର ଋଷିକେଶ ବାସିନ୍ଦା ଓ ସେ ୨୦୦୪ରେ ବିଏସ୍‌ଏଫ୍‌ରେ ଯୋଗଦେଇଥିଲେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଜଣେ ଶହୀଦ ହେଲେ କନଷ୍ଟେବଲ ବାସୁ ରାଜୁ। ସେ ମଧ୍ୟ ବାରାମୁଲାରେ ମୁତୟନ ହୋଇ ଶତ୍ରୁଙ୍କ ଜବାବ ଦେବାବେଳେ ତାଙ୍କ ଦେହରେ ଗୁଳି ବାଜିଥିଲା।

ପାକିସ୍ତାନୀ ସୈନ୍ୟ ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରିଥିବାବେଳେ କେରାନ୍ ସେକ୍ଟରରେ ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ସତର୍କ ଓ ସଜାଗ ଯବାନମାନେ ସନ୍ଦିଗ୍ଧ ଗତିବିଧି ଅନୁଧ୍ୟାନ କରିବା ପରେ ଏହାର ମୁହଁତୋଡ଼ ଜବାବ ଦେଇ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲେ। ଏଥିରେ ଆତଙ୍କବାଦୀଙ୍କ କେତୋଟି ଆସ୍ଥା ଓ ପାକିସ୍ତାନୀ ସେନାର ଶିବିର ଧ୍ୱଂସ ହୋଇଯାଇଛି। ଏହାସହ ସେନାଙ୍କ ୨ ଏସ୍‌ଏସ୍‌ଜି କମାଣ୍ଡୋଙ୍କ ସମେତ ୭ ସୈନ୍ୟ ପ୍ରାଣ ହରାଇଛନ୍ତି। ଅନ୍ୟ ୧୦ରୁ ୧୨ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଭାରତୀୟ ସେନା ଜାରି କରିଥିବା ବିବୃତିରେ କୁହାଯାଇଛି ଯେ, ପାକିସ୍ତାନ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସୀମାନ୍ତବର୍ତ୍ତୀ ନାଗରିକଙ୍କୁ ଟାର୍ଗେଟ କରି ଦୱାର, କେରାନ୍, ଉରି ଓ ନୌଗାମ ସମେତ ଅନେକ ସେକ୍ଟରରେ ଆଣ୍ଟ୍ରୁକ ଗୁଳି ଚଳାଇବା ସହ ମୋର୍ଟାର ମାଡ଼ କରିଥିଲା। ଏହାର କଡ଼ା ଜବାବ ଦିଆଯାଇଛି। ଏଥିରେ ପ୍ରତିପକ୍ଷର ପ୍ରଭୂତ କ୍ଷତି ହୋଇଛି। ଏହା ହେଉଛି ସପ୍ତାହେ ମଧ୍ୟରେ ପାକିସ୍ତାନର ଦ୍ୱିତୀୟ ଅନୁପ୍ରବେଶ ଉଦ୍ୟମ। ଗତ ୭/୮ ତାରିଖରେ ମାଛିଲ ସେକ୍ଟରରେ ଅନୁରୂପ କାଣ୍ଡ କରୁଥିବାବେଳେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ୩ ଆତଙ୍କବାଦୀ ନିହତ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଦିନଟି ଆପଣଙ୍କର ବିଳାସବ୍ୟସନରେ କଟିବ। ପ୍ରଭୁଏକ ଯାତ୍ରାରେ ବନ୍ଧୁମିଳନ ସହ ନୂତନ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ବ୍ୟକ୍ତିଙ୍କୁ ଗଭୀର ବିଶ୍ୱାସ କଲେ ପ୍ରତାରିତ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ବୃଷ**

ଦିନଟିରେ ମନୋରଞ୍ଜନ, ଭ୍ରମଣରେ ମାତି ଗୃହକାମରେ ଅବହେଳା କରିପାରନ୍ତି। ଯେଉଁ ଲୋକଟି ବିଷୟରେ ଚିନ୍ତା କରୁଛନ୍ତି ସେହି ଲୋକଟି ହଠାତ୍ ଆପଣଙ୍କ ପାଖକୁ ଆସିପାରେ। ଅଟକି ରହିଥିବା କାମ ଜଣେ ମହିଳାଙ୍କ ସହାୟତାରେ ପୂର୍ଣ୍ଣାଙ୍ଗ ହେବ। ଉପର ଅଧିକାରୀ ଆପଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବେ।

**ମିଥୁନ**

କର୍ମକ୍ଷେତ୍ରରେ ବିବାଦର ଅବସାନ ଘଟିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ କିଛି ସମୟ ପରେ ସଫଳତା ମିଳିବ। ଶିକ୍ଷା, ସନ୍ତାନ, ବନ୍ଧୁ କିମ୍ବା ବୟୋଜେଷ୍ଠଙ୍କ ସହ ଆଜିର ଆଲୋଚନା ଫଳପ୍ରଦ ହୋଇ ନପାରେ। ଆର୍ଥିକ ଦିଗଟି ଭଲ ରହିଲେ ମଧ୍ୟ ଦୈନ୍ୟତା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି।

**କର୍କଟ**

ସମସ୍ୟା କମିବା ସହିତ ଚେଷ୍ଟା କରୁଥିବା କାମରୁ ପ୍ରତିରୋଧ ଦୂରେଇଯିବ। ଅନ୍ୟମାନଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇ ଟେନ୍‌ସନକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ ନେଇ ଅପଦସ୍ଥ ହେବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ଉଚ୍ଚ ପ୍ରଶଂସିତ ହେବେ।

**ସିଂହ**

ଯାତ୍ରା ସମୟରେ କୌଣସି ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ ବିଦ୍ୟୁତ୍ ଆଘାତ, ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କୌଣସି ଘଟଣାକୁ ବାରମ୍ବାର ଚିନ୍ତା କରି ମାନସିକ ଭାରସାମ୍ୟ ହରାଇବେ।

**କନ୍ୟା**

ପ୍ରତ୍ୟେକ କାମକୁ ଭାବିଚିନ୍ତି ନ କଲେ ଭଲ ହେବା ବଦଳରେ ଓଲଟା ଫଳ ମିଳିବ। ପର କଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା**

ଧୀରେ ଧୀରେ ଅବସ୍ଥା ସ୍ୱାଭାବିକ ଦିଗକୁ ଗତି କରିବା ଫଳରେ ମାନସିକ ଅସ୍ଥିରତା ଦୂର ହେବ। କଚେରି ମାମଲାରେ ମଙ୍ଗଳ ଉଦ୍‌ବେଗର କାରଣ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରି କାର୍ଯ୍ୟ ହାସଲ କରିପାରନ୍ତି। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ୍ୟ ହେବେ।

**ବିଛା**

ବିଭିନ୍ନ ସମସ୍ୟା ମଧ୍ୟରେ ମାନସିକ ସ୍ଥିରତା ରହିବ ନାହିଁ। କୌଣସି ଆପତ୍ତିଜନକ କାମରେ ନିଜକୁ ସାମିଲ କରି ବିଚଳିତ ହୋଇପାରନ୍ତି। ପୂର୍ବ ଯୋଜନା ଅନୁସାରେ କେତେକ କାମ ନ ହେବା କାରଣରୁ ସବୁ ପ୍ରକାର ସୁବିଧା ଥାଇ ମଧ୍ୟ କୌଣସି କାମରେ ମନ ଲାଗିବ ନାହିଁ। ପଡ଼ିଶାଙ୍କ ସହ ମନାନ୍ତରର ସମାଧାନ ହୋଇଯିବ।

**ଧନୁ**

କର୍ମକ୍ଷେତ୍ରରେ କ୍ରମଶଃ ସମସ୍ୟା ଘୁଞ୍ଚିଯିବା କାରଣରୁ ମନ ହାଲୁକା ଲାଗିବ। ସନ୍ତାନଙ୍କ ଶିକ୍ଷା, ଗବେଷଣା, ଦୂରଯାତ୍ରା, ବ୍ୟୟବହୁଳ ହୋଇପାରେ। ଅସାବଧାନତା ହେତୁ ଧନହାନିର ପୂର୍ଣ୍ଣ ସମ୍ଭାବନା ରହିଛି। କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି ଶତ୍ରୁ ଉପଦ୍ରବ କମ୍ କରିପାରନ୍ତି, କିନ୍ତୁ ଆଶଙ୍କା ଲାଗି ରହିବ।

**ମକର**

ଆକସ୍ମିକ ଭାବରେ ବନ୍ଧୁମାନଙ୍କ ନିକଟରୁ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ଉଚ୍ଚଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ସୁଫଳ ମିଳିବ। ବିଚଳିତ ହୋଇ ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଅନ୍ୟର ଦୁରାଭିସନ୍ଧିକୁ ବୁଝି ନ ପାରି ସମସ୍ୟା ମଧ୍ୟକୁ ଟାଣି ହୋଇପାରନ୍ତି।

**କୁମ୍ଭ**

ଅଧିକାଂଶ ସମୟ ଘରେ ଅଶାନ୍ତି ଓ କାମଗୁଡ଼ିକ ଠିକ୍ ଭାବେ ନ ହେବାରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଅଫିସ୍ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ସମସ୍ୟା ଦୂରେଇଯିବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ, ମାତ୍ର ବିଶେଷ ଅସୁବିଧା ହେବ ନାହିଁ।

**ମୀନ**

ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ଯୋଜନାରେ ଅଗ୍ରଗତି, ଆନୁଷ୍ଠାନିକ ସାହାଯ୍ୟ ଲାଭ ପରିସ୍ଥିତିକୁ ପ୍ରତିବନ୍ଧକ ମୁକ୍ତ କରାଇବ। ପରିବାରରୁ ଆଶାନୁରୂପ ସ୍ନେହ, ସହାନୁଭୂତି ପାଇବା କମିଯାଇପାରେ। କୌଣସି ବନ୍ଧୁବଣର ରୋଗ ନଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ସତ୍ସଙ୍ଗ ଓ ଧର୍ମ, ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ, ଦିବା ଘ.୦୨।୧୮ ଗତେ ଦୀପାବଳି ଅମାବାସ୍ୟା, ପୟାଶ୍ରାଦ୍ଧ, କାଳୀପୂଜା, ନଭେମ୍ବର ୧୪ ତାରିଖ, ଶନିବାର, ବିଶ୍ୱ ମଧୁମେହ ଦିବସ, ଶିଶୁଦିବସ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲଙ୍କ ଜୟନ୍ତୀ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ (ନଭେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ), ଅମାବାସ୍ୟାର ନିଶାପଳନ, (ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ରାତ୍ର ଘ.୦୮।୦୯ ଗତେ ବିଶାଖା ନକ୍ଷତ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅମାବାସ୍ୟାର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୫୮ ଗତେ ଘ.୦୬।୪୨ ମଧ୍ୟେ, ଦିବା ଘ.୦୨।୨୯ ଗତେ ଘ.୦୫।୦୫ ମଧ୍ୟେ, ଘ.୧୧।୫୩ ଗତେ ଘ.୦୩।୩୪ ମଧ୍ୟେ ଗତେ ଘ.୦୫।୦୩ ମଧ୍ୟେ ଅମୃତବେଳା। ଦିବା ଘ.୦୮।୪୪ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ।

## କ୍ଷମା ମାଗିବିନି ...

ଏଥିସହିତ ଦେଶର ସୁପ୍ରିମକୋର୍ଟକୁ ସୁପ୍ରିମ ଜୋକ୍ ବୋଲି ସେ ଟୁଇଟ୍ କରିଥିଲେ। ଏଥିପାଇଁ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ଲାଗି ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଗୁରୁବାର ଅନୁମତି ପ୍ରଦାନ କରିଥିଲେ। କୁନାଲଙ୍କ ଟୁଇଟ୍ ଅତ୍ୟନ୍ତ ଆପତ୍ତିଜନକ ଓ ଏହା ଅଦାଲତର ଅପରାଧିକ ଅବମାନନା ବୋଲି ବେଣୁଗୋପାଳ ତାଙ୍କ ଅନୁମତି ପତ୍ରରେ ଉଲ୍ଲେଖ କରିଥିଲେ। ସୁପ୍ରିମକୋର୍ଟ କୁନାଲଙ୍କ ଟୁଇଟ୍ ଉପରେ ଏପର୍ଯ୍ୟନ୍ତ କିଛି ଘୋଷଣା କରିନାହାନ୍ତି। ଯେତେବେଳେ ସେମାନେ ଏହାକୁ ଅଦାଲତ ଅବମାନନା ଘୋଷଣା କରିବେ ତାହା ପୂର୍ବରୁ ନିଶ୍ଚୟ ହସିବେ ବୋଲି ସେ ଆଶା କରୁଥିବା କୁନାଲ କହିଛନ୍ତି। କୁନାଲ ତାଙ୍କର ଅନ୍ୟ ଏକ ଟୁଇଟ୍‌ରେ ସୁପ୍ରିମକୋର୍ଟରୁ ମହାତ୍ମା ଗାନ୍ଧୀଙ୍କ ଫଟୋ କାଢ଼ିଦେଇ ତାହା ସ୍ଥାନରେ ହରିଶ ସାଲଭେଙ୍କ ଫଟୋ ଏବଂ ଜବାହରଲାଲ ନେହେରୁଙ୍କ ସ୍ଥାନରେ ମହେଶ ଜେଠମାଲାନିଙ୍କ ଫଟୋ ଲଗାଇବାକୁ କହିଥିଲେ।

୨୦୧୮ର ଏକ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ମାମଲାରେ ଗିରଫ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିବା ପରେ କୁନାଲ ସର୍ବୋଚ୍ଚ ଅଦାଲତକୁ ସମାଲୋଚନା କରିବାକୁ ଯାଇ ୪ଟି ଟୁଇଟ୍ କରିଥିଲେ। ହାଇକୋର୍ଟଙ୍କର ରାୟ ପ୍ରଦାନ ବେଳେ ବ୍ୟକ୍ତିଗତ ସ୍ୱାଧୀନତାକୁ କାଏମ ରଖିବା ଆବଶ୍ୟକ ବୋଲି ଜାମିନ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ କହିଥିଲେ। ଦେଶରେ ବ୍ୟକ୍ତିସ୍ୱାଧୀନତା ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଯଦି ଅଦାଲତ ଏଥିରେ ହସ୍ତକ୍ଷେପ ନ କରେ ତେବେ ଆମେ ଧ୍ୱଂସ ପଥରେ ଅଗ୍ରସର ହେବା ବୋଲି ସେ କହିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଏଭଳି ମନ୍ତବ୍ୟକୁ କୁନାଲଙ୍କ ସମେତ ଅନେକେ ସୋସିଆଲ ମିଡ଼ିଆ ବ୍ୟବହାରକାରୀ ସମାଲୋଚନା କରିଛନ୍ତି। ଅନ୍ୟ ଖବରଦାତା ଓ ସାମାଜିକ କର୍ମୀଙ୍କ କ୍ଷେତ୍ରରେ ସମାନ ନୀତି କାହିଁ ପାଇଁ ଲାଗୁ ହେଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେବେ କୁନାଲଙ୍କ ଟୁଇଟ୍ ବିରୋଧକରି ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚଳାଇବା ଲାଗି ଆଟର୍ନି ଜେନେରାଲଙ୍କ ଅନୁମତି ନିମନ୍ତେ ୧୦ ଜଣ ପତ୍ର ଲେଖିଥିଲେ। ସେଥିରୁ ଗୋଟିଏ ଚିଠି ସେ ଅନୁମୋଦନ କରିଛନ୍ତି।


# classifieds Everyday
0674-2580101, 2549302




SALE

Diwali bumper discount on purchase of remaining two/ three BHK apartment flat one number each (finishing within four months). 500 MTR from NH-5 (Sani Mandira) Patrapada, Bhubaneswar. 9238326233, 9040072544. D-38575

ପୁରୀ ବାଟମଙ୍ଗଳା ସମ୍ମୁଖ ନୂଆ ବାଇପାସରୋଡ଼ ପାଖରେ 1000sqft. କାଗଜପତ୍ର 2 Bedroom, 2 Bathroom, Drawing cum Dinning, Kitchen and Garage ମାତ୍ର 24ଲକ୍ଷ। Installment ସୁବିଧା ଅଛି। Call:9438109040, 8144658008. D-18950

ଆଦ୍ୟାନ୍ତ College ପାଖରେ ଗଙ୍ଗପଡ଼ା ମୌଜାରେ 2400sqft.ରେ ଦୁଇଟି plot ବିକ୍ରିହେବ। Hostel ପାଇଁ ଉପଯୋଗୀ। 8455887521 D-18907

Plot sale near AIIMS Hospital, Bhubaneswar with 30' Road. 8456850883. D-69199

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

G.A plot for sale at Ghatikia 2400 (60x40) Contact only genuine buyer. Phone- 7978627900 D-67763

Ready to move Duplex for sale at DHPL Villa One Kalarahanga. Contact- 9937059891 D-18830

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165 D-18838

3BHK under construction duplex for sale near SUM Hospital. 56 lakh. Buyers contact- 6370446556 (No Broker) D-70016

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

10 Acer land for immediate sale Puri Town at Puri. Interested buyers please contact Deepak-9937329999. D-69933

Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633. D-70103

Different type of land available in Bhubaneswar, Khurda, Jatani, Cuttack. Accept any option. 6371370717, 7077085002. D-46548

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଛି Sqft.650/- 7008045582, 9692003948 D-18856

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ଗ୍ରିଡବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70101




2BHK+Drawing Room with 2 bathrooms & reserved parking at Sailashree Vihar, Bhubaneswar. 9437051142. D-18858

1Room, with attached bathroom, kitchen & balcony at Barabari, near Khandagiri, Bhubaneswar. 9437051142. D-18859

Godown space available near Puri bypass area 18000/-, open space 15000/-. 9938125254 D-18598




Newly open relaxing massage male/ female therapist. Contact- 9861193818, 8018656899 D-59970

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate Ayurvedic full body massage by smart therapist. 9348123330. D-70020

Newly open Spa Centre smart therapist full body massage: 8114970372. D-59971

Swarna SPA newly open positively health benefits with expert therapist. 9556978408. D-70017

Get refreshment body massage by expert therapist contact for 7205084157. D-70018

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices985399 9966@gmail.com D-18864


ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୫୦/- ରେ। ରଙ୍ଗୀନ ୫୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Happy Birthday

Manas kumar
Wishing you a day filled with Happiness and a year filled with joy. Happy Birthday and God bless you.
With best compliments from- U.M.Vision
D-70021

ଜନ୍ମଦିନ ଶୁଭେଚ୍ଛା

ଅନୁଭା ସାହୁ
ସାହାପୁର, ଜେନ୍‌ପୁର, କେନ୍ଦୁଝର
ଆଜି ତୋର ସପ୍ତମ ଜନ୍ମଦିନରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋ ଜୀବନ ସୁଖମୟ ହେଉ ...
-: ଶୁଭେଚ୍ଛା ସହ :-
ବାପା, ମା', ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଭାଇ, ଭଉଣୀ ଓ ସମସ୍ତ ପରିବାରବର୍ଗ।
D-18789

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Email ମାଧ୍ୟମରେ କ୍ଲାସିଫାଏଡ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୩୪,୧୯,୯୦୭ | ୧୩,୦୪,୨୮୬ | ୩,୭୩,୮୦,୦୮୪ |
| ଭାରତ | ୮୭,୬୧,୪୯୯ | ୧,୨୯,୧୦୦ | ୮୧,୫୧,୬୫୫ |
| ଓଡ଼ିଶା | ୩,୦୭,୦୦୪ | ୧୪୯୫(+୫୩) | ୨,୯୫,୨୪୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# କ୍ୟୁଆର୍‌ଏସ୍‌ଏମ୍‌ର ପରୀକ୍ଷଣ



କ୍ୟୁଆର୍‌ଏସ୍‌ଏମ୍ କ୍ଷେପଣାସ୍ତ୍ର।

**ବାଲେଶ୍ୱର ଅଫିସ,୧୩।୧୧**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର୍ (ସମନ୍ୱିତ ପରୀକ୍ଷା ପରିସର)ର ୩ନଂ. ଲଞ୍ଚପ୍ୟାଡ୍‌ରୁ ଶୁକ୍ରବାର କ୍ୟୁଆର୍‌ଏସ୍‌ଏମ୍ ପରୀକ୍ଷଣ ହୋଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ଦ୍ୱାରା ବିକଶିତ ହୋଇଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୦କି.ମି.। ସ୍ଥଳଭାଗରୁ ଆକାଶମାର୍ଗରେ ଶତ୍ରୁପକ୍ଷର ଏୟାରକ୍ରାଫ୍ଟକୁ ଧ୍ୱଂସ କରିପାରିବାର କ୍ଷମତା ଏହି କ୍ଷେପଣାସ୍ତ୍ରର ରହିଥିବା ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ୧୫ଶହ ଛୁଇଁବ କରୋନା ମୃତ୍ୟୁ

## ଆଉ ୧୦୨୨ ପଜିଟିଭ୍, ୧୨ ମୃତ, ୧୫୦୪ ସୁସ୍ଥ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ ନିୟନ୍ତ୍ରଣାଧୀନ ହେବାରେ ଲାଗିଛି। ହେଲେ ମୃତ୍ୟୁର ବିଭୀଷିକା ଥମୁନି। ଶେଷ ୨୪ ଘଣ୍ଟାରେ ଆଉ ୧୨ ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ। ସୁନ୍ଦରଗଡ଼ରୁ ସର୍ବାଧିକ ୩ଜଣ ମରିଥିବାବେଳେ ଖୋର୍ଦ୍ଧା ଓ ଢେଙ୍କାନାଳରୁ ୨ ଲେଖାଏ, ଅନୁଗୋଳ, କନ୍ଧମାଳ, କୋରାପୁଟ, ପୁରୀ ଓ ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୪୯୫କୁ ବୃଦ୍ଧି ପାଇଛି।


ଅନ୍ୟପକ୍ଷରେ ଆଉ ୧,୦୧୮ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୫୮୫ଜଣ ସଙ୍ଗରୋଧରୁ ଓ ୪୩୩ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ସମସ୍ତ ଜିଲାରେ ଶହେ ତଳକୁ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ସୁନ୍ଦରଗଡ଼ରୁ ସର୍ବାଧିକ ୯୪ଜଣ ଚିହ୍ନଟ ହୋଇଥିବାବେଳେ ମୟୂରଭଞ୍ଜ ୮୬, ଖୋର୍ଦ୍ଧା ୮୩, କଟକ ୭୩, ବଲାଙ୍ଗୀର ୬୭, ଅନୁଗୋଳ ୬୫, ଜଗତ୍‌ସିଂହପୁର ୫୧, ସମ୍ବଲପୁର ୪୬, କଳାହାଣ୍ଡି ୪୩, ନୂଆପଡ଼ା ୪୧, ଯାଜପୁର ୩୯, ପୁରୀ ଓ କେନ୍ଦ୍ରାପଡ଼ାରୁ ୩୮ ଲେଖାଏ, କେନ୍ଦୁଝର ୩୫, ଝାରସୁଗୁଡ଼ା ଓ ଭଦ୍ରକରୁ ୨୭ ଲେଖାଏ, ବାଲେଶ୍ୱର ୨୪, ଢେଙ୍କାନାଳ ୨୦, କନ୍ଧମାଳ ୧୯, ନବରଙ୍ଗପୁର ୧୭, ଗଞ୍ଜାମ ୧୩, କୋରାପୁଟ ୧୨, ନୟାଗଡ଼ ୧୦, ସୋନପୁର ୮, ଗଜପତି ୭, ଦେବଗଡ଼ ୪, ମାଲକାନଗିରି ୩, ବୌଦ୍ଧ ୨ ଓ ଷ୍ଟେଟ୍‌ପୁଲରୁ ୧୭ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୭,୦୦୪ରେ ପହଞ୍ଚିଛି। ସେହିପରି ୧୫୦୪ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୯୫,୨୪୫କୁ ବୃଦ୍ଧିପାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।




# କମିବ ପାରଦ, ବଢ଼ିବ ଶୀତ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ରବିବାରଠାରୁ ଶୀତ ସାମାନ୍ୟ ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଅଧିକ ଥଣ୍ଡା ଅନୁଭୂତ ହେବ। ତାପମାତ୍ରା ୪ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସମ୍ଭାବନା ରହିଛି। ସପ୍ତାହେ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ଗତ ଦୁଇଦିନ ହେବ ଶୀତ ହ୍ରାସ ପାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ଥିବାବେଳେ ସୋନପୁର ୧୪.୨, କୋରାପୁଟ ୧୪.୬, ଅନୁଗୋଳ ୧୫.୬, ଭବାନୀପାଟଣା ୧୬.୮, ତାଳଚେର ୧୮.୩ ଏବଂ ବୌଦ୍ଧରେ ୧୬ ଡିଗ୍ରୀ ରେକର୍ଡ କରାଯାଇଛି।



# ସ୍କୁଲ ପାଠ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ସ୍କୁଲ ପାଠ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ'କୁ ସାମିଲ କରାଯିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ସ୍କୁଲରେ ଗାନ କରିବା ସହ ସଙ୍ଗୀତର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏହି କାଳଜୟୀ କୃତିକୁ ପଢ଼ିବାର ସୁଯୋଗ ପାଇବେ। ରାଜ୍ୟ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟା ଫଳରେ ଏହା ରାଜ୍ୟ ସଙ୍ଗୀତର ମାନ୍ୟତାଲାଭ କରିଛି। ବିଦ୍ୟାଳୟସ୍ତରର ପିଲାଙ୍କ ମନରେ ଓଡ଼ିଆ ଜାତିପ୍ରାଣ ଉଦ୍ରେକ ଲକ୍ଷ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ସୂଚନା ଯୋଗ୍ୟ ନିକଟରେ ରାଜ୍ୟ ସରକାର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ ୨୦୨୦ ମେ ୩୦ରେ ଏହି ସଙ୍ଗୀତକୁ ଏକ ସଙ୍ଗରେ ଗାନ କରାଯାଇ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା।

ଉତ୍କଳ ଜନନୀଙ୍କ ଜୟଗାନ କରୁଥିବା ଏହି ମହାନ୍ ସଙ୍ଗୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଜାତୀୟତା ଭାବ ସୁଦୃଢ଼ କରିବା ସହିତ ଓଡ଼ିଆ ଜାତିର ମହାନତା ସହ ପରିଚିତ କରାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।






### ପିପିଲି ଉପନିର୍ବାଚନ ଲାଗି କଂଗ୍ରେସର ସଜବାଜ

# ଆଗେ ସଙ୍ଗଠନ ସଜଡା, ପରେ ପ୍ରାର୍ଥୀ ଖୋଜା


**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ବାଲେଶ୍ୱର ଓ ତିର୍ତ୍ତୋଲରେ ପରାଜିତ ହେବା ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ପିପିଲି ଉପନିର୍ବାଚନ ନିମନ୍ତେ ବର୍ତ୍ତମାନ ଠାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଶେଷକରି ଏବେଠାରୁ ପ୍ରାର୍ଥୀ ଚୟନ ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଉକ୍ତ ନିର୍ବାଚନମଣ୍ଡଳୀରେ ପ୍ରଥମେ ନିଜ ସଙ୍ଗଠନ ସଜାଡିବା ପରେ ଯାଇ ଦଳ ପକ୍ଷରୁ ବାକି କାମ କରାଯିବ ବୋଲି ଜଣାପଡିଛି। ଏ ନେଇ ଶୁକ୍ରବାର କଂଗ୍ରେସ ଭବନରେ ବରିଷ୍ଠ ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ପିପିଲିରେ ବ୍ଲକ, ଏନ୍‌ଏସି ଓ ପଞ୍ଚାୟତ କଂଗ୍ରେସ କମିଟି ନାହିଁ ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ଏହା ଗଠନ କରାଯିବ। ସେଠାରେ ଦଳକୁ ନିଶ୍ଚୟ ଯୋଗ୍ୟ ପ୍ରାର୍ଥୀ ମିଳିବେ ବୋଲି ନିରଞ୍ଜନ କହିଛନ୍ତି।

ବୈଠକରେ ଉପସ୍ଥିତ ଥିବା ଜଟଣୀ ବିଧାୟକ ତଥା ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ପ୍ରାର୍ଥୀ ଚୟନ ଲାଗି ଦଳ ତରଫରୁ ଏକ କମିଟି ଗଠନ ହେବ। ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତିଙ୍କ ସମେତ ଶିବାନନ୍ଦ ରାୟ ଏବଂ ବିପିନ ଦାଶ ପ୍ରମୁଖ ୮ ଜଣଙ୍କୁ କମିଟି ସଦସ୍ୟ ରଖାଯିବ। ପ୍ରଥମ ୭ ଦିନରେ ବ୍ଲକ, ଏନ୍‌ଏସି ଓ ପଞ୍ଚାୟତ କମିଟି ଗଠନ ହେବ। ଏହାର ୨୦ ଦିନ ମଧ୍ୟରେ ପ୍ରାର୍ଥୀ ଚୟନ ଲାଗି କମିଟି ରିପୋର୍ଟ ପ୍ରଦାନ କରିବ। ପିସିସି ସଭାପତି ଏହାପରେ ପ୍ରାର୍ଥୀ ସ୍ଥିର କରିବେ। ଅନ୍ୟପଟେ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି, ରାଜ୍ୟରେ କଂଗ୍ରେସ ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ବାଲେଶ୍ୱର ଓ ତିର୍ତ୍ତୋଲ ବିଫଳତା ନେଇ ଏ ପର୍ଯ୍ୟନ୍ତ ସମୀକ୍ଷା କରାଗଲା ନାହିଁ। ସେକଥା ଭୁଲି ଦଳ ପିପିଲିରେ ସଙ୍ଗଠନ ସଜାଡିବାକୁ ବାହାରିଛି। ବାହାଘର ବେଳେ ବାଇଗଣ ରୁଆ ଭଳି କାମ କରାଯାଉଛି। ଏଥିରୁ ଫଳ କ'ଣ ଆସିବ ତାହା ସମସ୍ତଙ୍କୁ ଜଣା ଅଛି। ବର୍ତ୍ତମାନ ଯଦି ଦଳ ସାଙ୍ଗଠନିକ କାମ କରିବ ତେବେ ନିର୍ବାଚନ କେବେ ଲଢିବ ବୋଲି ସେ ପ୍ରଶ୍ନ କରିଛନ୍ତି।







ଧରିତ୍ରୀ DHARITRI
ଶନିବାର, ୧୪ ନଭେମ୍ବର, ୨୦୨୦



ଦୁଃଖ ଆମକୁ ପରମାନନ୍ଦଙ୍କ ସମସ୍ତ ଲୀଳାକୁ ସହ୍ୟ କରିବାର ସାମର୍ଥ୍ୟ ଶିଖାଏ। ବେଦନା ହେଲା ସେହି ଚାବିକାଠି ଯାହା ସାମର୍ଥ୍ୟର ଦ୍ୱାର ଖୋଲିଦିଏ ଏବଂ ସେହି ରାଜପଥ ଦେଇ ଆନନ୍ଦ ଧାମକୁ ଆମେ ଯାଇପାରୁ। -ଶ୍ରୀଅରବିନ୍ଦ

# ବାବୁଙ୍କୁ ଖୋଜା ଚାଲିଛି

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବର୍ଷକରୁ ବେଶୀ ହେବ ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହୋଇସାରିଲାଣି। ହେଲେ ଏହି ଦୁଇ କେନ୍ଦ୍ରଶାସିତ ଅଞ୍ଚଳରେ ଆଇଏଏସ୍, ଆଇପିଏସ୍ ଏବଂ ଅନ୍ୟ ସେବା ଅଧିକାରୀମାନଙ୍କର ଘୋର ଅଭାବ ରହିଛି। ଏହି ପରିସ୍ଥିତିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ଗମ୍ଭୀରତାର ସହ ନେଇ କ୍ୟାଡର କଣ୍ଟ୍ରୋଲିଂ ଅଥରିଟିଙ୍କୁ ଆଇଏଏସ, ଆଇପିଏସ୍ ଏବଂ ଅନ୍ୟସେବାର ଅଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ଲିଖିତ ଭାବେ ଜଣାଇଛି। ତାଲିକା ପ୍ରସ୍ତୁତ କରାଯିବା ପରେ ସେମାନଙ୍କୁ ଶୀଘ୍ର ଜମ୍ମୁ-କଶ୍ମୀର ଓ ଲଦାଖରେ ପ୍ରତିନିଯୁକ୍ତି ଦିଆଯାଇପାରେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ସବୁଆଡ଼େ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି। ସୂତ୍ରରୁ ପ୍ରକାଶ ଯେ,ରେଲୱେ ବୋର୍ଡ ଚେୟାରମ୍ୟାନ,କମ୍ପ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ, କମ୍ପ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆଙ୍କ ସହ ପ୍ରତିରକ୍ଷା ମନ୍ତ୍ରଣାଳୟ, ବହିର୍ବ୍ୟାପାର,କର୍ପୋରେଟ ବ୍ୟାପାର ଓ ସୂଚନା ପ୍ରସାରଣ ବିଭାଗର ସଚିବମାନଙ୍କୁ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ , ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସର ସମସ୍ତ ଚେୟାରପର୍ସନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚିଠି କରିଛି। ବାଣିଜ୍ୟ ବିଭାଗ, ଦୂରସଞ୍ଚାର ଓ ଡାକ ବିଭାଗର ମଧ୍ୟ ଏହା ପ୍ରଦାନ କରାଯାଇଛି। ଏବେ ସୁଦ୍ଧା ଦୁଇଜଣ ଅଧିକାରୀ ଡେପୁଟେଶନରେ ଜମ୍ମୁ-କଶ୍ମୀରରେ କାର୍ଯ୍ୟ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଦୁଇ ଅଧିକାରୀଙ୍କ ଜନ୍ମ କଶ୍ମୀରରେ। ଜଣେ ଆସାମ-ମେଘାଲୟ କ୍ୟାଡର ଆଇଏଏସ୍ ଅଧିକାରୀ ଏବଂ ଆଉ ଜଣେ ଆଇଆର୍‌ଏସ୍ ଅଧିକାରୀ। ଲାଗୁଛି ଏହା ଏତେ ଉତ୍ସାହ ଜନକ ନୁହେଁ। ଜମ୍ମୁ-କଶ୍ମୀରରେ ଆଇଏଏସ୍ ଅଧିକାରୀଙ୍କ ନିର୍ଦ୍ଧାରିତ କ୍ୟାଡର ସଂଖ୍ୟା ୧୩୭ । କିନ୍ତୁ କେନ୍ଦ୍ର ଡେପୁଟେଶନରେ ଥିବା ୯ ଜଣଙ୍କୁ ମିଶାଇ ଏବେ କ୍ୟାଡରରେ ୫୮ ଜଣ କାର୍ଯ୍ୟ କରୁଛନ୍ତି। ସେହିପରି ଆଇପିଏସ୍ ଅଧିକାରୀଙ୍କ କ୍ୟାଡର ସଂଖ୍ୟା ୧୪୭, କିନ୍ତୁ ଏବେ କେବଳ ୬୬ ଜଣ କ୍ୟାଡରରେ କାର୍ଯ୍ୟ କରୁଛନ୍ତି।

### ତଥ୍ୟରେ ତାଲା

ଯଶବର୍ଦ୍ଧନ କୁମାର ସିହ୍ନା ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇବା ପରେ କେନ୍ଦ୍ରୀୟ ସୂଚନା କମିଶନ( ସିଆଇସି) ପ୍ରଥମେ ସେଣ୍ଟ୍ରାଲ ସେକ୍ରେଟାରିଏଟକୁ ପୂର୍ବତନ ଗୃହ ସଚିବ ଅନିଲ ଗୋସ୍ୱାମୀଙ୍କ ଇସ୍ତଫା ରେକର୍ଡକୁ ଅଟକାଇବାକୁ ଅନୁମତି ଦେଇଛି। ସିହ୍ନା ଜଣେ ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଏବଂ ଇଂଲଣ୍ଡରେ ଭାରତୀୟ ହାଇ କମିଶନର ରହିଥିଲେ। ସୂଚନା କମିଶନର ପଦରୁ ବିମଳ ଜୁଲ୍‌କା ଅଗଷ୍ଟରେ ଅବସର ନେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିହ୍ନାଙ୍କୁ ଶପଥପାଠ କରାଇଥିଲେ। ଅଧିକାରୀମାନଙ୍କ କିମ୍ବା ଅଥରିଟିଙ୍କ ଫାଇଲ ନୋଟିଂ ଏବଂ ବିଚାରବିମର୍ଶ ସମ୍ପର୍କିତ ତଥ୍ୟ ପ୍ରଘଟ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ଆଧାରରେ କମିଶନ ତା'ର ନିଷ୍ପତ୍ତି ଦେଇଛି। ଗୋସ୍ୱାମୀଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଉପରେ କ'ଣ ପଦକ୍ଷେପ ନିଆଯାଇଛି, ବିଭିନ୍ନ ଅଥରିଟିଙ୍କ ସହ କିଭଳି ଯୋଗାଯୋଗ କରାଯାଇଛି ଏବଂ ଫାଇଲ ନୋଟିଂ ସମ୍ପର୍କିତ ସବିଶେଷ ବିବରଣୀ ସେଣ୍ଟ୍ରାଲ ସେକ୍ରେଟାରିଏଟରୁ ଜାଣିବା ପାଇଁ ଆଇପିଏସ୍ ଅଧିକାରୀ ଅନୁରାଗ ଠାକୁର ଆର୍‌ଟିଆଇ ଆବେଦନ ପତ୍ର ଦାଖଲ କରିବା ପରେ ସିଆଇସି ଏଭଳି ନିର୍ଦ୍ଦେଶ ଦେଇଥିଲେ। ସେଣ୍ଟ୍ରାଲ ସେକ୍ରେଟାରିଏଟରୁ ସନ୍ତୋଷଜନକ ଉତ୍ତର ନ ପାଇବା ପରେ ଠାକୁର ସିଆଇସିଙ୍କ ନିକଟରେ ଆବେଦନ କରିଥିଲେ। ସିବିଆଇ ମାମଲାରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଗିରଫକୁ ଅଟକାଇବା ଅଭିଯୋଗରେ ଗୋସ୍ୱାମୀଙ୍କୁ ୨୦୧୫ ଫେବୃୟାରୀରେ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା।

### ସୁଶାସନ ପାଇଁ ପୁରସ୍କାର

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂ ସୁଶାସନ ପାଇଁ ଏକ ପୁରସ୍କାର ଦେବାର ଅଭିଯାନ ଆରମ୍ଭ କରିଛନ୍ତି। ତୃଣମୂଳ ସ୍ତରରେ ଅଭିନବ ତଥା ଅସାଧାରଣ କାର୍ଯ୍ୟ କରିବା ଲାଗି ବାବୁମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ସେ ଏହି ବ୍ୟବସ୍ଥା କରିଛନ୍ତି। ଯେଉଁ ସରକାରୀ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ବା ସମ୍ପାଦନ ସବୁଠୁ ଭଲ ରହିବ ଏବଂ ଯେଉଁମାନଙ୍କ କାର୍ଯ୍ୟ ଦ୍ୱାରା ବିପୁଳ ଲୋକ ଓ ହିତାଧିକାରୀ ଉପକୃତ ହେବେ ସେମାନଙ୍କୁ ପୁରସ୍କୃତ କରାଯିବ। ସୂତ୍ରରୁ ଜଣାପଡିଛି ଯେ, ଜଣେ ଅଧିକାରୀଙ୍କୁ ବ୍ୟକ୍ତଗତ ଭାବେ କିମ୍ବା ପ୍ରଶାସନିକ ସଚିବ,ଡେପୁଟି କମିଶନର ଓ ବିଭାଗୀୟ ମୁଖ୍ୟମାନଙ୍କର ଏକ ଟିମ୍‌କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ଯେ କୌଣସି ଦପ୍ତର କିମ୍ବା ବିଭାଗକୁ ବି ଏହା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କେଉଁମାନେ ବ୍ୟକ୍ତିଗତ ବର୍ଗରେ ଏବଂ ଦଳଗତ ବର୍ଗରେ ଯଥାକ୍ରମେ ୧ ଲକ୍ଷ ଟଙ୍କା ଓ ୨ ଲକ୍ଷ ଟଙ୍କା ପାଇବେ ତାହା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ରାଜେଶ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଗଠିତ କମିଟି ସ୍ଥିର କରିବ । ପୁରସ୍କାର ପାଇବା ପାଇଁ ଯୋଗ୍ୟ ହେବାକୁ ହେଲେ ଅଧିକାରୀମାନଙ୍କୁ ଚାଲେଞ୍ଜିଂ କାର୍ଯ୍ୟ ବା ଯୋଜନାକୁ କମ୍ ସମୟରେ କମ୍ ବ୍ୟୟରେ ସଫଳତାର ସହ ଶେଷ କରିବାକୁ ହେବ , ଯାହା ସାଧାରଣଲୋକଙ୍କ ପାଇଁ ଉଲ୍ଲେଖନୀୟ ଉପକାର ପହଞ୍ଚାଇପାରୁଥିବ। ଏହାସହ ସେମାନଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡ଼ିକରେ ମଧ୍ୟ ସଫଳତା ପାଇବାକୁ ପଡ଼ିବ। ପ୍ରତିବର୍ଷ ଏହି ପୁରସ୍କାର ରାଜ୍ୟ ପ୍ରତିଷ୍ଠା ଦିବସ,ସାଧାରଣତନ୍ତ୍ର ଦିବସ କିମ୍ବା ସ୍ୱାଧୀନତା ଦିବସ ଅବସରରେ ପ୍ରଦାନ କରାଯିବ।

Email: dilipcherian@gmail.com

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | | | | 3 | | | 9 | | | 6 | C | | |
| | 8 | | | | D | | | | A | 0 | | | | |
| | | | | | 0 | | | 4 | | | C | D | 7 | |
| | | 6 | A | | | B | 2 | | | | | | 4 | |
| 2 | 4 | | | E | | | D | 7 | | 1 | 5 | 6 | | |
| 0 | C | | | 9 | 1 | | | 6 | | | | B | | |
| | | B | 3 | | | | 8 | | | 2 | | 5 | 1 | |
| | | 2 | | | | | | 5 | | E | | | A | |
| A | | E | | 5 | | | | B | D | | | 9 | | |
| | 6 | | | | | 0 | | A | | | | 8 | | |
| | | | | 1 | | | | E | C | A | | 7 | | |
| | | | | | 6 | | | | | 5 | | 2 | | |
| | | | | | | 5 | 0 | | B | | 9 | | 3 | |
| | | | E | B | C | | | | 8 | D | | 4 | | |
| 7 | | C | 2 | A | | D | 9 | | 3 | | | 1 | | |

ଏହାର ଉତ୍ତର ଆଗାମୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 1 | B | 9 | A | D | 0 | E | 3 | 7 | 4 | 5 | 2 | C |
| 3 | E | B | C | D | 5 | 8 | 4 | 9 | 6 | A | 2 | 0 | 1 | 7 |
| 7 | 4 | 0 | 3 | 8 | 6 | 1 | 2 | C | B | D | 5 | A | 9 | E |
| C | A | D | 2 | 0 | 7 | 3 | B | 5 | 9 | E | 1 | 6 | 8 | 4 |
| 2 | 5 | 9 | E | 1 | 4 | A | 7 | 6 | 8 | C | 0 | D | 3 | B |
| 9 | 7 | 5 | 6 | E | 3 | 0 | C | 2 | 4 | 1 | B | 8 | A | D |
| 0 | 8 | 3 | 5 | 4 | 1 | 7 | D | B | E | 6 | A | 9 | C | 2 |
| D | B | C | A | 2 | 8 | 6 | 9 | 4 | 0 | 5 | 3 | 7 | E | 1 |
| 6 | 1 | 4 | 7 | B | 9 | E | 8 | A | C | 2 | D | 3 | 0 | 5 |
| E | 2 | A | 0 | C | D | 5 | 3 | 1 | 7 | 8 | 9 | 4 | B | 6 |
| 1 | D | 2 | 9 | 3 | B | C | 5 | 0 | A | 4 | 6 | E | 7 | 8 |
| 4 | C | 7 | 8 | 6 | 2 | 9 | 1 | 3 | D | 0 | E | B | 5 | A |
| B | 3 | 8 | 1 | 7 | E | 4 | A | D | 5 | 9 | C | 2 | 6 | 0 |
| 5 | 0 | E | 4 | A | C | B | 6 | 7 | 2 | 3 | 8 | 1 | D | 9 |
| A | 9 | 6 | D | 5 | 0 | 2 | E | 8 | 1 | B | 7 | C | 4 | 3 |

ଗତକାଲିର ଉତ୍ତର

# ବାଣ ବର୍ଜନ, କରୋନା ଓ ପରିବେଶ

କମଳାକାନ୍ତ ଜେନା

୨୦୨୦ର ଦୀପାବଳିରେ ବାଣବର୍ଜନକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏହି ଅଭିଯାନରେ ସବୁଠାରୁ ଆଗରେ ଅଛନ୍ତି ଓଡ଼ିଶା, ରାଜସ୍ଥାନ, ସିକ୍କିମ, ଚଣ୍ଡିଗଡ, କର୍ନାଟକ, ହରିୟାଣା, ମହାରାଷ୍ଟ୍ର, ଦିଲ୍ଲୀ ପ୍ରଦୂଷଣ ବୋର୍ଡ ଓ କଲିକତାର ଉଚ୍ଚ ନ୍ୟାୟାଳୟ। ଓଡ଼ିଶା ସରକାର ନଭେମ୍ବର ୧୦ରୁ ୩୦ ପର୍ଯ୍ୟନ୍ତ ବାଣ ବିକ୍ରି ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ବାଣ ଫୁଟେଇଲେ କଠୋରଦଣ୍ଡ ଦିଆଯିବ ବୋଲି କୁହାଯାଇଛି। ଦିଲ୍ଲୀ ସରକାର ନଭେମ୍ବର ୭ରୁ ୩୦ ପର୍ଯ୍ୟନ୍ତ ବାଣ ବିକ୍ରି ଓ ଫୁଟାଇବାକୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ପଶ୍ଚିମବଙ୍ଗରେ କାଳୀପୂଜା, ଦୀପାବଳି, ଛଟ୍‌ପୂଜା ଓ କାର୍ତ୍ତିକପୂଜାରେ ବାଣ ଫୁଟାଇବା ନିଷିଦ୍ଧ କରିଛନ୍ତି। ମହାରାଷ୍ଟ୍ର ସରକାର ନଭେମ୍ବର ୬ରେ ବାଣ ବର୍ଜନ ସକାଶେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ଓ ସର୍ବସାଧାରଣ ଜାଗାରେ ବାଣ ଫୁଟେଇବାକୁ ବାରଣ କରାଯାଇଛି । ହରିୟାଣାରେ ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟେଇବା ପାଇଁ ଦିଆଯିବ। ସୁପ୍ରିମକୋର୍ଟର ନିୟମାବଳୀ ଆଧାରରେ କର୍ନାଟକରେ କେବଳ ସବୁଜବାଣ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ସିକ୍କିମ ଓ ଚଣ୍ଡିଗଡରେ ଦୀପାବଳି ଉପଲକ୍ଷେ ବାଣ ବିକ୍ରି ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବାଣ ବର୍ଜନ ଅଭିଯାନରେ ଜାତୀୟ ସବୁଜ ନ୍ୟାୟାଧିକରଣର ଉଲ୍ଲେଖନୀୟ ଭୂମିକା ରହିଛି। ଚଳିତବର୍ଷ କରୋନା ସଂକ୍ରମଣ ଓ ପରିବେଶ ପ୍ରଦୂଷଣକୁ ଆଖି ଆଗରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଆଜିର କୋଭିଡ୍-୧୯ ଜନିତ ସମ୍ବେଦନଶୀଳ ପରିସ୍ଥିତିରେ ଏଭଳି ପଦକ୍ଷେପ ଜରୁରୀ ଥିଲା। କୋଭିଡ୍-୧୯ ହେଉଛି ଶ୍ୱାସନଳୀ ଓ ଫୁସ୍‌ଫୁସ୍‌କୁ ଅକାମୀ କରୁଥିବା ଏକ ମାରାତ୍ମକ ରୋଗ। କରୋନା ରୋଗୀର ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ସୃଷ୍ଟି ହୁଏ। କରୋନା ଭୂତାଣୁ ପ୍ରଥମେ ଶ୍ୱାସନଳୀର ଜୀବକୋଷକୁ ଆକ୍ରମଣ କରେ। ଫଳରେ ଶ୍ୱାସନଳୀ ଫୁଲିଯାଏ। ତା'ପରେ ଏହା ଯାଇ ଫୁସ୍‌ଫୁସ୍ ଭିତରେ ଥିବା କ୍ଷୁଦ୍ର କ୍ଷୁଦ୍ର ବାୟୁଥଳିକୁ ନଷ୍ଟ କରେ। ଆମ ଫୁସ୍‌ଫୁସ୍ ଭିତରେ ପ୍ରାୟ ୪୮ କୋଟି ଏମିତି ଥଳି ରହିଛି, ଯାହାକୁ ପ୍ରାଣୀବିଜ୍ଞାନୀ କୁହନ୍ତି 'ଆଲଭିଓଲାଇ'। କରୋନା ଭୂତାଣୁର ଆକ୍ରମଣ ହେତୁ ସେହି ଥଳିଗୁଡିକର ସଂକୋଚନ-ପ୍ରସାରଣ ହୋଇପାରେ ନାହିଁ। ରୋଗୀ ଶ୍ୱାସକ୍ରିୟା କରିପାରେ ନାହିଁ ଓ ଶରୀରର ଜୀବକୋଷ ଆବଶ୍ୟକ ପରିମାଣ ଅମ୍ଳଜାନ ପାଏ ନାହିଁ।

ବାଣ ତିଆରି ପାଇଁ କୋଇଲା, ପୋଟାସିୟମ ନାଇଟ୍ରେଟ୍, ତମ୍ବା, କ୍ୟାଲସିୟମ୍, ସୋଡିୟମ,ଗନ୍ଧକ, ଫସ୍‌ଫରସ୍, ଆଲୁମିନମ୍, ବେରିୟମ୍ ଓ ଆହୁରି ଅନେକ ଉପାଦାନ ବ୍ୟବହୃତ ହୁଏ। ବେରିୟମ୍‌ରୁ ସବୁଜ, କ୍ୟାଲସିୟମରୁ କମଳା, ତମ୍ବା ଯୌଗିକରୁ ନୀଳ, ଲିଥିୟମରୁ ଲାଲ, ସୋଡିୟମରୁ ହଳଦିଆ, ଷ୍ଟ୍ରୋନ୍‌ସିୟମ୍ ସଲଫେଟ୍‌ରୁ ହାଲୁକା ନୀଳ ଏବଂ ଷ୍ଟ୍ରୋନ୍‌ସିୟମ୍ କାର୍ବୋନେଟ୍ ଯୌଗିକରୁ ହଳଦିଆ ଆଲୋକ ମିଳେ। ବାଣ ଫୁଟିଲେ କାର୍ବନ୍ ମନୋକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍, ଅଙ୍ଗାରକାମ୍ଳ ଓ ଆହୁରି ଅନେକ ବିଷାକ୍ତ ରାସାୟନିକ ଧୂଆଁ ନିର୍ଗତ ହୁଏ। ଧୂଆଁ ସୃଷ୍ଟି କରିବା କାମରେ ଦସ୍ତାଗୁଣ୍ଡ ସାହାଯ୍ୟ କରେ। ବିଷାକ୍ତ ବାଣଧୂଆଁ ଓ ବିଭିନ୍ନ ପାଉଡର ବାୟୁମଣ୍ଡଳରେ ମିଶେ। ତେଣୁ ପ୍ରଶ୍ୱାସ-ବାୟୁରେ ଯଥେଷ୍ଟ ଅମ୍ଳଜାନ ନ ଥାଏ। ପ୍ରଥମତଃ ପ୍ରଶ୍ୱାସ ବାୟୁରେ ଅମ୍ଳଜାନ କମ୍ ଥାଏ। ଦ୍ୱିତୀୟରେ, ରୋଗୀର ଫୁସ୍‌ଫୁସ୍ ଭିତରେ କରୋନା ଭୂତାଣୁ 'ଆଲଭିଓଲାଇ' ଥଳିଗୁଡିକୁ ନଷ୍ଟ କରିବା ହେତୁ ରୋଗୀର ଅମ୍ଳଜାନ ଗ୍ରହଣ କରିବା କ୍ଷମତା କମ୍ ଥାଏ। ଅତଏବ, କରୋନା ରୋଗୀ ବାଣଧୂଆଁ ପରିବେଶରେ ରହିଲେ ଶରୀରରେ ଅମ୍ଳଜାନ ମାତ୍ରା ଶୀଘ୍ର କମିଯିବ। ଏହା ରୋଗୀର ଜୀବନ ବି ନେଇପାରେ। ତେଣୁ ଏବେ ବାଣ ଫୁଟେଇ ମଉଜ କରିବା ଅର୍ଥ କରୋନାଜନିତ ମୃତ୍ୟୁକୁ ନିମନ୍ତ୍ରଣ କରିବା ସହିତ ସମାନ ହେବ।

ବାଣ ଫୁଟିଲେ ମଜା ଲାଗେ। ଶବ୍ଦ ଓ ଆଲୋକ ଆମକୁ ଆନନ୍ଦ ଦିଏ। କିନ୍ତୁ ଦୁଃଖର କଥା, ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ କେବଳ ବିଷ ଭରିଦିଏ । ବାଣରେ ଥିବା ରାସାୟନିକ ପଦାର୍ଥ ଆଖିରେ ପଡିଲେ କିମ୍ବା ପେଟ ଭିତରକୁ ଗଲେ ବିଭିନ୍ନ ରୋଗ ସୃଷ୍ଟି କରେ। ମୁଣ୍ଡବିନ୍ଧା, ବାନ୍ତି, ପେଟ କାଟିବା ଓ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଶବ୍ଦର ସ୍ତରକୁ ମାପିବା ପାଇଁ 'ଡେସିବଲ' ଏକକ ବ୍ୟବହାର କରାଯାଏ। ଆମର କାନ ଅତି ବେଶିରେ ୮୫ ଡେସିବଲ ଶବ୍ଦକୁ ଦିନକୁ ୮ ଘଣ୍ଟା ସହ୍ୟ କରିପାରିବ । କିନ୍ତୁ ଆମର ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୨୦ ଓ ୧୪୦ ଡେସିବଲଠାରୁ ଅଧିକ। ବାଣଜନିତ ଶବ୍ଦ ପ୍ରଦୂଷଣ ମୁଣ୍ଡବିନ୍ଧା, ବିରକ୍ତି ଓ ଅନିଦ୍ରାର କାରଣ। ଅତଏବ, ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ରାସାୟନିକ ବାଣର ମାରାତ୍ମକ ଭୂମିକା ରହିଛି। ସେଥିପାଇଁ ଏବର୍ଷର ବାଣବର୍ଜନ ନିଷ୍ପତ୍ତିକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

ବାଣର ବ୍ୟବହାର ବାୟୁ ପ୍ରଦୂଷଣଜନିତ ବିଭିନ୍ନ ସମସ୍ୟା ସୃଷ୍ଟି କରେ। ଏହାର ଅର୍ଥ ସେସବୁ ସମସ୍ୟା ସୃଷ୍ଟି କରିବା ପାଇଁ ଆମେ ଟଙ୍କା ଖର୍ଚ୍ଚ କରୁ। ପ୍ରତି ବର୍ଷ ଭାରତରେ ବାଣ ଫୁଟେଇବାରେ ପାଖାପାଖି ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୁଏ। ୨୦୧୨ରେ ୩୩୦୦ କୋଟିର ବାଣ ଜଳିଥିଲା। ୨୦୧୮ରେ ବାଣ ବ୍ୟବସାୟ ବଜେଟ୍ ଥିଲା ୨୦,୦୦୦ କୋଟି। ଏହାଛଡା ଚାଇନାରୁ ଆଉ ୪,୦୦୦ କୋଟି ଟଙ୍କାର ବାଣ ମଧ୍ୟ ଆସିଥିଲା। ଏବର୍ଷ କରୋନା ସକାଶେ ଅନେକ କମ୍ପାନୀ ବନ୍ଦ ହୋଇଯାଇଛି। ଅନେକ ଲୋକ ନିଜ ନିଜର ଜୀବିକା ହରେଇ ଘରେ ବସିଛନ୍ତି। ଏଯାଏ ସବୁ ଦୋକାନପତ୍ର ଠିକ୍ ଭାବରେ ଖୋଲିନାହିଁ। ବ୍ୟବସାୟୀ ହତାସ। ଚାକିରିଆମାନଙ୍କୁ ଦରମା ମିଳି ନାହିଁ। ଘରୁ ବାହାରକୁ ବାହାରିଲେ ମୃତ୍ୟୁ ଜଗି ବସିଛି। ଏମିତି ସମୟରେ ବାଣ ଫୁଟେଇ ମଉଜ କରିବା ସମୀଚୀନ ନୁହେଁ। ସଚେତନ ନାଗରିକଠାରୁ ଏଭଳି ଅବିବେକୀ କାର୍ଯ୍ୟ ଆଶା କରାଯାଏ ନାହିଁ।

ସଂପ୍ରତି ବାୟୁ ପ୍ରଦୂଷଣ ଆମକୁ ଭୟଭୀତ କରିଛି ଓ ଅନେକ ଶିକ୍ଷା ବି ଦେଇଛି। ନିକଟ ଅତୀତରେ ଦିଲ୍ଲୀ ସମେତ କେତେକ ମହାନଗରରେ ନିଃଶ୍ୱାସ-ପ୍ରଶ୍ୱାସ ପାଇଁ ଲୋକମାନେ ଅମ୍ଳଜାନ କିଣିବାକୁ ବାଧ୍ୟ ହୋଇଥିଲେ। ଏକ ଲିଟର ଅମ୍ଳଜାନର ମୂଲ୍ୟ ଥିଲା ୫୦୦ଟଙ୍କା । ସେପଟେ ଆମ ଦେଶ ବାୟୁ ପ୍ରଦୂଷଣକୁ ୨୦୨୪ ସୁଦ୍ଧା ୩୦ ପ୍ରତିଶତ ହ୍ରାସ କରି ଜନସାଧାରଣଙ୍କୁ ଟିକିଏ ସୁସ୍ଥ ବାୟୁ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରୁଛି । ଆଉ ଏପଟେ ବାଣ ଫୁଟେଇ ବାୟୁମଣ୍ଡଳକୁ ଦୁଃସ୍ଥ କରିବାରେ ଆମର ଟିକେହେଲେ ଦୁଃଖ ନାହିଁ। ଏହା ଆଦୌ ଗ୍ରହଣୀୟ ନୁହେଁ । ଆମ ଜେଜେ-ଜେଜେମା' କେବେ ଭାବି ନ ଥିଲେ ଜଳଗ୍ରହ ପୃଥିବୀରେ ଦିନେ ଏମିତି ଜଳକଷ୍ଟ ହେବ। ପିଇବା ପାଇଁ ଗିଲାସେ ପାଣି ମିଳିବନି। ଆମେ ବାହାରକୁ ଗଲେ ସାଙ୍ଗରେ ପାଣିବୋତଲ ଧରିବା। କିନ୍ତୁ ଆମର ଅବିବେକୀ କାର୍ଯ୍ୟକଳାପ ହେତୁ ଆଜି ଜଳଗ୍ରହରେ ଜଳକଷ୍ଟ ଦେଖାଦେଇଛି। ଠିକ୍ ସେମିତି ଆମେ ବାଣଫୁଟେଇ ମଉଜ କଲେ, କଳକାରଖାନା ଚଳେଇଲେ, ଗାଡ଼ିମୋଟର ବଢେଇଲେ, କାଲି ଆମର ନାତିନାତୁଣୀ ପିଠିରେ ଅମ୍ଳଜାନ ଥଳି ଓ ନାକରେ ଅମ୍ଳଜାନ ନଳୀ ପୂରେଇ ବାହାରକୁ ବାହାରିବେ, ଯାହା କି ଆଜି ଆମେ ଭାବି ନାହୁଁ।

ଦୁଃଖର କଥା, ଆମ ଦେଶରେ ଦିନକ ପାଇଁ ବାଣ ପୋଡ଼ିବା ବଜେଟ୍ ଆମର ଚନ୍ଦ୍ରଯାନ ଖର୍ଚ୍ଚଠାରୁ ବି ଅଧିକ। ୨୦୦୮ରେ ଭାରତ ପ୍ରଥମ ଚନ୍ଦ୍ରଯାନ ପଠେଇଥିଲା, ଯାହା କି ଅନେକ ଆନ୍ତର୍ଜାତିକ ପୁରସ୍କାର ପାଇଥିଲା। ଖର୍ଚ୍ଚ ହୋଇଥିଲା ମାତ୍ର ୩୮୬ କୋଟି ଟଙ୍କା। ମୁଣ୍ଡପିଛା ୩ ଟଙ୍କା ୨୦ ପଇସା। ସେହିପରି ୨୦୧୯ରେ ଭାରତ ଦ୍ୱିତୀୟ ଚନ୍ଦ୍ରଯାନ ପଠେଇଥିଲା, ଯାହା ପାଇଁ ଖର୍ଚ୍ଚ ହୋଇଥିଲା ମାତ୍ର ୯୭୮ କୋଟି ଟଙ୍କା। ଅର୍ଥାତ୍ ମୁଣ୍ଡପିଛା ୭ ଟଙ୍କା ୧୦ ପଇସା। ନିଃସନ୍ଦେହ ଏହି ମହାକାଶ ଗବେଷଣା ଦିନେ ଆମ ଦେଶର ଅର୍ଥନୈତିକ ବିକାଶରେ ସହାୟକ ହେବ। ଯଦି ଆମେ ବାଣ ଫୁଟେଇ ପରିବେଶକୁ ପ୍ରଦୂଷିତ ନ କରି ସେଇ ଟଙ୍କାରେ ବର୍ଷକୁ ୧୦ ଥର ମହାକାଶଯାନ ପଠେଇ ପାରନ୍ତେ, ତେବେ ଏହି ପଦକ୍ଷେପ ଆମ ଦେଶକୁ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବାନ୍ୱିତ କରିପାରନ୍ତା।

କୋର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ମୋ-୯୪୩୯୫୦୧୬୫୧

# ପୃଥିବୀ ମା'ର ଚିଠି

ଡ. ଅମରେନ୍ଦ୍ର ଦାସ

ମୋ ପିଲାମାନେ ମୋ ସାଙ୍ଗରେ ଘଡ଼ିଏ ବସିବ କି? ତୁମ ସହ ଦୁଇ ପଦ କଥା ହେବାର ଥିଲା। ବହୁତ ଦିନ ହେଲା ତୁମମାନଙ୍କ ସହ କଥା ହେବି ବୋଲି ଭାବିଲିଣି, ହେଲେ ତୁମମାନଙ୍କର କାର୍ଯ୍ୟବ୍ୟସ୍ତତା ଦେଖି କହିପାରୁ ନ ଥିଲି। ହେଲେ ଏବେ କରୋନା ପାଇଁ ସମସ୍ତେ ଘରେ ରହୁଛ। ଭାବିଲି ଏଇ ସମୟରେ କଥା ହେଇଯିବି। କରୋନା ମହାମାରୀ ଯୋଗୁ ତମେମାନେ ଜାକଜମକରେ ମୋତେ ଦୁର୍ଗା ମା' ଭାବରେ ପୂଜା କରିପାରିଲନି କି ଏବେ ମା' କାଳୀ ରୂପରେ ବି ପୂଜା କରିପାରୁନାହଁ। ଏଥିପାଇଁ ତୁମମାନଙ୍କର ମନ ଉଣା। ତମେମାନେ ସବୁ ନୂଆ ଜାମାପ୍ୟାଣ୍ଟ ଆଉ ଶାଢ଼ି ପିନ୍ଧି କେତେ ମେଢ଼ବୁଲି ଦେଖିଥାଆନ୍ତ। ସବୁଆଡ଼େ ରଙ୍ଗିନ ଆଲୋକରେ ଝଟକିଥାଆନ୍ତା। କେତେ ବାଣ ଫୁଟେଇ ଥାଆନ୍ତ। ପୂଜାଉତ୍ତାରୁ ମୂର୍ତ୍ତି ବିସର୍ଜନ କରିବାବେଳେ କେତେ ଖୁସି କରିଥାନ୍ତ। ତୁମମାନଙ୍କର ମନଉଣା ବୋଲି ମୋ ମନ ବି ଟିକେ ଉଣା। ହେଲେ ମୋ ନିଜ ମନ କିନ୍ତୁ ଭାରି ଖୁସି। ମୁଁ କାରଣଟା ନ କହିଲେ ତମେମାନେ ମୋତେ କାଳେ ଭୁଲ ବୁଝିବ। ସେଥିପାଇଁ ତମକୁ କହୁଛି ଟିକେ ମନଦେଇ ଶୁଣିବ ଆଉ ଚିନ୍ତା କରିବ। ପୂଜା ସାରି ଯେତେବେଳେ ମୂର୍ତ୍ତିଗୁଡ଼ାକ ପାଣିରେ ପକେଇ ଦଉଛ ମତେ ଭାରି କଷ୍ଟ ହୁଏ। ଆଗରୁ ଜଣେ ଅଧେ କିଏ ପକାଉଥିଲା ବୋଲି ମୋ ପାଣି ଏତେ କିଛି ମଇଳା ହଉ ନ ଥିଲା। କିନ୍ତୁ ଏବେ ତମେମାନେ ବହୁ ସଂଖ୍ୟାରେ ଆଉ ଏତେସବୁ ବିଷାକ୍ତ ରଙ୍ଗ ଲଗେଇ ମୋ ପାଣି ବିଷାକ୍ତ କରିଦଉଛ। ପାଣିଘରେ ଥିବା ସବୁଛୁଆ ଭାରି କଷ୍ଟ ପାଆନ୍ତି। ଅନେକ ମାଛଛୁଆ ଜୀବନ ବି ହାରୁଛନ୍ତି। ଆଉ ଏଇ ବିଷପାଣି ପିଇ ବାକି ପଶୁପକ୍ଷୀ ଛୁଆ ବି ଅଜଣା ରୋଗରେ ମରୁଛନ୍ତି। ଏଇସବୁ ଦେଖି ମୋ ଦେହ ସହୁନି।

ତମେମାନେ ଯେମିତି ମୋ ଛୁଆ, ବାକି ପଶୁପକ୍ଷୀ ସବୁ ବି ମୋ ଛୁଆ। ତମେମାନେ ସବୁ ମିଳିମିଶି ଖୁସିରେ ରହିଲେ ମୁଁ ସିନା ଖୁସିରେ ରହନ୍ତି। ହେଲେ ତମେମାନେ ପାଠଶାଠ ପଢି ବୁଦ୍ଧିଆ ହେଲ ବୋଲି ମୋର ବାକି ଛୁଆମାନଙ୍କୁ ଭାରି ହୀନିମାନ କରୁଛ। କୋଉ କୋଉ ଦେଶରେ ତ ସବୁପ୍ରକାର ପୋକଜୋକ, ପଶୁପକ୍ଷୀ କୀଟପତଙ୍ଗମାନଙ୍କୁ ବି ତମେମାନେ ମାରିକି ଖାଇଦଉଛ। ମାରିମାରି ତମେ ମୋର କେତେ ଛୁଆମାନଙ୍କର ବଂଶ ବି ନିପାତ କରିସାରିଲଣି। ଆଉ ତାଙ୍କୁ ସବୁ ଖାଉ ଖାଉ ତମ ଦେହପାଆ ବି ଖରାପ ହଉଚି। ଏଇସବୁ ଦେଖିକି ମୋ ଦେହ ସହୁନି। ଏଇ ଦେଖୁନ, ଏବେ ଯୋଉ ତମମାନଙ୍କୁ ସବୁ କରୋନା ରୋଗ ହଉଚି।

ତମେମାନେ ବହିପଢ଼ିଲା ବେଳକୁ ଯେତେବେଳେ ବସୁଧୈବ କୁଟୁମ୍ବକଂ କୁହ ଶୁଣିକି ମନଟା ଭାରି ଖୁସିଲାଗେ। ହେଲେ ତମ ଆଚାର ବ୍ୟବହାର ଦେଖିଲାବେଳକୁ ମୋର ଛାତିଟି କୋହଭରା ହୋଇଯାଏ। ତମେମାନେ ଖାଲି ନିଜ ସ୍ୱାର୍ଥ ଭାବି ନିଜେ କ'ଣ ଖାଇବ, ପିଇବ, ପିନ୍ଧିବ ଏଇସବୁ ଚିନ୍ତାକରୁଛ ହେଲେ ତମ ଚାଲିଚଳଣି ଯୋଗୁ ଯଦି ମୋର ଅନ୍ୟ ପିଲାମାନେ ରୋଗରେ ପଡ଼ିବେ କି ମୃତ୍ୟୁବରଣ କରିବେ ମତେ କେମିତି ଲାଗିବ? ମୁଁ ଆଗରୁ ତମକୁ କିଛି କହିଲିନି। ଭାବିଲି ତମେମାନେ ଆଗ ଭଲରେ ରହିଲେ ଅନ୍ୟ ଜୀବଜନ୍ତୁ, ପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଆଦି ସବୁଙ୍କ କଥାବି ଟିକେ ଭାବିବ। ଆଉ ସେମାନେ କେମିତି ଟିକେ ଖୁସିରେ ରହିବେ ତମେ ସଜାଗ ହୋଇ ସାହାଯ୍ୟ କରିବ। ହେଲେ ତମେମାନେ କ'ଣ ସବୁ କରିଦେଲ? ମୋର ଅନ୍ୟସବୁ ଲକ୍ଷ ଲକ୍ଷ ପ୍ରଜାତିର ପିଲାମାନଙ୍କୁ ତମେମାନେ ପୂରା ନିଶ୍ଚିହ୍ନ କରିଦେଲ। ଏଇସବୁ ଦେଖି ମୁଁ କ'ଣ ଶାନ୍ତିରେ ରହିପାରିବି। ମୁଁ ଏବେ ଭାବୁଛି ତୁମମାନଙ୍କୁ ଆଗରୁ ଆକଟ କରିବାର ଥିଲା।

ତମେମାନେ ଆଗରୁ କେତେ ଶ୍ରଦ୍ଧାରେ ମାଟି ମା', ପୃଥିବୀ ମା', ଧରିତ୍ରୀ ମା', ଗଙ୍ଗା ମା' ଏଇମିତି କେତେକ'ଣ କହି ଶ୍ରଦ୍ଧା କରୁଥିଲ। ପୂଜାର୍ଚ୍ଚନା ବି କରୁଥିଲ। ଏବେ ବେଳେ ବେଳେ ପୂଜା ବି କରୁଛ; ହେଲେ ସେ ଶ୍ରଦ୍ଧା ନାହିଁ। ତମେମାନେ ଚାରିଆଡ଼େ ବିଷଦେଇ ମତେ କଲବଲ କରିଦେଲଣି। ମୋ ଦେହ ବିଷାକ୍ତ ହେବାରୁ ମୋର କେତେ ଅନ୍ୟସବୁ ପିଲାମାନେ ଅଚିହ୍ନା ରୋଗରେ ପଡ଼ି ମରିହଜି ଗଲେ। ତମମାନଙ୍କୁ ଯେତେବେଳେ ମୁଁ ଜନମ କରିଥିଲି, ତମ ବଞ୍ଚିବା ପାଇଁ କେତେ କ'ଣ ବ୍ୟବସ୍ଥା କରି ନ ଥିଲି। କେତେ ପ୍ରକାର ଫଳ, ମୂଳ ଓ ପତ୍ରସବୁ ଫଳେଇଛି ତମମାନଙ୍କ ପାଇଁ। ତମେମାନେ ଯଦି ବାଣ୍ଟିକି ଖାଇଥାନ୍ତ, ଏସବୁ ସରି ନ ଥାନ୍ତା। ହେଲେ ତମେମାନେ କ'ଣ କଲ ! ସବୁ ନଷ୍ଟ କରିଦେଲ। ଜଙ୍ଗଲ ଧ୍ୱଂସ କରିଦେଲ, ମାଟି, ପାଣି, ପବନ, ଆକାଶ, ସବୁକୁ ବିଷାକ୍ତ କରିଦେଲ। କିଛି ଲୋକଙ୍କର ଲୋଭ ପାଇଁ କୋଟି କୋଟି ମୋର ମଣିଷଛୁଆ ଆଉ ଲକ୍ଷ ଲକ୍ଷ କୋଟି ଅନ୍ୟ ଜୀବଜନ୍ତୁ କେତେ କଷ୍ଟ ପାଉଛନ୍ତି।

ଏବେ ଆହୁରି ଶୁଣିକି ମନ କଷ୍ଟ ହଉଚି ଯେ ତମେ ମତେ କ୍ଷତବିକ୍ଷତ ଆଉ ବିଷାକ୍ତ କରିସାରିବା ପରେ ଜହ୍ନ କି ମଙ୍ଗଳ ଘରକୁ ପଳେଇବ ବୋଲି ଭାବିଲଣି। ମୋର ଡର ଯେ ତମେମାନେ ସେଠିକି ଯାଇ ସେମାନଙ୍କୁ ବି ସେଇ ପ୍ରକାର କଷ୍ଟ ଦବ। ତମେ ଏଇଠି କେତେ ଜାତି, ଧର୍ମ, ବର୍ଣ୍ଣ କହି ଜଣେ ଆଉ ଜଣକୁ ଛୋଟ ବଡ଼ କହୁଛ। ସେଠିକି ଗଲେ କ'ଣ କରିବ?

ମୁଁ ତୁମମାନଙ୍କର ନିର୍ଯାତନା ଆଉ କେତେ ସହିବି ଯେ? ତୁମେମାନେ ଯାହା ମାଗିଲ ସବୁ ଦେଲି। ଭାବିଲି ତମର ମନ ଦିନେ ନା ଦିନେ ପୂରିଯିବ; ଆଉ ମୋ ମନକଥା ବୁଝିବ। ହେଲେ ଆଜିଯାଏ ସେଇଟା ଦେଖିପାରୁନି। ଏବେ କରୋନା ହେଲା ବୋଲି ତୁମମାନଙ୍କ ଭିତରୁ କେତେ ମଲେଣି। ଏସବୁ ଦେଖିକି ମତେ କ'ଣ କଷ୍ଟ ହଉନି? ହେଲେ ଏବେ ବି ମନରେ ଆଶା ରଖିଛି, କାଳେ ଏବେ ଟିକେ ବୁଝିଯିବ ପରା। ମୋତେ ଆଉ ଏମିତି ବିଭିନ୍ନ ପ୍ରକାର ବିଷଦେଇ କଲବଲ କରିବନି। ମୋର ବାକିସବୁ ପିଲା ଛୁଆ, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତାଙ୍କ ମଙ୍ଗଳ ବିଷୟରେ ତମେମାନେ ଟିକେ ଭାବିବ। ମୁଁ ତୁମ ମା' ହିସାବରେ ମୋ କଥାରେ ଭରସା ରଖ। ବସୁଧୈବ କୁଟୁମ୍ବକଂ ମନ୍ତ୍ରରେ ସବୁ ଜୀବଜନ୍ତୁଙ୍କ ହିତକୁ ରଖ। ଦେଖିବ ତମେମାନେ ସମସ୍ତେ ପୁଣି ଥରେ ଖୁସିରେ ରହିବ। ତୁମର ହିତାକାଂକ୍ଷୀ ପୃଥିବୀ ମା'।

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୯୪୩୯୯୨୩୬୨୬

## ଏଇ ଭାରତରେ

ଗୋଟିଏ ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ଆମ୍ବଗଛରେ ୨୦୦ ପ୍ରକାରର ଆମ୍ବ ଫଳିବା କେବେ ଭାବିପାରୁଛ କି? କେରଳ ରାଜ୍ୟ କନ୍ନୁର ଜିଲାର କନ୍ନାପୁରମ୍ ଗାଁରେ ଏହା ଦେଖିପାରିବେ। ଆମ୍ବ ସଂସ୍କୃତି ଏହି ଗାଁ ଏବେ ଲୋକପ୍ରିୟ ହେବାରେ ଲାଗିଛି। କନ୍ନାପୁରମର ଆମ୍ବପ୍ରିୟ ଲୋକ 'ନାଟ୍ଟୁମାନଜ୍ୟୋତି'(ଗୋଟିଏ ଆମ୍ବ ଗଛ ତଳେ) ଅଭିଯାନରେ ଏତେ ଗଛ ଲଗାଇ ତାହାର ଯତ୍ନ ନେଉଛନ୍ତି। ଜଣେ ଜମିଦାର ଗାଁରେ ୨୦୦ ବର୍ଷର ଏକ ପୁରୁଣା ଆମ୍ବ ଗଛ କାଟି ଦେବା ପରେ ଅଧିକ ଗଛ ଲଗାଇବା ପାଇଁ ଗ୍ରାମବାସୀ ଏହି ଅଭିଯାନ ଆରମ୍ଭ କରିଥିଲେ। ଏହି ଗଛ ଥିଲା ଭେଲାଥାନ କିସମର ଆମ୍ବ ଗଛ। ଭାରି ସୁଆଦିଆ ଆମ୍ବ। ଏଣୁ ଗ୍ରାମବାସୀ ଏହି କିସମର ଆମ୍ବ ଫଳାଇବାକୁ ପୁଣି ଉଦ୍ୟମ କରିଥିଲେ। ଗଛ କଟାଯିବା ପରେ ଛୋଟଠୁ ବୁଢ଼ା ଗାଁର ସମସ୍ତ ଲୋକ ଏକାଠି ହୋଇ ସେହି ଆମ୍ବ ଗଛର ଡାଳ କାଟି ତାହାକୁ ଅନ୍ୟ ଗଛରେ କଲମି କରି ବିଭିନ୍ନ ପ୍ରକାର ସୁଆଦିଆ ଆମ୍ବଗଛ ଉତାରି ଭିନ୍ନ ଭିନ୍ନ ନାମ ଦେଇଛନ୍ତି। ସେମାନେ ଫେସ୍‌ବୁକରେ ବି ଏକ ନାଟ୍ଟୁମାନ୍ନଜ୍ୟୋତି ପେଜ୍ ଖୋଲିଛନ୍ତି। ଏହି ପେଜ୍‌ରେ ବିଭିନ୍ନ ଆମ୍ବଗଛର ନାମ ଓ ତା'ର ସ୍ୱାଦ ସମ୍ପର୍କରେ ଜଣାଉଛନ୍ତି। ୨୦ଟି ପରିବାର ସେମାନଙ୍କ ଜମିରେ ଲଗାଇଥିବା ୩୭୨ଟି ଗଛରେ ୧୦୦ ପ୍ରକାର ଆମ୍ବ ଫଳେ। ପରେ ଗ୍ରାମବାସୀ ନିକଟସ୍ଥ ଗ୍ରାମଗୁଡିକରେ ଆଉ ୧୦୦ ପ୍ରକାର ଆମ୍ବ ଗଛର ସନ୍ଧାନ କରି ସେଥିରୁ କଲମି ମାଧ୍ୟମରେ ଗଛ ଉତାରି ଗାଁରେ ଲଗାଇଛନ୍ତି। ଏମିତିରେ ମୋଟରେ ଗାଁରେ ୨୦୮ ପ୍ରକାର ଆମ୍ବ ଗଛ ରହିଛି। ଏତିକିରେ ସେମାନଙ୍କ ଅଭିଯାନ ଶେଷ ହୋଇନି, ବରଂ ଆହୁରି ବେଶି ଗଛ ସେମାନେ ସଂଗ୍ରହ କରିବାରେ ଲାଗିଛନ୍ତି। ଜୁଲାଇ ୨୦,୨୦୨୦ରେ କେରଳ ଜୈବବିବିଧତା ବୋର୍ଡ ଏହି ଗାଁକୁ 'ସ୍ୱଦେଶୀ ଆମ୍ବ ସଂସ୍କୃତିର ଗାଁ' ଆଖ୍ୟା ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୫

- କାହୁନା ବିମାନବନ୍ଦରଠାରେ ନାଇଜେରିଆ ଏୟାରୱେଜ୍‌ର ଏକ ବିମାନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫୦ ଯାତ୍ରୀ ମୃତ।
- ଚାଇନା ଏବଂ ଜର୍ମାନୀ ମୋଟ ୨.୧୯ ବିଲିୟନ ଆମେରିକୀୟ ଡଲାର ମୂଲ୍ୟରେ ୧୨ଟି ବାଣିଜ୍ୟିକ ଚୁକ୍ତି ସହ ୧୬ଟି ରାଜିନାମା ସ୍ୱାକ୍ଷର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଚିନ୍ତା କରନ୍ତୁ

ମହାଶୟ,

ଓଡ଼ିଶାରେ ମହାମାରୀ କରୋନା କେବଳ ଲୋକମାନଙ୍କ ଜୀବନ ଜୀବିକା ଛଡାଇ ନେଇନାହିଁ, ଲୋକମାନଙ୍କ ଜୀବନରେ ଆଗାମୀ ଭବିଷ୍ୟତ ପାଇଁ ଆତଙ୍କ ଆଣି ଦେଇଛି। ସରକାର ଲୋକମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଶତଚେଷ୍ଟା କରୁଛନ୍ତି। ଲୋକମାନଙ୍କୁ ମାସ୍କ ପରିଧାନ କରିବା ସହ ଦୂରତା ବଜାୟ ରଖିବା ପାଇଁ ସଚେତନ କରୁଛନ୍ତି । ଲକ୍‌ଡାଉନ, ଶଟ୍‌ଡାଉନ ଭଳି ନିୟମ ପାଳନ କରି କରୋନାରୁ ବଞ୍ଚାଇବା ପାଇଁ ମଧ୍ୟ ସତ ଚେଷ୍ଟା କରିଛନ୍ତି । ଓଡ଼ିଶାରେ କରୋନାର ପ୍ରକୋପ ନ ବଢିବା ପାଇଁ ହୋଟେଲ, ଲଜ, ଫିଲ୍ମ ହଲ, ସ୍କୁଲ କଲେଜ ଆଦି ବନ୍ଦ କଲେ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂଜା ପାର୍ବଣକୁ ମଧ କୋଭିଡ ନିୟମରେ କରିବା ପାଇଁ ନିଷ୍ପତ୍ତି ନେଲେ। ଶୀତଦିନେ ରାତ୍ରି ସମୟରେ ଧୂଳି ଧୂଆଁରେ ଆକାଶ ଧୂଆଁମୟ ଦେଖାଯାଉଥିବାବେଳେ ବାଣ ଫୁଟିଲେ ପରିବେଶ ଅଧିକରୁ ଅଧିକ ଖରାପ ହେବା ସହ ସାଧାରଣ ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡିବ। ଏଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ବାଣ ନ ଫୁଟାଇବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ। -(ଜୀବନ-ଦୋଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ଦାବିପତ୍ର

### କେନ୍ଦୁପତ୍ର ଲାଭ ତୋଳାଳି, ଶ୍ରମିକଙ୍କୁ ଦିଅ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ଦେଶର କେତେକ ରାଜ୍ୟରେ କେନ୍ଦୁପତ୍ରରୁ ସଂଗୃହୀତ ଲାଭାଂଶର ଶତ ପ୍ରତିଶତ ତୋଳାଳି ଓ ଶ୍ରମିକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଥିବା ବେଳେ ଓଡ଼ିଶା ସରକାର ଲାଭାଂଶର ମାତ୍ର ୨୫ ଭାଗ ବୋନସ ଆକାରରେ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର କେନ୍ଦୁପତ୍ର ତୋଳାଳି ଅନେକ କ୍ଷତି ସହୁଛନ୍ତି। ତେଣୁ ରାଜ୍ୟରେ ଥିବା କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କୁ ଲାଭର ଶତପ୍ରତିଶତ ବୋନସ ଦେବା ଦାବିରେ ଭାଜପାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟି ଆଲୋଚନା କରିବା ସହ ଏକ ୯ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୭୩ ଗ୍ରାଚ୍ୟୁଇଟି ଆଇନ ଅନୁଯାୟୀ କେନ୍ଦୁପତ୍ର ସଂସ୍ଥା କାର୍ଯ୍ୟରତ ସିଜନାଲ କର୍ମଚାରୀଙ୍କ ପ୍ରାପ୍ୟ ଦେବା, ୭୦୦ ୱାଚରଙ୍କ ଦରମା ବୃଦ୍ଧି କରିବା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ସୂଚନା ମିଳିଛି।

# ୨୫ବର୍ଷ ପରେ ଜନ୍ମମାଟିରେ ବିର୍‌ଜୁ

**ସୁନ୍ଦରଗଡ଼, ୧୩।୧୧ (ଡି.ଏନ୍.ଏ.)**



ବିର୍‌ଜୁ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରୁଛନ୍ତି।

- ନାଚି, ବାଜା ବଜାଇ ସ୍ୱାଗତ କଲେ ଗ୍ରାମବାସୀ
- ପାକିସ୍ତାନ ଜେଲରେ କଟିଥିଲା ୨୦ ବର୍ଷ
- ଜେଲରେ ଗାଁ କଥା ମନେପଡୁଥିଲା

ଆଜିକୁ ୨୫ବର୍ଷ ତଳେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଜରଗାଟୋଲି ଗ୍ରାମର ବିର୍‌ଜୁ କୁଲୁ କାମ ଅନ୍ୱେଷଣରେ ଗାଁ ଛାଡିଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା, ତାଙ୍କୁ ୨୦ବର୍ଷ କାଳ ପାକିସ୍ତାନ ଜେଲରେ ସଜା ଭୋଗିବାକୁ ପଡିଥିଲା। ଜେଲରୁ ମୁକ୍ତ ହେବା ପରେ ତାଙ୍କୁ ପ୍ରଥମେ ଭାରତ ଅଣାଯାଇଥିଲା। ଶୁକ୍ରବାର ନିଜ ଜନ୍ମ ମାଟିରେ ପହଞ୍ଚିଛନ୍ତି ବିର୍‌ଜୁ। ସୁନ୍ଦରଗଡ଼ ଜିଲା ପ୍ରଶାସନର ଏକ ଟିମ୍ ୧୭୫୦ କିମି ଦୂର ଅମୃତସର ନାରାୟଣ ଗଞ୍ଜ ହସ୍ପିଟାଲରୁ ତାଙ୍କୁ ସଡ଼କ ପଥରେ ଏକ ବୋଲେରୋରେ ଆଣିଥିଲେ। ନିଜ ଗାଁ ଜରଗାଟୋଲିରେ ସେ ଶୁକ୍ରବାର ସକାଳ ସାଢ଼େ ୯ଟାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଫୁଲତୋଡା ଦେଇ ଗାଁ ମୁଣ୍ଡରୁ ପାଛୋଟି ନେଇଥିଲେ। ପାରମ୍ପରିକ ବାଜା ବଜେଇ ଗ୍ରାମବାସୀ ନୃତ୍ୟର ତାଳେ ତାଳେ ତାଙ୍କୁ ସ୍ୱାଗତ କରିଥିଲେ। ଗ୍ରାମବାସୀଙ୍କ ଏପରି ଉତ୍ସାହକୁ ଦେଖି ବିର୍‌ଜୁ ଖୁସିରେ ଭାବବିହ୍ୱଳ ହୋଇପଡିଥିଲେ।

ଏବେ ବିର୍‌ଜୁ ଓଡିଆରେ କଥା କହିପାରୁନାହାନ୍ତି। ଇତିମଧ୍ୟରେ ତାଙ୍କ ମା'ବାପାଙ୍କ ପରଲୋକ ଘଟିଥିବା ବେଳେ ଏକମାତ୍ର ଭଉଣୀ ବିବାହ କରିସାରିଛନ୍ତି। ବିର୍‌ଜୁ ଗାଁରେ ପହଞ୍ଚିବା ପରେ ଭଉଣୀ ବେର୍ଣ୍ଣବେଥ୍, କାକା ପୁଅ ଭାଇ ମନୋଜ କୁଲୁ ଓ ବିପିନ କୁଲୁ ଖୁସିରେ ନାଚି ଉଠିଥିଲେ। କୁତ୍ରା ବିଡିଓ ମାନସ କୁମାର ରାୟ, ବ୍ଲକ ଅଧ୍ୟକ୍ଷା ପରାଗ ଲତା ଓ ଅନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ପଥ ଅତିକ୍ରମ କରି ଆସିଥିବା ବିରଜୁ ସାମାନ୍ୟ କ୍ଳାନ୍ତ ଜଣାପଡୁଥିଲେ। ଅନ୍ୟ କୌଣସି ଗାଁ ଲୋକଙ୍କୁ ସେ ଚିହ୍ନି ପାରି ନ ଥିଲେ। ଖବରଦାତାଙ୍କ କିଛି ପ୍ରଶ୍ନର ସେ ଅଳ୍ପ ଉତ୍ତର ଦେଇଥିଲେ। ଜେଲରେ ଥିବା ବେଳେ ମୋର ପିଲାଦିନ ଓ ପରିବାର ତଥା ଗାଁ କଥା ମନେପଡୁଥିଲା ବୋଲି ସେ କହିଛନ୍ତି। ଏବେ ବିର୍‌ଜୁଙ୍କ ଭିଟାମାଟିରେ ଘର ନାହିଁ। ସେଥିପାଇଁ ତାଙ୍କୁ ସରକାରୀ ଯୋଜନାରେ ଘର ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ବିଡିଓ କହିଛନ୍ତି।

ବିର୍‌ଜୁ ଗତ ୨୫ବର୍ଷ ତଳେ ଘର ଛାଡିବା ପରେ ପ୍ରଥମେ ରାଞ୍ଚିର କୌଣସି ଏକ ହୋଟେଲରେ କାମ କରୁଥିଲେ। ଏହାର କିଛି ବର୍ଷ ପରେ ସେ ନିଖୋଜ ହୋଇଯାଇଥିଲେ। ସେତେବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ଚାଲି ଚାଲି ଭୁଲବଶତଃ ପାକିସ୍ତାନ ସୀମାକୁ ଚାଲି ଯାଇଥିଲେ। ପାକିସ୍ତାନ ସୈନିକମାନେ ତାଙ୍କୁ ଭାରତୀୟ ଗୁପ୍ତଚର ଭାବି ଗିରଫ କରିଥିଲେ। ଶେଷରେ ତାଙ୍କୁ ପାକିସ୍ତାନ ଅଦାଲତ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ। ଜେଲ୍‌ଦଣ୍ଡ ସରିବା ପରେ ଗତ ୨୭ ତାରିଖରେ ପାକିସ୍ତାନ ସରକାର ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିଥିଲେ। ଏ କଥା ଜଣାପଡିବା ପରେ ଗତ ୬ ତାରିଖରେ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ତାଙ୍କୁ ଆଣିବା ପାଇଁ ଅମୃତସର ଯାଇଥିଲା।

# ୭ କ୍ଷୁଦ୍ର କାଳୀମୂର୍ତ୍ତି ନିର୍ମାଣ କଲେ ସତ୍ୟ



ସତ୍ୟ ନିର୍ମାଣ କରିଥିବା ଛୋଟ କାଳୀମୂର୍ତ୍ତି।

**ବ୍ରହ୍ମପୁର ଅଫିସ,୧୩।୧୧**

ଗଞ୍ଜାମ ଜିଲାର ବାଲୁକା ଶିଳ୍ପୀ ସତ୍ୟ ମହାରଣା ନିଆରା କଳାକୃତି କରି ବିଶ୍ୱସ୍ତରରେ ପରିଚିତ ହୋଇଛନ୍ତି। ୨୦୧୭ ମସିହାରେ ସେ ନିର୍ମାଣ କରିଥିବା କ୍ଷୁଦ୍ର କାଳୀମୂର୍ତ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିଲା। ଏବେ ସେ ଆହୁରି କ୍ଷୁଦ୍ର କାଳୀମୂର୍ତ୍ତି ନିର୍ମାଣ କରି ନିଜର ପୂର୍ବ ରେକର୍ଡ ଭାଙ୍ଗିଛନ୍ତି। ଏଥର ସେ କାଠରେ ୨ଟି, ଚକ୍‌ରେ ୩ଟି, ପଥର ଓ ମାଟିରେ ଗୋଟିଏ ଲେଖାଏ କ୍ଷୁଦ୍ର କାଳୀମୂର୍ତ୍ତି ଗଢ଼ିଛନ୍ତି। ଚକ୍‌ରେ ୫ ମିଲିମିଟର, ୧.୫ ସେଣ୍ଟିମିଟର ଓ ୨ ସେଣ୍ଟିମିଟର ଉଚ୍ଚତାର କାଳୀ ମୂର୍ତ୍ତି ନିର୍ମାଣ କରିଥିବା ବେଳେ କାଠ ମୂର୍ତ୍ତିର ଉଚ୍ଚତା ୧.୮ ସେଣ୍ଟିମିଟର ଓ ୩ ସେଣ୍ଟିମିଟର। ସେହିପରି ପଥର ମୂର୍ତ୍ତିର ଉଚ୍ଚତା ୧ ସେଣ୍ଟିମିଟର ରହିଥିବା ବେଳେ ମାଟି ମୂର୍ତ୍ତିର ଉଚ୍ଚତା ୩ ଇଞ୍ଚ ରହିଛି। ସତ୍ୟ ପୂର୍ବରୁ ଅନେକ ରେକର୍ଡ କରିଛନ୍ତି। ବିଶ୍ୱରେ ବର୍ତ୍ତମାନ ସୁଦ୍ଧା ସେ ୩୦ରୁ ଅଧିକ ରେକର୍ଡ କରି ଗଞ୍ଜାମ ଜିଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

# ବିବାଦୀୟ ଥାନାଧିକାରୀଙ୍କୁ ୨ ବର୍ଷ ଥାନା ମନା

**ଭୁବନେଶ୍ୱର,(ବ୍ୟୁରୋ)/ ପାଟଣା (ସ୍ୱ.ପ୍ର.), ୧୩।୧୧**

## ଥାନା ଭିତରେ ଲାଠି, ଗୋଇଠା ମାଡ଼ ମାମଲା

- ଶିଖିବେ ବ୍ୟବହାର ସଂସ୍କାର, କ୍ଷତିପୂରଣ ଦେବେ
- ଗୃହ ବିଭାଗ ସହ ଡିଜିପିଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କେନ୍ଦୁଝର ଜିଲା ପାଟଣା ଥାନା ଭିତରେ ଅଭିଯୁକ୍ତ ଯୁବକଙ୍କୁ ଲାଠିରେ ନିସ୍ତୁକ ପିଟିବା ସହ ଗୋଇଠା ମାଡ଼ ମାମଲାରେ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୨ବର୍ଷ ଯାଏ ଥାନାର ତତ୍‌କାଳୀନ ଥାନାଧିକାରୀ ସନ୍ଧ୍ୟାରାଣୀ ଜେନାଙ୍କୁ ରାଜ୍ୟର କୌଣସି ଥାନାରେ ପୋଷ୍ଟିଂ ନ ଦେବାକୁ ଗୃହ ବିଭାଗ ଓ ରାଜ୍ୟ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୌଣସି ଫିଲ୍ଡ ଡ୍ୟୁଟି ଦିଆଯିବ ନାହିଁ। ଅଭିଯୁକ୍ତଙ୍କ ପ୍ରତି କିଭଳି ବ୍ୟବହାର କରାଯିବ, ସେ ନେଇ ତାଙ୍କୁ ପୁଣି ଥରେ ପ୍ରଶିକ୍ଷଣ ଦିଆଯାଉ। ତାଙ୍କ ଦରମାରୁ ଆକ୍ରମଣର ଶିକାର ଯୁବକଙ୍କୁ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୨୫ରେ ଏହି ସ୍ପର୍ଶକାତର ଘଟଣା ଘଟିଥିଲା। ଏକ ଜମିଜମା ମାମଲାରେ ପାଟଣା ଥାନା ସାହାରପଡା ବ୍ଲକ ତଳସରୁଆ ଗ୍ରାମର ୨୨ ବର୍ଷୀୟ ଯୁବକ ରାଜୁ ମହାନ୍ତ ଓରଫ ଚିତ୍ତରଞ୍ଜନଙ୍କୁ ତତ୍‌କାଳୀନ ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଥାନାରେ ଅଟକ ରଖି ଏଭଳି ଅତ୍ୟାଚାର କରିଥିଲେ। ଏହାର ଭିଡିଓ ମେ ୧୮ରେ ଭାଇରାଲ ହେବାପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ମେ ୨୩ରେ ଡିଜିପି ସନ୍ଧ୍ୟାରାଣୀଙ୍କୁ ନିଲମ୍ବନ କରିଥିଲେ। ଏ ନେଇ ଓଏଚ୍‌ଆର୍‌ସିରେ ମାମଲା ହୋଇଥିଲା। ଜୁନ୍ ୨ରେ କମିଶନ ଏହାର ଶୁଣାଣି କରି ସମ୍ପୃକ୍ତ ଥାନାଧିକାରୀଙ୍କ ଦରମାରୁ ପୀଡିତଙ୍କୁ ୧୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଏଚ୍‌ଆର୍‌ସିର ଏହି ନିର୍ଦ୍ଦେଶକୁ ସନ୍ଧ୍ୟାରାଣୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାତ୍ର ହାଇକୋର୍ଟ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକୁ କାଏମ୍ ରଖିଥିଲେ। ସେହିପରି ନିର୍ଦ୍ଦେଶ ଅନୁଯାୟୀ କେନ୍ଦୁଝର ଏସ୍‌ପି ସମସ୍ତ ଘଟଣାର ତଦନ୍ତ ରିପୋର୍ଟ ଓଏଚ୍‌ଆର୍‌ସିରେ ଦାଖଲ କରିଥିଲେ। ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ଅଭିଯୁକ୍ତ ଚିତ୍ତରଞ୍ଜନ ଅନ୍ୟ ଜଣଙ୍କ ଜମିକୁ ଜବରଦଖଲ କରି ଚାଷ କରିବାରୁ ବିବାଦ ଉପୁଜିଥିଲା। ଚିତ୍ତରଞ୍ଜନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଡ଼ ମାରି ଧମକଚମକ ଦେବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ଆକ୍ରମଣର ଶିକାର ଯୁବକଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ଥାନାକୁ ଅଣାଯାଇଥିଲା। ଯାଞ୍ଚ ପରେ ତାଙ୍କୁ ଥାନା ହାଜତକୁ ଯିବାକୁ କୁହାଯାଇଥିଲେ ମଧ୍ୟ ସେ ନ ଯାଇ ତଳେ ବସି ରହିଥିଲେ। ଏଥିରେ ଥାନାଧିକାରୀ ସନ୍ଧ୍ୟାରାଣୀ ଉତ୍‌କ୍ଷିପ୍ତ ହୋଇ ଚିତ୍ତରଞ୍ଜନଙ୍କୁ ଲାଠିରେ ମାଡ଼ ମାରିବା ସହ ଗୋଇଠା ମାରି ତଳେ ପକାଇଦେଇଥିଲେ। କରୋନା ସମୟ ଯୋଗୁ ସାମାଜିକ ଦୂରତା ରକ୍ଷା ପାଇଁ ଆଇଆଇସି ଲାଠି ବ୍ୟବହାର କରୁଥିବା କଥା ଏସ୍‌ପିଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। କିନ୍ତୁ ଓଏଚ୍‌ଆର୍‌ସି ଶୁଣାଣିବେଳେ କହିଥିଲେ, ରାଜ୍ୟ ପୋଲିସ ଫୋର୍ସ ଏକ ଶୃଙ୍ଖଳିତ ନିୟମକୁ ଆଧାରକରି ଗଠନ କରାଯାଇଛି। ମାତ୍ର ସନ୍ଧ୍ୟାରାଣୀଙ୍କ ହିଂସାପୂର୍ଣ୍ଣ ଆଚରଣ ପୋଲିସ ମାନୁଆଲ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରୁଛି। ତେଣୁ ବ୍ୟବହାର ସଂସ୍କାର ଶିଖିବା ପାଇଁ ସନ୍ଧ୍ୟାରାଣୀଙ୍କୁ କୌଣସି ଥାନାରେ ପୋଷ୍ଟିଂ ନ ଦେଇ ଟ୍ରେନିଂରେ ଯିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।


SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, PO: BAIROI, DIST.- CUTTACK, ODISHA

Ref.No.: AD 6B 19/08/2020 Dated: 10.11.2020

Expression of Interest
Engagement of Guest Faculties

Swami Vivekanand National Institute of Rehabilitation Training & Research, Olatpur, Bairoi, Cuttack-754010 invites expression of interest (EOI) from qualified and experienced teachers in the concerned subjects to teach Department of Physiotherapy (DPT), Department of Occupational Therapy (DOT), Department of Prosthetics & Orthotics (DPO) students. The appointment is completely on hiring basis and the remuneration will be paid as per the prescribed tariff @ Rs.600/- on hourly basis.
For all other details, terms and conditions please log on to website www.nirtar.nic.in

Sd./- DIRECTOR



➡ Office Job, ➡ Field Officer, ➡ Accountant, ➡ Surveyor
Odisha Pradesh ର ପ୍ରତ୍ୟେକ Block ଓ ପଞ୍ଚାୟତ ସ୍ତରରେ ନିଯୁକ୍ତି ପାଇଁ 10th Pass, +2, +3 ଓ Computer ଜାଣିଥିବା Candidate ଆବଶ୍ୟକ।
Salary : 6,500/- to 15,500/- Per Month
Mob : 9178912298



ବିଦ୍ୟୁତ୍ ବିତରଣ, କ୍ୱେସ୍ କର୍ପ ଲିମିଟେଡ୍, ଓଡ଼ିଶାର ଖୋର୍ଦ୍ଧା ଡିଭିଜନ ଅଧୀନରେ ଜଙ୍କିଆ, ବାଙ୍କୀ, ବେଗୁନିଆ, ଜଟଣୀ ଓ ଖୋର୍ଦ୍ଧା ସବ୍ ଡିଭିଜନରେ ଘରକୁ ଘର ବୁଲି ବିଲ୍ ଦେୟ ସଂଗ୍ରହ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଛି। ନ୍ୟୂନତମ ଯୋଗ୍ୟତା: +2 ପାସ୍।
ଆଗ୍ରହୀ ପ୍ରାର୍ଥୀମାନେ quess.odisha@gmail.comରେ ଆବେଦନ କରିପାରନ୍ତି କିମ୍ବା ସେମାନଙ୍କର ସିଭି ଖୋର୍ଦ୍ଧାଠାରେ ଅବସ୍ଥିତ କ୍ୱେସ୍ କର୍ପ ଡିଭିଜନାଲ ଅଫିସ୍‌କୁ ପଠାଇପାରନ୍ତି।




RAJENDRA UNIVERSITY, BALANGIR
No.______/RU Date: 13.11.2020
WALK-IN-INTERVIEW FOR TEACHING FACULTY FOR TEACHER EDUCATION PROGRAMMES
A Walk-in-Interview for engagement of different teaching faculty, on contractual and purely temporary basis for Teacher Education Programmes (B.Ed/M.Ed) will be held on 24.11.2020 in the Administrative Block. For eligibility criteria and other details please visit the website www.rejnedracollege.nic.in.
Sd./- Registrar, Rajendra University, Balangir



ODISHA STATE HOUSING BOARD
A Govt. of Odisha undertaking

Multi Storied Residential Apartment Complex at ANGUL
At a Prime Locality in Angul Town
Construction Work Under Progress

Presents
Anugul Enclave
ORERA Registered
OSHB Wishes HAPPY Diwali



The project under Self-Financing scheme is coming up over Govt. land measuring Ac.6.50 at a prime locality close to district hospital, new Bus stand, daily market, Collectorate in fast growing Angul Town with provision of EWS, LIG (1 BHK), MIG (2 BHK), HIG (3 BHK) flats to meet the housing demand. This offer is for the sale of balance units available with following specification per unit.

| Catagory of Apartment / Flat | No. of Units | Carpet Area Including Balcony (in sqft.) | Built up Area (in sqft.) | Super Built up Area (in sqft.) | Sale Price (in Rs.) | E.M.D. (in Rs.) |
|---|---|---|---|---|---|---|
| HIG (3 BHK) | 37 | 1112 | 1375 | 1524 | 54,71,000/- | 5,50,000/- |
| MIG (2 BHK) | 128 | 729 | 853 | 1011 | 35,15,000/- to 36,55,000/- | 3,65,000/- |
| LIG (1 BHK) | 55 | 424 | 510 | 659 | 19,97,000/- | 2,00,000/- |
| EWS | 16 | 231 | 287 | 361 | 9,91,000/- | 1,00,000/- |

- Cost is all inclusive with Parking, Community and no hidden component
- GST & other statutory dues as applicable from time to time
- Gated Community, Ample Open Space with Modern Infrastructure Facility.

Application Form and Brochure will be available for sale on payment of Rs.1000/- (One Thousand) only from Head Office, Sachivalaya Marg, Bhubaneswar-751001 during working hours from 16.11.2020 to 31.12.2020, at the OSHB site office at Angul and at OSHB Cuttack Division Office (Mob. : 9861211820) in front of Arundoya Market, Link Road, Cuttack, Rourkela Division, (Mob. : 9348873988) Basanti Colony and District Zonal Office (Mob. : 7008626962) at Dhanupalli, Sambalpur.

Tie up with SBI, ICICI Bank, BOB, HDFC Bank for EMD Finance & Housing Loan as per eligibility.
Quality Construction at affordable Price!

Booking Opens
From : 16.11.2020 to 31.12.2020
during working hours

Housing Commissioner-cum-Secretary
ODISHA STATE HOUSING BOARD
Sachivalaya Marg, Bhubaneswar-751001
Phone No-(0674)-2393524/2392587/2393277
Website : https://oshb.org

Building Houses - Building Odisha



DSPL-104
ବିଶ୍ୱ ମଧୁମେହ ଦିବସ
୧୪ ନଭେମ୍ବର,୨୦୨୦
world diabetes day 14 November

ଏ ବର୍ଷର ଆହ୍ୱାନ: "ସେବା ପ୍ରଦାନକାରୀ ହିଁ ପରିବର୍ତ୍ତନର ଆଧାର"

ଆମ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଧୁନିକ ଜୀବନଶୈଳୀ ଓ ଖାଦ୍ୟାଭ୍ୟାସ ଯୋଗୁଁ ବିଶେଷକରି ଯୁବଗୋଷ୍ଠୀ ଓ ମହିଳାମାନେ ଏହି ରୋଗରେ ଆକ୍ରାନ୍ତ ହେବାର ଦେଖାଯାଉଛି। ମଧୁମେହରେ ଆକ୍ରାନ୍ତ ସମସ୍ତ ବ୍ୟକ୍ତି ଯେପରି ମଧୁମେହର ପ୍ରତିରୋଧ ଓ ତଦ୍‌ଜନିତ ସମସ୍ୟାର ପ୍ରତିକାର ପାଇଁ ଆବଶ୍ୟକୀୟ ସେବା ଓ ସୁବିଧା ପାଇପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବା ଜରୁରୀ। ଆସନ୍ତୁ, ସମସ୍ତେ ସଚେତନ ହୋଇ ମଧୁମେହ ପରି ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ପ୍ରତିରୋଧ କରିବା।



ରକ୍ତରେ ଶର୍କରାର ମାତ୍ରା ବଢିଗଲେ ଡାଇବେଟିସ୍ ବା ମଧୁମେହ ହୋଇଥାଏ।

ମନେରଖନ୍ତୁ:
- ଡ଼ାଇବେଟିସ୍ (ମଧୁମେହ)ଠାରୁ ଦୂରେଇ ରହିବା ପାଇଁ ନିୟମିତ ବ୍ୟାୟାମ କରିବା ସହିତ ଖାଦ୍ୟପେୟରେ ନିୟନ୍ତ୍ରଣ ରଖନ୍ତୁ।
- ଧୂମପାନ, ତମାଖୁ ଓ ମାଦକଦ୍ରବ୍ୟ ସେବନରୁ ନିବୃତ୍ତ ରୁହନ୍ତୁ।
- ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ପାଦରେ ଘା' ନହେବା ପାଇଁ ବିଶେଷ ଯତ୍ନବାନ୍ ହୁଅନ୍ତୁ।
- ଡ଼ାଇବେଟିସ୍ ଯୋଗୁଁ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ଘାତ, ଉଚ୍ଚରକ୍ତଚାପ,ବୃକକ୍ ଏବଂ ଯକୃତ ଜନିତ ରୋଗ,ପକ୍ଷାଘାତ, ଚକ୍ଷୁଜନିତ ସମସ୍ୟା ଆଦି ଦେଖାଯିବାର ଅଧିକ ସମ୍ଭାବନା ଥାଏ। ସେଥିପ୍ରତି ସତର୍କ ରୁହନ୍ତୁ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

OIPR-10003/13/0037/2021




ମଧୁମେହ ରୋଗୀ କରୋନା ସଂକ୍ରମିତ ହେବାର ଆଶଙ୍କା ଅଧିକ ଥିବାରୁ ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ବାରମ୍ବାର ହାତ ଧୁଅନ୍ତୁ, ଠିକ୍ ଭାବେ ମାସ୍କ ପିନ୍ଧନ୍ତୁ, ୬ ଫୁଟ ଶାରୀରିକ ଦୂରତା ରଖନ୍ତୁ ଏବଂ ନିହାତି ଆବଶ୍ୟକ ନଥିଲେ ଘରେ ରୁହନ୍ତୁ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

## ସଂକ୍ଷେପରେ

### ପଜିଟିଭ୍ ସଂଖ୍ୟା ୧୦ ହଜାର ପାର୍

**ଅନୁଗୋଳ ଅଫିସ, ୧୩।୧୧:** ଅନୁଗୋଳ ଜିଲାରୁ ଶୁକ୍ରବାର ୫୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭି ସଂଖ୍ୟା ୧୦,୦୫୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଆଠମଲ୍ଲିକ ବ୍ଲକରୁ ସର୍ବାଧିକ ୨୦ ଜଣ, ବଅଁରପାଳ ବ୍ଲକରୁ ୮, କଣିହାଁ ବ୍ଲକରୁ ୬, ତାଳଚେର ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୧୦, କିଶୋରନଗର ବ୍ଲକରୁ ୪, ଛେଣ୍ଡିପଦା ବ୍ଲକରୁ ୩ ଜଣ ଓ ପାଲଲହଡ଼ା ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୦୬ ଜଣ ସୁସ୍ଥ ହୋଇଛନ୍ତି।

### ୩୩ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୧୩।୧୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କଙ୍କରାଇ ଗ୍ରାମଠାରେ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହ କରାଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ଓଡ଼ିଶା ମୋ ପରିବାରର ସଂଯୋଜକ ଶକ୍ତି ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଜିଲା ବିଜେଡି ଯୁବ ସଭାପତି ଦିନେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ୍ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ନେତା ସତ୍ୟବ୍ରତ ଦେହୁରୀ, ମିକୁ ପ୍ରଧାନ, ସତ୍ୟବାଦୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### କରୋନା ମୃତ୍ୟୁସଂଖ୍ୟା ୨୨

**ଢେଙ୍କାନାଳ ଅଫିସ, ୧୩।୧୧:** ଢେଙ୍କାନାଳ ଜିଲାର ଆଉ ୨ଜଣଙ୍କ ଜୀବନ ନେଇଛି କରୋନା। ଏହାପରେ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୨ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରୁ ଜଣେ ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ଏବଂ ଅନ୍ୟ ଜଣେ ପଡ଼ା ଗ୍ରାମର। ଉଭୟଙ୍କ ବୟସ ଯଥାକ୍ରମେ ୫୨ ଏବଂ ୬୯ ବର୍ଷ। ରାଜ୍ୟ କରୋନା ଡେଥ୍ ଅଡିଟ୍ ଟିମ୍ ଉଭୟଙ୍କ ମୃତ୍ୟୁ କରୋନାଜନିତ ବୋଲି ସ୍ପଷ୍ଟ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶୁକ୍ରବାର ଦିନକରେ ଆଉ ୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୩୮ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୪୩୮ ଏବଂ ସୁସ୍ଥଙ୍କ ସଂଖ୍ୟା ୫୨୧୮ ହୋଇଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ଭୁବନ ବ୍ଲକ ଏବଂ ଏନ୍‌ଏସିର ୩, ହିନ୍ଦୋଳ ବ୍ଲକର ୮, କାମାକ୍ଷାନଗର ବ୍ଲକର ୩, ସଦର, ଓଡ଼ାପଡ଼ା, ପରଜଙ୍ଗ ଏବଂ ଗଁଦିଆ ବ୍ଲକର ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### କଟକଣା ଭାଙ୍ଗି ୪୩,୭୦୦ ଟଙ୍କା ଡଣ୍ଡ ଗଣିଲେ

**ଢେଙ୍କାନାଳ ଅଫିସ, ୧୩।୧୧:** ଶୁକ୍ରବାର ଥିଲା ଧନତେରାସ୍। ଅଳଙ୍କାର କିଣିବାକୁ ସୁନା ଦୋକାନରେ ହୋଇଥିଲା ଭିଡ଼। ହେଲେ ଉଭୟ ଗ୍ରାହକ ଏବଂ ଦୋକାନୀ ଭୁଲି ଯାଇଥିଲେ କୋଭିଡ୍ କଟକଣା, ସାମାଜିକ ଦୂରତ୍ୱ ନିୟମ। ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ନିୟମ ଭାଙ୍ଗିଥିବା ୧୫ ଦୋକାନରେ ଚଢ଼ାଉ କରାଯାଇ ୪୩,୭୦୦ ଟଙ୍କା ଆଦାୟ କରାଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କର୍ମଚାରୀ ଚନ୍ଦ୍ରିକା ପଣ୍ଡା ଓ ବସନ୍ତ ପଟ୍ଟନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଶାଳ କାଠ ସହ ଭ୍ୟାନ ଜବତ

**ଛେଣ୍ଡିପଦା,୧୩।୧୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ଘଡ଼୍ ଗ୍ରାମରୁ ଛେଣ୍ଡିପଦା ବନ ବିଭାଗ ବୁଧବାର ବିଳମ୍ବିତ ରାତିରେ ଶାଳବହ୍ଲା ବୋଝେଇ ହୋଇଥିବା ଏକ ପିକ୍ ଅପ୍ ଭ୍ୟାନକୁ ଜବତ କରଛି। ଘଡ଼୍ ଗ୍ରାମରୁ ହାଣ୍ଡିଗୋଡା ଅଞ୍ଚଳକୁ ଶାଳ ବହ୍ଲା ଚାଲାଣ ହେଉଥିବା ସୂଚନା ପାଇ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳଙ୍କ ନିର୍ଦ୍ଦେଶ କ୍ରମେ ଛେଣ୍ଡିପଦା ହେଡକ୍ୱାର୍ଟର୍ସ ଫରେଷ୍ଟର ପଦ୍ମଚରଣ ସାହୁ କର୍ମଚାରୀଙ୍କ ସହ ଚଢ଼ାଉ କରିଥିଲେ। ଏଥିରୁ ଶହେଟି ଶାଳ ବହ୍ଲା ଜବତ ହୋଇଛି। ଭ୍ୟାନ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ବିଷାକ୍ତ ହୋଇନି ବାୟୁ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୧୩।୧୧**



- ଅନୁଗୋଳରେ ନିୟନ୍ତ୍ରଣରେ ରହିଛି ପ୍ରଦୂଷଣ
- ଶିଳ୍ପକୁ ବଳି ଯାଉଛି ଯାନବାହନ ସମସ୍ୟା
- ତାଳଚେର ପାଇଁ କରାଯାଉଛି ମାଷ୍ଟର ପ୍ଲାନ୍

ଅନୁଗୋଳ ଜିଲାରେ ବାୟୁ ପ୍ରଦୂଷଣ ସ୍ଥିତି ସୁଧୁରିଛି। ବିଶେଷକରି କରୋନା ପରଠାରୁ ଲଗାଯାଇଥିବା ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଏଥିରେ ସହାୟ ହୋଇଛି। ଜିଲାର ତାଳଚେର ଓ ନାଲ୍‌କୋ ଅଞ୍ଚଳରେ କେବେ କେମିତି ପ୍ରଦୂଷଣର ମାତ୍ରା ଜଣାପଡୁଥିଲେ ହେଁ ଏହା ସେତେଟା ବିଷାକ୍ତ ନୁହେଁ। ତେବେ ଯାନବାହନ ଜନିତ ପ୍ରଦୂଷଣ ପୂର୍ବାପେକ୍ଷା ବଢୁଥିବାରୁ ଏହାକୁ ରୋକାଯିବା ଜରୁରୀ ହୋଇପଡ଼ିଛି। ତାଳଚେର ସହର ପାଇଁ ଏକ ମାଷ୍ଟରପ୍ଲାନ କରାଯାଉଥିବାରୁ ଆଗାମୀ ଦିନରେ ପ୍ରଦୂଷଣ ସ୍ତର ଆହୁରି ତଳକୁ ଆସିବାର ସମ୍ଭାବନା ରହିଛି।

ପୂର୍ବରୁ ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲା ପ୍ରଦୂଷଣ ତାଲିକାର ଆଗୁଆ ସ୍ଥାନରେ ରହୁଥିଲା। କିନ୍ତୁ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ପାଇଁ ଜିଲାରେ କଳକାରଖାନା ବନ୍ଦ ରହିବାରୁ ପ୍ରଦୂଷଣ ସ୍ତର ଢେର ତଳକୁ ଚାଲି ଆସିଛି। ଅନ୍‌ଲକ୍ ଘୋଷଣା ପରେ ଖଣି ଖାଦାନ ପୁନଃ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ବାୟୁମଣ୍ଡଳରେ ପ୍ରଦୂଷଣ ସ୍ତର ପିଏମ୍-୧୦ ଓ ପିଏମ୍ ୨.୫ ନିର୍ଦ୍ଧାରିତ ମାତ୍ରାଠାରୁ ନିମ୍ନରେ ରହିଛି। ପିଏମ୍-୧୦ର ପରିମାଣ ୧୦୦ରୁ ତଳକୁ ରହୁଥିବା ବେଳେ ପିଏମ୍ ୨.୫ ୬୦ରୁ କମ୍ ରହୁଥିବା ଦେଖାଯାଉଛି। କେବେ କେମିତି ବାୟୁମଣ୍ଡଳରେ ଏହି ସ୍ତର ସାମାନ୍ୟ ଉପରକୁ ଯାଉଥିଲେ ବି ପରବର୍ତ୍ତୀ ସମୟରେ ତଳକୁ ଚାଲିଆସୁଛି। ତେବେ ଜିଲାରେ ଯାନବାହନ ସଂଖ୍ୟା ବଢୁଥିବାରୁ ବାୟୁମଣ୍ଡଳରେ ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ୍ ଅକ୍ସାଇଡ ଓ ନାଇଟ୍ରୋଜେନ୍ ମନୋଅକ୍ସାଇଡ୍ ପରିମାଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ସେଥିପାଇଁ ବିଏସ୍-୬ ମାନର ଗାଡ଼ି ଚଳାଚଳ ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସେହିପରି ଜିଲାରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାକୁ ପ୍ରଦୂଷଣ ନିୟମ ଉଲଂଘନ ପାଇଁ ନୋଟିସ୍ କରାଯାଉଛି। ତେବେ ଜିଲାର ତାଳଚେର ସବୁଠୁ ଅଧିକ ପ୍ରଭାବିତ ହେଉଥିବାରୁ ସେଠାରେ ପ୍ରଦୂଷଣ ରୋକିବା ପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ବିଶେଷକରି କୋଲ୍ କରିଡର ରାସ୍ତା ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଉକ୍ତ ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ ଓ ଖଣିରୁ ବାହାରୁଥିବା ଟ୍ରକ୍‌ଗୁଡ଼ିକର ଚକା ଧୋଇବା (ହୁଇଲ ୱାସିଂ ସିଷ୍ଟମ) ନେଇ ଯୋଜନା ରହିଛି। ଫଳରେ ଖଣିରୁ କୋଇଲା ଗୁଣ୍ଡ ଆଉ ଗାଡ଼ି ଚକ ମାଧ୍ୟମରେ ରାସ୍ତାକୁ ଆସିବ ନାହିଁ କି ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି କରିବ ନାହିଁ। ଏହାଛଡ଼ା ରାସ୍ତା ସଫେଇ ନିମନ୍ତେ ଦୁଇଟି ସ୍ୱତନ୍ତ୍ର ଗାଡ଼ି ଅଣାଯାଇଛି ବୋଲି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସଚେତନ ହେଲେ ସ୍ଥିତି ସୁଧୁରିବ



ଖଣି ଖାଦାନ ଜନିତ ପ୍ରଦୂଷଣ ହ୍ରାସ ପାଇଥିଲେ ମଧ୍ୟ ଅଧିକ ଯାନବାହନ ଚଳାଚଳ ଯୋଗୁ ସ୍ଥିତି ବିଗିଡ଼ିଯାଉଛି। ଅନେକ ସମୟରେ ଆବଶ୍ୟକତା ନ ଥାଇ ଲୋକେ ଅଯଥାରେ ଗାଡ଼ି ବ୍ୟବହାର କରୁଛନ୍ତି। ତେଣୁ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଅଣାଗଲେ ପ୍ରଦୂଷଣକୁ ଅନେକାଂଶରେ ରୋକାଯାଇପାରିବ।

-ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ୍, ଅନୁଗୋଳ

### ବ୍ୟାପକ ବନୀକରଣ କରାଯାଉ



ଶିଳ୍ପ ପାଇଁ ଜିଲାରୁ ହଜାର ହଜାର ଗଛ କଟାଯାଉଛି। କିନ୍ତୁ ଶିଳ୍ପ ସଂସ୍ଥାଗୁଡ଼ିକ ନିୟମ ଅନୁଯାୟୀ ବନୀକରଣ କରୁନାହାନ୍ତି। ସେଥିପାଇଁ ଜିଲାରେ ବାୟୁ ପ୍ରଦୂଷଣର ମାତ୍ରା ବଢୁଛି। ଏଥିପ୍ରତି ପ୍ରଶାସନ ଆବଶ୍ୟକ ଦୃଷ୍ଟି ଦେଇ ନିୟମ କଡ଼ାକଡ଼ି କରିବା ସହ ବ୍ୟାପକ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବା ଉଚିତ।

-ଅଶୋକ କୁମାର ଶତପଥୀ, ପରିବେଶବିତ୍, ଅନୁଗୋଳ

### ଖଣି ଖାଦାନ ପାଇଁ ସମସ୍ୟା



ଅନୁଗୋଳ ଜିଲାରେ ଶତାଧିକ ଶିଳ୍ପ ରହିଛି। ବିଶେଷକରି ତାଳଚେର ଅଞ୍ଚଳରେ ବହୁ କୋଇଲା ଖଣିରୁ ଦୈନିକ ହଜାର ହଜାର ଟନ୍ କୋଇଲା ଉତ୍ତୋଳନ କରାଯାଇ ଟ୍ରକ୍ ଯୋଗେ ପରିବହନ କରାଯାଉଛି। କିନ୍ତୁ ପ୍ରଦୂଷଣ ରୋକିବାକୁ ଆବଶ୍ୟକ ପାଣି ସିଞ୍ଚନ କି ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ।

-ଭୁପେଶ ପ୍ରଧାନ, ବୁଦ୍ଧିଜୀବୀ, ଅନୁଗୋଳ

### ୫୦ ପ୍ରତିଶତ ହ୍ରାସ



ଅନୁଗୋଳ ଜିଲାରେ ପ୍ରଦୂଷଣର ମାତ୍ରା ହ୍ରାସ ପାଇଛି। କରୋନା ପାଇଁ ହୋଇଥିବା ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଏହା ପାଖାପାଖି ୫୦ ପ୍ରତିଶତ ତଳକୁ ଖସି ଆସିଛି। ତେବେ ତାଳଚେର ସହରର ପ୍ରଦୂଷଣ ରୋକିବାକୁ ମାଷ୍ଟର ପ୍ଲାନ କରାଯାଇଛି। ୨୦୨୧ ମେ' ସୁଦ୍ଧା ଏହି କାର୍ଯ୍ୟ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି।

-ଡ.ଅନୁପ କୁମାର ମଲ୍ଲିକ, ଅଧିକାରୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

### ଟିକି ଭାଙ୍ଗି ୨.୫ ଲକ୍ଷ ଲୁଟ୍

**ଛେଣ୍ଡିପଦା,୧୩।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ବଜାରଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ବାଇକ୍ ଡିକି ଭାଙ୍ଗି ଅଢେଇ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ କୋଶଳା ଗ୍ରାମର ଜଳଧର ପ୍ରଧାନ ଏ ନେଇ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି। ଜଳଧର ଛେଣ୍ଡିପଦା ଏସ୍‌ବିଆଇ ଶାଖାରୁ ଟଙ୍କା ଉଠାଇ ଡିକିରେ ରଖି ଘରକୁ ଫେରୁଥିଲେ। ବାଟରେ ବଜାରରେ ଗାଡ଼ି ରଖି ଜଣେ ବନ୍ଧୁଙ୍କ ନିକଟକୁ ଯାଇଥିଲେ। ସେଠାରୁ ଆସିବା ପରେ ଡିକି ଭଙ୍ଗା ଯାଇଥିବା ଏବଂ ସେଥିରେ ଟଙ୍କା ନ ଥିବା ସେ ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି।

### ହଟିଲା ଜବରଦଖଲ

**ଅନୁଗୋଳ ଅଫିସ, ୧୩।୧୧**

ଅନୁଗୋଳ ପୌରପାଳିକା ନିକଟ ସଞ୍ଜିବନୀ ମାର୍କେଟ କମ୍ପ୍ଲେକ୍ସରେ ଦୁଇ ଜଣ ଦୋକାନୀ ଦୀର୍ଘ ବର୍ଷ ହେଲା ଜବରଦଖଲ କରି ରଖିଥିବା ୩୦ ଫୁଟ ଜାଗାରୁ ଶୁକ୍ରବାର ଦୋକାନ ଉଚ୍ଛେଦ କରାଯାଇଛି। ପୂର୍ବରୁ ନୋଟିସ୍ ସତ୍ତ୍ୱେ ସେମାନେ ଦୋକାନ ନ ହଟାଇବାରୁ ପୌରପାଳିକା ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଉଚ୍ଛେଦ କରାଯାଇଛି। ସେଠାରେ ଏକ ପାନୀୟ ଜଳ ମେସିନ ସହ ହେଲ୍ଥ କ୍ୟାମ୍ପ ଓ ଇ-ଶୌଚାଳୟ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି। ପୌରପାଳିକା ନିର୍ବାହୀ ଅଧିକାରୀ ପଣ୍ଡାଙ୍କ ସହ ମାଜିଷ୍ଟ୍ରେଟ ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ, ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୀଟନାଶକ ଉପଚାରିତ ମଶାରି ପ୍ରଭାବୀ



ବୈଠକରେ ସିଡିଏମ୍‌ଓଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- ୨୫ ଥର ଯାଏ ଧୁଆଯାଇପାରିବ
- ୩ ବର୍ଷ ଯାଏ ରହିବ ପ୍ରଭାବ

**ଢେଙ୍କାନାଳ ଅଫିସ, ୧୩।୧୧**

ଢେଙ୍କାନାଳରେ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଏବଂ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ ସମ୍ପର୍କିତ ଏକ ସଚେତନତା ବୈଠକ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ମଶାରି ମ୍ୟାଲେରିଆ ମଶା ଉପଦ୍ରବରୁ ସୁରକ୍ଷା ଦେବ। ସାମାନ୍ୟ ଯତ୍ନନେଲେ ୩ବର୍ଷ ଯାଏ ବ୍ୟବହାର କରିହେବ। ଲୋକଙ୍କ ଉପକାରୀ ଏହି ମଶାରି ଯେପରି ବାଟମାରଣା ନ ହୁଏ ସେଥିଲାଗି ଦାୟିତ୍ୱବାନ ହେବାକୁ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରି କହିଲେ, ଏହି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରିର ପ୍ରଭାବ ୩ ବର୍ଷରୁ ଅଧିକ ସମୟ ରହିଥାଏ। ଫଳରେ ମଶା କାମୁଡ଼ାଜନିତ ରୋଗ ଏବଂ ଅନ୍ୟ ହାନିକାରକ କୀଟପତଙ୍ଗ କବଳରୁ ସୁରକ୍ଷା ମିଳେ। ମଶାରିକୁ ୩ବର୍ଷ ମଧ୍ୟରେ ୨୦ରୁ ୨୫ଥର ଯାଏ ଧୁଆଯାଇପାରିବ। ସାବୁନ କିମ୍ବା ଡିଟରଜେଣ୍ଟ ବ୍ୟବହାର ନ କରି କେବଳ ସାଦା ପାଣିରେ ହାଲ୍‌କାରେ ଧୋଇ ଛାଇରେ ଶୁଖାଇଲେ କୀଟନାଶକର ପ୍ରଭାବ ଅଧିକ ଦିନ ରହିବ ବୋଲି କହିଥିଲେ।

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର ବିଭିନ୍ନ ବ୍ଲକର ମଶାରି ବଣ୍ଟନ କାର୍ଯ୍ୟକ୍ରମ, କୋଷାଧ୍ୟକ୍ଷ ଧୀରେନ୍ଦ୍ର କୁମାର ନନ୍ଦ ଏହାର ଆର୍ଥିକ ବଜେଟ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ତଙ୍କ ସହଯୋଗ ମିଳିଲେ ହିତାଧିକାରୀଙ୍କ ପାଖରେ ସୁରୁଖୁରୁରେ ମଶାରି ପହଞ୍ଚିପାରିବ ବୋଲି ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ କହିଥିଲେ। ଜିଲା ରାଷ୍ଟ୍ରୀୟ ବାଲ୍‌ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟରଞ୍ଜନ ରାଉତରାୟ, ଗାଁ କଲ୍ୟାଣ ସମିତିର ସୌମରେନ୍ଦ୍ର ଶତପଥୀ, ଡେପୁଟି ମ୍ୟାନେଜର ଆର୍‌ସିଏଚ୍ ସସ୍ମିତା ସାହୁ, ସହକାରୀ ଜନସ୍ୱାସ୍ଥ୍ୟ ପ୍ରସାରଣ ଅଧିକାରୀ କବିତାରାଣୀ ପଟ୍ଟନାୟକଙ୍କ ସମେତ ଶିକ୍ଷା, ସମନ୍ୱିତ ଶିଶୁ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



ଧନତେରସ ଅବସରରେ ଶୁକ୍ରବାର ଅନୁଗୋଳ ବଜାରରେ ଥିବା ଗହଣା ଦୋକାନଗୁଡ଼ିକ ସମ୍ମୁଖରେ ଗହଳି।

# ରୋଷେଇ ନିଆଁରୁ ୫ ବଖରା ପାଉଁଶ

**କଣିହାଁ, ୧୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ସାନହାର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଅଙ୍କୁର ସାହୁଙ୍କ ୫ ବଖରା ପାଉଁଶ ହୋଇଯାଇଛି। ମଧ୍ୟାହ୍ନରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଥିରେ ଘରେ ଥିବା ସମସ୍ତ ଆସବାବ ପତ୍ର, ରାଶନ ସାମଗ୍ରୀ ପୋଡ଼ି ଯିବା ସହ ୪ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଙ୍କୁର ଓ ତାଙ୍କ ୩ ଝିଅ ଜୟନ୍ତୀ ସାହୁ(୫୦), ଫୁଟି ସାହୁ(୪୦), ଚୁମୁକି ସାହୁ(୪୨) ଖୋଲା ଆକାଶ ତଳେ ରହିଛନ୍ତି। ସରପଞ୍ଚ ବାବୁଲି ସେଠୀ କହିଛନ୍ତି, ବିପନ୍ନ ଗରିବ ପରିବାରକୁ ୨ ଦିନର ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ସହାୟତା ପାଇଁ ରାଜସ୍ୱ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ଜଣାଇଛି। ତହସିଲଦାର ପତିତପାବନ ଦେବତା କହିଛନ୍ତି, ଘଟଣାସ୍ଥଳକୁ ଯାଇ ଅନୁଧାନ କରିଛି। ନିୟମାନୁଯାୟୀ ସହାୟତା ପ୍ରଦାନ କରାଯିବ। ପରିବାରକୁ ଜରିପାଲ ଯୋଗାଇବା ସହ କ୍ଷୟକ୍ଷତି ଆକଳନ କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପୁଅକୁ ଦଳିଲା ହାତୀ, ନ୍ୟାୟ ଅପେକ୍ଷାରେ ମା'

**ପରଜଙ୍ଗ, ୧୩।୧୧(ଡି.ଏନ.ଏ.)**



ବନ ବିଭାଗ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ୮ ଦିନ ଧାରଣା ଦେଲେ ମହିଳା, ଶୁଣିଲାଣି ବନ ବିଭାଗ
- ଜାତୀୟ ରାଜପଥ ଅବରୋଧ କଲେ ଗ୍ରାମବାସୀ
- ପ୍ରତିଶ୍ରୁତି ଦେଲେ ଏସିଏଫ୍, ମିଳିବ ଅସ୍ଥାୟୀ ନିଯୁକ୍ତି

ହାତୀ ଆକ୍ରମଣରେ ଚାଲିଗଲା ଏକମାତ୍ର ରୋଜଗାରିଆ ପୁଅ ଜୀବନ। ଏପରି ଦୁଃଖଦ ଦୁର୍ଘଟଣାରେ ଦୋହଲିଗଲା ସମ୍ପୂର୍ଣ୍ଣ ପରିବାର। ପୁଅକୁ ହରାଇଥିବା ମା'ଙ୍କୁ ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ପରେ ବନ ବିଭାଗ ଦେଇଥିଲା ଅସ୍ଥାୟୀ ନିଯୁକ୍ତି। ହେଲେ କୌଣସି କାରଣ ନ ଦର୍ଶାଇ ହଠାତ୍ ତାଙ୍କୁ କାର୍ଯ୍ୟାନ୍ତର କରାଗଲା। ଏହାର ପ୍ରତିବାଦରେ ୮ ଦିନ ହେଲା ଶୀତକାକରରେ ବନ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ ମହିଳା। ହେଲେ ତାଙ୍କ ଗୁହାରି କିଛି ଶୁଣିଲେନି। ଫଳରେ ସମ୍ପୃକ୍ତ ମହିଳା ଏବଂ ଅସନ୍ତୁଷ୍ଟ ଗ୍ରାମବାସୀ ନ୍ୟାୟ ଦାବିରେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଥିଲେ। ମହିଳାଙ୍କୁ ଅସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

ଅଭିଯୋଗ ଅନୁଯାୟୀ, ଡମୋଳ ଗ୍ରାମର ସଂଯୁକ୍ତା ସାମଲଙ୍କ ଏକମାତ୍ର ରୋଜଗାରିଆ ପୁଅକୁ ଗତ ୨୦୧୯ ଅଗଷ୍ଟରେ ହାତୀ ଦଳିଦେଇଥିଲା। ପରିବାରକୁ କ୍ଷତିପୂରଣ ପ୍ରଦାନ, ଘରର ଜଣକୁ ଚାକିରି ଦେବାକୁ ଦାବି କରି ମୃତକଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାରେ ତତ୍କାଳୀନ ଡିଏଫ୍‌ଓ ହସ୍ତକ୍ଷେପ କରିବା ସହ ୧୦ ଦଫା ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ସଂଯୁକ୍ତାଙ୍କୁ ଡିହଡୋଳ ବନ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଥିଲା। ହେଲେ କୌଣସି କାରଣ ନ ଦର୍ଶାଇ କିଛିଦିନ ତଳେ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ଏହାର ପ୍ରତିବାଦରେ ସଂଯୁକ୍ତା ଏବଂ ତାଙ୍କର କେତେଜଣ ନିକଟ ସମ୍ପର୍କୀୟ ଗତ ୫ ତାରିଖରୁ ୧୨ ତାରିଖ ଯାଏ ଶୀତକାକରରେ ଡିହଡୋଳ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାସତ୍ତ୍ୱେ ତାଙ୍କ ଦୁଃଖ କୌଣସି ଅଧିକାରୀଙ୍କ କାନରେ ପଡ଼ି ନ ଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ମୃତକଙ୍କ ପରିବାର ତାଳଚେର-ଡୁବୁରି ୫୩ନଂ. ଜାତୀୟ ରାଜପଥର ସରାଙ୍ଗ ଛକରେ ରାସ୍ତାରୋକୋ କରିଥିଲେ। ଏସିଏଫ୍ ଉତ୍ତମ କୁମାର ଗଡ଼ନାୟକ ସଦଳବଳ ପହଞ୍ଚି ସଂଯୁକ୍ତାଙ୍କୁ ମହାବିରୋଡ ରେଞ୍ଜ ଅଧୀନରେ ପରିଚାଳିତ ନର୍ସରି କିମ୍ବା ବନୀକରଣ କାର୍ଯ୍ୟକ୍ରମରେ ଅସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

**ଛେଣ୍ଡିପଦା,୧୩।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଠାରେ ଶୁକ୍ରବାର ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା, ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ସମିତି ସଭ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବିଦ୍ୟାଳୟରେ ଖୁବ୍‌ଶୀଘ୍ର ଜିଲା ଖଣିଜ ପାଣ୍ଠିରେ ଏକ ହଷ୍ଟେଲ ନିର୍ମାଣ କରାଯିବ ବୋଲି ବିଧାୟକ କହିଥିଲେ। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିନୟ ବେହେରା, ସହକାରୀ ଯନ୍ତ୍ରୀ ଶ୍ରୀନିବାସ ପ୍ରଧାନ, ଠିକାଦାର ଲଳିତ ମୋହନ ପାଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ପରେ ବିଧାୟକ ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତ ଟାଙ୍ଗୁଡିଆ-କମ୍ପସଲା ରାସ୍ତାର କୁମ୍ଭାରିଆ ନାଳରେ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କୁମ୍ଭାରିଆ ସେତୁର ଭୂମିପୂଜନ କରିଥିଲେ। ପଞ୍ଚାୟତର ବହୁ କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ।



ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ପାୱାରଟିଲର ଛଡ଼ାଇ ଦେଲେ ଜରିମାନା

**ଖଇରା, ୧୩।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ରରେ ପଥର ଓ ମାଙ୍କଡା ଚୋରାଚାଲାଣ ଅବ୍ୟାହତ ରହିଛି। ଏଭଳିକି ରାଜସ୍ୱ ବିଭାଗର ନାଲି ଆଖିକୁ ନ ଡରି କେତେଜଣ ସରକାରୀ କର୍ମଚାରୀ ଖୁଲମଖୁଲା ଏହି କାର୍ଯରେ ଲିପ୍ତ ରହିବା ପ୍ରଶାସନର ସ୍ଥାଣୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୁକ୍ରବାର ସକାଳେ ବରପଦା ଗ୍ରାମ ନିକଟରେ କେତେଜଣ ବ୍ୟକ୍ତି ମାଙ୍କଡା ପଥର ଖୋଲୁଥିବା ଖବର ପାଇ କୁପାରୀ ରାଜସ୍ୱ ନିରୀକ୍ଷକ ରବିନାରାୟଣ ସିଂ ସେଠାରେ ପହଞ୍ଚି ୨ଟି ଟ୍ରାକ୍ଟର ଓ ଗୋଟିଏ ପାୱାର ଟିଲର ଜବତ କରିଥିଲେ। ହେଲେ ପେଶାରେ ଶିକ୍ଷକ ଥିବା ଜଣେ ପାୱାରଟିଲର ମାଲିକ ରାଜସ୍ୱ ନିରୀକ୍ଷକଙ୍କୁ ଧମକଚମକ ଦେଇ ତାଙ୍କର ପାୱାରଟିଲରକୁ ନେଇ ପଳାଇଥିଲେ। ତହସିଲଦାର ସେଠାକୁ ଯାଇଥିଲେ ମଧ ପାୱାରଟିଲରକୁ ଆଣିବାକୁ ସକ୍ଷମ ହୋଇ ନ ଥିଲେ। ଶେଷରେ ତହସିଲଦାରଙ୍କ କାର୍ଯ୍ୟାଳୟ ତରଫରୁ ମକଦ୍ଦମା କରାଯିବାର ଭୟ ଦେଖାଇବା ପରେ ପାୱାରଟିଲର ମାଲିକ ସନ୍ଧ୍ୟାରେ ତହସିଲକୁ ଆସି ୨୦ହଜାର ଜରିମାନା ଦେଇଥିବା ଜଣାଯାଇଛି। ମାଲିକ ଜରିମାନା ଦେଇଥିବାରୁ ମାମଲା ରୁଜୁ କରାଯାଇ ନ ଥିବା ତହସିଲଦାର ପ୍ରଦୀପ ସାହୁ କହିଛନ୍ତି। ସେହିଭଳି ଟ୍ରାକ୍ଟର ୨ଟି ନିକଟରୁ ଜରିମାନା ବାବଦକୁ ୩୦ହଜାର ଟଙ୍କା ଆଦାୟ କରାଯାଇଛି। ଖଣି ଅଞ୍ଚଳରେ ଅତିରିକ୍ତ ପୋଲିସବାହିନୀ ମୁତୟନ କରାଯିବାକୁ ସାଧାରଣରେ ଦାବି ହୋଇଛି।

### ରୋଟାରି ଇନରହୁଇଲ ଚେୟାରପର୍ସନଙ୍କ ଶାଶ୍ୱତ କ୍ଲବ ପରିଦର୍ଶନ

**ବାଲେଶ୍ୱର ଅଫିସ, ୧୩।୧୧:** ବାଲେଶ୍ୱର ରୋଟାରି ଇନରହୁଇଲ ଶାଶ୍ୱତ କ୍ଲବ ପରିଦର୍ଶନ କରିଛନ୍ତି ରୋଟାରୀ ଇନରହୁଇଲର ଚେୟାରପର୍ଶନ ଇନା ପୁରୋହିତ। ଏହି ଅବସରରେ ଆଇଟିଆଇ ଛକ ନିକଟସ୍ଥ ଓଡ଼ିଶା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଚେୟାରପର୍ଶନ ଇନା ପୁରୋହିତ ଶାଶ୍ୱତ କ୍ଲବର ସମାଜସେବାମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଗରିବ ମେଧାବୀ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଉଲ୍ଲେଖନୀୟ କାର୍ଯ୍ୟଧାରା ପାଇଁ ଚାନ୍ଦମଣି ସିଂ ଓ ସପନ ମହାରଣାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ସୋଲାର ଲାଇଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସଭାପତି ପଦ୍ମାବତୀ ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ଅବନ୍ତି ପ୍ରଧାନ କ୍ଲବର କାର୍ଯ୍ୟଧାରା ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ପୂର୍ବତନ ସଭାପତି ସତ୍ୟଭାମା ମୁଦୁଲି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୋଗର ତ୍ୱରିତ ଶୁଣାଣି ଉପରେ ଗୁରୁତ୍ୱ

**ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ଅନୁଗୋଳ ଗସ୍ତ**

**ଅନୁଗୋଳ ଅଫିସ, ୧୩।୧୧**

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଶୁକ୍ରବାର ଅନୁଗୋଳ ଜିଲା ଗସ୍ତରେ ଆସି ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ଏବଂ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଥିଲେ। ବିଶେଷକରି ପଡ଼ି ରହିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉପସ୍ଥିତ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲାରେ ପଡ଼ି ରହିଥିବା ୧୬୦୧ ଅଭିଯୋଗର ସମାଧାନ କରାଯାଉଥିବା ଆର୍‌ଡିସିଙ୍କୁ ଅବଗତ କରିଥିଲେ। ଲୋକଙ୍କ ସମସ୍ୟା ଯୋଜନାବଦ୍ଧ ଭାବେ ସମାଧାନ କରିବାକୁ ରାଜସ୍ୱ କମିଶନର ପରାମର୍ଶ ଦେଇଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ବର୍ତ୍ତମାନ ଜିଲାରେ ୨,୭୯୫ ଜଣଙ୍କୁ ସ୍ୱତ୍ୱ ପ୍ରଦାନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଇନ୍ଦିରା ଆବାସ,



ସମୀକ୍ଷା ବୈଠକରେ ଆର୍‌ଡିସିଙ୍କ ସହ ଅନୁଗୋଳ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

- ଇନ୍ଦିରା ଆବାସ, ଘରଡିହ ଯୋଗାଅ
- ସ୍କଲାରଶିପ୍, ପ୍ରମାଣପତ୍ର ଠିକ୍ ସମୟରେ ଦିଅ
- ନିୟମିତ ତହସିଲ ପରିଦର୍ଶନ କରନ୍ତୁ ଉପଜିଲାପାଳ

ଘରଡ଼ିହ ସହ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ଆର୍‌ଡିସି କହିଥିଲେ। କାର୍ଯ୍ୟକାରୀ ହେଉଥିବା ନୃଶଂସତା ଆଇନ ସମ୍ପର୍କରେ ସମସ୍ତ ଯୁଗ୍ମ ତଦନ୍ତ ତୁରନ୍ତ ଶେଷ କରିବାକୁ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ପୋଷ୍ଟ ମାଟ୍ରିକ ସ୍କଲାରଶିପ୍, ପ୍ରି ମାଟ୍ରିକ୍ ସ୍କଲାରଶିପ୍ ଓ ବିଭିନ୍ନ ପ୍ରମାଣପତ୍ର ଠିକ୍ ସମୟରେ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଯୋଜନାରେ ସମସ୍ତ ପ୍ରକାର ସହାୟତା ଯେପରି ମିଳିବ ସେଥିପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ କହିଥିଲେ। ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ରାଜସ୍ୱ କମିଶନର ସମୀକ୍ଷା କରିଥିଲେ। ଲଘୁ ଖଣିଜ ପଦାର୍ଥ ପାଇଁ ଅନୁମୋଦନ ହୋଇ ଆସୁଥବା ମାମଲାଗୁଡ଼ିକୁ ୧ ମାସ ମଧ୍ୟରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଉପଜିଲାପାଳ ନିୟମିତ ତହସିଲ ପରିଦର୍ଶନରେ ଯାଇ ଦାଖଲ ଖାରଜ ମାମଲାର ୨ଟି ରେକର୍ଡ ପ୍ରକ୍ରିୟା ଯାଞ୍ଚ କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ପାଲଲହଡ଼ା ଉପଜିଲାପାଳ ଅଜିତ୍ କୁମାର ପ୍ରଧାନ, ଜିଲା ରାଜସ୍ୱ ଅଧିକାରୀ ସରିତା ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ

**ବଇଣ୍ଡା, ୧୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ପଞ୍ଚାୟତ ଅଲେଖପୁର ପ୍ରାଥମିକ ବିଦ୍ୟାଳୟକୁ ଠାକୁରଗଡ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟରୁ ସମସ୍ତ କାଗଜପତ୍ର ଓ ଆସବାବ ସାମଗ୍ରୀ ସ୍ଥାନାନ୍ତରବେଳେ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ବିକ୍ଷୋଭ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ୧୯୬୦ରେ ଗ୍ରାମବାସୀ ଜାଗା ଦାନ କରି ବିଦ୍ୟାଳୟ ସ୍ଥାପନ କରିଥିଲେ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ସେଠାରେ ୩୦ ଛାତ୍ରୀଛାତ୍ର ଥିବାବେଳେ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ବିଦ୍ୟାଳୟ ବନ୍ଦ ହୋଇଗଲେ ପିଲାମାନେ ନାଳ ଡେଇଁ ୧ କିମି ଦୂର ସୁରକ୍ଷିତ ଭାବେ ଯାଇପାରିବେ ନାହିଁ। ତେଣୁ ସରକାର ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଶିକ୍ଷା ପରିଚାଳନା କମିଟି ସଭାପତି ମମତା ପ୍ରଧାନ, ଗ୍ରାମ ସଭାପତି ସନ୍ତୋଷ କୁମାର ସାହୁ, ସୁଶାନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ଈଶ୍ୱର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବିଦ୍ୟାଳୟ ମିଶ୍ରଣ ବିରୋଧରେ ଏକାଠି ହୋଇଥିବା ଗ୍ରାମବାସୀ।

# ୩ ମାସରେ ଜଙ୍ଗଲ ପଦା



ହଣ୍ଡପା ରେଞ୍ଜ ଚାରଖମଣ ସେକ୍ସନରେ ଥିବା କ୍ଷେତ୍ରା ଜଙ୍ଗଲରୁ ବହୁ ଗଛ କାଟି ନିଆଯାଇଛି।

**ବଇଣ୍ଡା, ୧୩।୧୧(ଡି.ଏନ.ଏ.)**

- କଟାଯାଇଛି ୭୮୦ରୁ ଊର୍ଦ୍ଧ୍ୱ ଗଛ
- ଜିଲାପାଳଙ୍କଠାରେ ଅଭିଯୋଗ
- ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ୪ ଗିରଫ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଚାରଖମଣ ସେକ୍ସନରେ ଥିବା କ୍ଷେତ୍ରା ଜଙ୍ଗଲକୁ ସଫା କରିଦେଇଛନ୍ତି କାଠ ମାଫିଆ। ପ୍ରାୟ ୭୮୦ ରୁ ଊର୍ଦ୍ଧ୍ୱ ଗଛ କାଟି ନେଇଥିବାବେଳେ ବନ ବିଭାଗ ପକ୍ଷରୁ ଠିକ୍ ସମୟରେ ପଦକ୍ଷେପ ନିଆଯାଇ ନ ଥିବା ଚାରଖମଣ ଯୁବକ ସଂଘ ପକ୍ଷରୁ ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ଘଟଣାର ଗମ୍ଭୀରତାକୁ ଦେଖି ଆଠମଲ୍ଲିକ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଛେଣ୍ଡିପଦା ଥାନା ଘୁଣ୍ଟୁଲିପଶି ଗ୍ରାମର ଦୀନବନ୍ଧୁ ସାହୁ, ଦେବରାଜ ସାହୁ, ସୁବ୍ରତ ସାହୁ, ସନ୍ତୋଷ ସାହୁ। ଏ ନେଇ ନଂ. ୬୯/୨୦୨୦/୨୧ରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

ଅଭିଯୋଗ ମୁତାବକ, ବଡପାଳ କ୍ଷେତ୍ରା ଫରେଷ୍ଟରେ ବନ ବିଭାଗ ପକ୍ଷରୁ ୧୯୯୦ରେ ଚାରାରୋପଣ କରାଯାଇଥିଲା। ଉକ୍ତ ଗଛଗୁଡିକ ବଡ ହୋଇ ସେଠାରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଛି। ତେବେ ଅଗଷ୍ଟ ମାସରୁ କାଠମାଫିଆମାନେ ଶାଳ, ମହୁଲ, କୁରୁମ, ପିଆଶାଳ, ଅସନ ଭଳି ବହୁ ମୂଲ୍ୟବାନ ଗଛ କାଟି ସଫା କରିଦେଇଛନ୍ତି। ଗତ ୩ ମାସ ମଧ୍ୟରେ ୭୮୦ରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ଏ ନେଇ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଆଠମଲ୍ଲିକ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏସ୍‌ସିଏଫ୍ ସାଧନା ସ୍ୱାଇଁ ଘଟଣାସ୍ଥଳ ଯାଇ ତଦନ୍ତ କରିଥିଲେ। ଗଛ କଟାଯାଇଥିବା ଜଣାପଡିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏଥିରେ ଅନେକ ମାଫିଆ ସମ୍ପୃକ୍ତ ଥିବାବେଳେ ବିଭାଗ ତରବରିଆ ଭାବେ ୪ ଜଣଙ୍କୁ ଗିରଫ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ଜଙ୍ଗଲରୁ ୩ ଶହ ଗଛ କଟାଯାଇଛି। ୪ ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି। ଡିଏଫ୍‌ଓ ଏସ୍. ଆନନ୍ଦ କୁହନ୍ତି, ଜଙ୍ଗଲରୁ ଗଛ କଟା ଯାଇଥିବା ଅଭିଯୋଗ ପାଇବାପରେ ୪ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# 'ଲୋକଙ୍କ ସମସ୍ୟା ବୁଝି ସମାଧାନ କର'

**ବାଲେଶ୍ୱର ଅଫିସ, ୧୩।୧୧**

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱରର ଦାୟିତ୍ୱ ନେବା କଥା କହିଥିଲେ। ତାଙ୍କୁ ଭରସା କରି ବାଲେଶ୍ୱରବାସୀ ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସଙ୍କୁ ବିଜୟୀ କରିଥିଲେ। ଦଳର ବିଜୟ ପରେ ଗୁରୁବାର ସନ୍ଧ୍ୟାରେ ଏକ ଭର୍ଚୁଆଲ ରାଲି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସମସ୍ତ ଦଳୀୟ କର୍ମୀ ଓ ନେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅଞ୍ଚଳରେ ବୁଲି ବୁଲି ଲୋକଙ୍କ ସମସ୍ୟା ବୁଝି ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଜେଡି ସବୁବେଳେ କଥା ନୁହେଁ, କାମରେ ବିଶ୍ୱାସ କରେ। ଜିଲାର ବିକାଶକୁ ଆଗେଇ ନେବା ପାଇଁ ଦଳ ଆଗାମୀ ଦିନରେ ଗୁରୁତ୍ୱ ଦେବ। ସେହିପରି ବିଜୟର ମୁଖ୍ୟ ବିନ୍ଧାଣୀ ସାଜିଥିବା ମହିଳାଙ୍କୁ ଧନ୍ୟବାଦ ଜଣାଇବା ସହ ଜିଲାର ବିକାଶ ପାଇଁ ଯୁବଗୋଷ୍ଠୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ଉଦ୍‌ବୋଧନ ଶୁଣିବା ପାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ଼ରୁ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ସମେତ ନବନିର୍ବାଚିତ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ଅରୁଣ ଦେ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ଶ୍ୟାମାପ୍ରସାଦ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
## DISTRICT RURAL DEVELOPMENT AGENCY, KANDHAMAL
Panchayatiraj & Drinking Water Department, Government of Odisha
DRDA, KANDHAMAL, Phulbani - 752001
Tel. 06842 (STD Code) - 253696 (Off), 253709(Res.), 255297, 253905 (Fax), E-mail: ori-dphulbani@nic.in
No. 4296 Date: 13.11.2020

### CORRIGENDUM

Reference DRDA, Kandhamal tender Notice No. 4158 dated 05.11.2020 regarding inviting sealed tenders from reputed Manpower Agencies/Service Providers to provide the services of Data Entry Operators & MGNREGS Assistants, the sentence "Any firm quoting nil or abnormally low service charges (less than a whole number), unless otherwise allowed to, will be rejected" mentioned in the Page No. 6, Point No. i under Technical Requirements for the tendering Manpower Service Provider is hereby deleted.

2. Valid Labour Contract Licence should be submitted by the firm alongwith other required documents.
3. The receiving and opening of date of tender is extended and re-scheduled as under:

| Published as | Revised as |
|---|---|
| Bid Submission: 19.11.2020 at 5.30 P.M. | Bid Submission: 07.12.2020 at 5.30 P.M. |
| Opening of Bid: 20.11.2020 at 3.30 P.M. | Opening of Bid: 08.12.2020 at 3.30 P.M. |

4. Any other information, terms & conditions shall remain unchanged.

Sd./- Collector-cum-DPC
MGNREGS, Kandhamal

## OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA
E-mail: eerwssnpd@rediffmail.com
Govt. of Odisha "e" Procurement Notice
Bid Identification No. RWS&S_07 /2020-21

No.O-538:- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (G2) contract form.

| | |
|---|---|
| Nature of Work | - Rural Piped Water Supply schemes in different villages under Nuapada district. |
| No. of tender | - 10 (Ten) Nos. |
| Approx. estimated cost | - Rs.64.34 lakhs to Rs.281.55 lakhs |
| Period of completion | - 06 (Six) months |
| Tender cost | - Rs.10000/- |
| Class of contractor | - Class B & A |
| Date and time of availability of bid document in the portal | - 16.11.2020 at 10.00 A.M. |
| Last date /time for receipt of bids in the portal | - 24.11.2020 up to 5.00 P.M. |
| Date of opening of bid | - 26.11.2020 at 11.00 A.M. |

The bidders have to participate in online bidding only. Further details can be seen from the website http://tendersorissa.gov.in.

Sd./- Executive Engineer, RWSS Division, Nuapada
OIPR-25043/11/0003/2021

## GOVERNMENT OF ODISHA
No. O-556
## OFFICE OF THE SUPERINTENDING ENGINEER CENTRAL CIRCLE, RURAL WORKS, BHUBANESWAR
Unit - IX (Near Boys High School), P.O.- Bhoinagar, BBSR, E-mail: se_ccrw@yahoo.co.in, Phone No.: 0674-2540742 (O)
"e" Procurement Notice for PMGSY & PMGSY Balance Works for the year 2020-21

| | | |
|---|---|---|
| 1 | Name of the Work | : PMGSY & PMGSY Balance Works for the year 2020-21 |
| 2 | Total No. of Works | : 1 No. |
| 3 | Estimated Cost of Individual Packages | : Rs.176.47 lakhs |
| 4 | Class of Contractor | : (i) Estimated cost more than Rs.40.00 lakhs upto Rs.3.00 Crore. B Class & A Class (of Odisha PWD) or relevant class of other licensing authorities. |
| 5 | Period of Completion | : By Dt.20.03.2021 |
| 6 | Other details | : The offered rate by the contractor shall be excluding GST |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Central Circle, Rural Works, Bhubaneswar | Tender Online- C.C.-08 of 2020 | 17.11.2020 at 11.00 A.M. | 24.11.2020 upto 5.00 P.M. | 23.11.2020 upto 3.00 P.M. | 26.11.2020 upto 5.00 P.M. (During Office Hour) | 27.11.2020 at 11.00 A.M. | 01.12.2020 at 11.00 A.M. |

Further details can be seen from the website "www.pmgsytenders.gov.in".
Sd./- Superintending Engineer, Central Circle, Rural Works, Bhubaneswar
OIPR-25082/11/0003/2021

## Government of Odisha
## Office of the Superintending Engineer, Rural Works Circle, Sambalpur
Tel-0663-2548268,E-mail id serwcirclesbp@yahoo.com
e-Procurement No.2052 / Dated:11.11.2020

No.O-551:- Superintending Engineer, Rural Works Circle, Sambalpur on behalf of Odisha State Rural Road Agency (OSRRA) invites online item rate Bids from experienced & eligible bidders for Supply, Delivery and Installation of Equipment under RCIP for RRNMU at Sambalpur in the State of Odisha.

| | | |
|---|---|---|
| 1 | Name of work | Supply, Delivery and Installation of Equipment under RCIP for RRNMU at Sambalpur in the State of Odisha |
| 2 | Class of Contractor | 'D' and above for each lot |
| 3 | No of contract packages | 8 number of lot |
| 4 | Bid submission fee /per lot/set | Rs.1050/- for each lot in shape of DD, in favour of OSRRA, Bhubaneswar. |
| 5 | Mode of submission of tender | Through online in website. www.pmgsytenders.gov.in. |
| 6 | Summary of key dates are provided below | |

| Procurement Officer | Bid identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Online RWCSBP-05/ADB(RRNMU) 2020-21 | 17.11.2020 from 11.00 A.M. | 01.12.2020 upto 3.00 P.M. | 26.11.2020 upto 5.00 P.M. | 02.12.2020 at 11.00 A.M. | 05.12.2020 at 11.00 A.M. |

*Special condition 1. Bid security - As per DTCN . 2.The original Bid security , Bid submission fee and original affidavits will be submitted at the office of the Superintending Engineer, Rural Works Circle, Sambalpur before opening of technical bid ,otherwise the Bid will not be opened. Other details can be seen from the e-procurement portal www.pmgsytenders.gov.in.Subsequent modification/corrigendum/Addendum if required shall appear in the website only.
OIPR-25091/11/0007/2021 Superintending Engineer, Rural Works Circle, Sambalpur

## BHUBANESWAR MUNICIPAL CORPORATION
No. 59032 Date: 11.11.2020
XXII(L)-42/15 No. C-198
## NOTIFICATION

1. Government of Odisha in its Gazette Notification No. 1379 Dtd.19.07.2012 has empowered Urban Local Bodies to fix the same as provided in the provisions of Chapter - 13 of Orissa Municipal Corporation Act, 2003 with approval of the elected Councils.
2. And Whereas, Bhubaneswar Municipal Corporation has approved the rates for Licence Fee on Advertisement in the Jurisdiction of BMC as per the table below from this financial year.

| Sl. No. | Items for Advertisements | Rate in Rs. |
|---|---|---|
| 1. | a) Hoarding Upto 400 Sq.ft. | 330 Per Sq.ft. per year |
| | b) Hoarding Above 400 Sq.ft. | 420 Per Sq.ft. per year |
| 2. | Wall Painting | 400 Per Sq.ft. per year |
| 3. | Collapsible Kiosks (Maximum Size 5 ft. × 5ft.) | 2000 per Calendar month or part thereof for each Kiosk/specific spot |
| 4. | a) Advertisement on Vehicle (Carrying Board/painting etc. permission for tableau is to be given for a max 10 days time | 90 per Sq.ft. |
| | b) Advertisement on own vehicle including Bus Back Panel | 90 Per Sq.ft. per year |
| 5. | a) Advertisement on Glow Sign Board fixed on top of shop (Projection width upto 5 ft.) and Board size upto 100 Sq.ft. (No licence fee in case of any Advertisement of own firm/shop name upto 18 Sq.ft. i.e. 6 ft. × 3 ft. Size Board provided a trade licence is available for the business) | 150 Per Sq.ft. per year |
| | b) Advertisement on Glow Sign Board fixed on top of shop (Projection width upto 5 ft.) and Board Size above 100 Sq.ft. | 250 Per Sq.ft. per year |
| 6 | a) Advertisement on Glow Sign Board fixed on Portico (Projection width upto 5 ft.) and Board Size upto 100 Sq.ft. (No licence fee in case of any Advertisement of own firm/shop name upto 18 Sq.ft. i.e. 6 ft. × 3 ft. Size Board provided a trade licence is available for the business) | 150 Per Sq.ft. per year |
| | b) Advertisement on Glow Sign Board fixed on Portico (Projection width upto 5 ft.) and Board Size above 100 Sq.ft. | 250 Per Sq.ft. per year |
| 7. | Handbill and Leaflet | 1000 per Calendar month or part thereof irrespective of Volume |
| 8. | Advertisement on Umbrella | 500 Per month |
| 9. | Advertisement on Balloons | 500 per Balloon per month |
| 10. | Advertisement by Audio System | 350 per unit of upto 4 speaker per day |
| 11. | Video Display in Public Place (No Lience Fee for message of Social Awareness) | 5000 per TV Screen per month per specific spot |
| 12. | Advertisement on Vehicle Stickers (Maximum 2 ft. × 1 ft. on each vehicle) | 2000 per year/per logo/per 1000 cars |
| 13. | Cinema Advertisement Films shown in Cinema Halls or Local Cable TV | 100 per month for each part of Advertisement |
| 14. | Non-news Magazines/Yellow Pages Magazines for Advertisement only | 50 per year/part thereof for full page of advt. or part thereof for each issue. |
| 15. | Indicator Board | 150 per Sq.ft. per year or part thereof. |
| 16. | a) Mobile Hoarding mounted on heavy vehicle (area of display restricted to 300 Sq.ft.) | 12500 per Vehicle per month |
| | b) Mobile Hoarding mounted on smaller vehicles (like TATA 407) | 7500 per Vehicle per month |
| | c) Smaller Vehicles (like CHHOTA HATI) | 4500 per Vehicle per month |
| 17. | a) Hanging Banner (3' × 6') | 500 per week or part thereof |
| | b) Hanging Banner (3' × 10') | 1000 per week or part thereof |
| 18. | Temporary Shed upto 100 Sq.ft. | 250 per day and extra Sq.ft. per day for balance area |
| 19. | a) Flat Gate | 1500 per week |
| | b) Box Gate | 2500 per week |
| | c) Box Gate (lit) | 4000 per week |
| 20. | Exhibition | 0.75 Rs./Per Sq.ft./day |
| 21. | Opera/Yatra | 0.70 Rs./Per Sq.ft./day |
| 22. | LED Advertisement | 320 Per Sq.ft. per year |

3. Now, therefore, the same is notified for information of all concerned.

By Order of the Bhubaneswar Municipal Corporation
Sd./- Commissioner, Bhubaneswar Municipal Corporation
Vivekananda Marg, Bhubaneswar - 751014, Orissa
OIPR-13002/11/0046/2021

## ତହସିଲଦାର, ଯୁଯୋମୁରାଙ୍କ କାର୍ଯ୍ୟାଳୟ
ବିଜ୍ଞପ୍ତି ସଂଖ୍ୟା–1924 ତାରିଖ: 13.11.2020
### ଲଘୁ ଖଣିଜ ଦ୍ରବ୍ୟର ଲିଜ୍ ସକାଶେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଯୁଯୋମୁରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦–୨୧ ଆର୍ଥିକବର୍ଷଠାରୁ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଯୁଯୋମୁରାଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rule–2016ର FORM–M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନକରି Sealed Coverରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୪।୧୧।୨୦୨୦ରିଖରୁ ତା୨୬।୧୧।୨୦୨୦ରିଖ ଅପରାହ୍ନ ୩.୦୦ଟା ସୁଦ୍ଧା ତହସିଲ ଅଫିସରେ ଥିବା Drop Boxରେ ପକାଯିବ ଏବଂ ତା୨୬।୧୧।୨୦୨୦ରିଖ ଅପରାହ୍ନ ୩.୧୫ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ। ଯେଉଁ ସଇରାତ ଉତ୍ସଗୁଡିକ ପ୍ରଥମ ଦିନ ଚୂଡାନ୍ତ ହୋଇ ନ ପାରିବ, ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ତା୨୭।୧୧।୨୦୨୦ରିଖରୁ ତା୦୭।୧୨।୨୦୨୦ରିଖ ଅପରାହ୍ନ ୩.୦୦ଟା ସୁଦ୍ଧା ତହସିଲ ଅଫିସରେ ଥିବା ଡ୍ରପ୍‌ବକ୍ସରେ ପକାଯିବ ଏବଂ ତା୦୭।୧୨।୨୦୨୦ରିଖ ୦୩.୧୫ରେ ତନଖି କରାଯିବ। ତୃତୀୟ ଥର ତା୦୮।୧୨।୨୦୨୦ରିଖରୁ ତା୧୫।୧୨।୨୦୨୦ରିଖ ଦିବା ଘ୩.୦୦ଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା୧୫।୧୨।୨୦୨୦ରିଖ ଅପରାହ୍ନ ଘ୦୩.୧୫ରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ। FORM–M ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଅଧିକ ତଥ୍ୟ ଜାଣିବା ପାଇଁ ଜିଲ୍ଲା ୱେବ୍‌ସାଇଟ୍ www.sambalpur.nic.inରେ ଉପଲବ୍ଧ କରିପାରିବେ।

ତହସିଲଦାର, ଯୁଯୋମୁରା

# ଦୀପାବଳି



ଡ. ଶ୍ରୀହରି ପଣ୍ଡା

‘ଦୀପାବଳି ଦିନ ବିକ୍ରମାଦିତ୍ୟ ସିଂହାସନାରୂଢ ହୋଇଥିଲେ । ଗୁପ୍ତବଂଶ ରାଜାଙ୍କର ‘ଗୁପ୍ତାବ୍ଦ’ଏହି ଦିନଠାରୁ ପ୍ରବର୍ତ୍ତନ ହୋଇଥିଲା । ମହର୍ଷି ବାତ୍ସାୟନଙ୍କ କାମସୂତ୍ରର ୪ର୍ଥ ଅଧ୍ୟାୟର ବର୍ଣ୍ଣନା କରିଥିବା ପାଞ୍ଚଟି ଜନପ୍ରିୟ ସାମାଜିକ ଉତ୍ସବ ମଧ୍ୟରୁ ଦିବାଲି ଅନ୍ୟତମ, ଯାହା କାର୍ତ୍ତିକ ଅମାବାସ୍ୟାରେ ପାଳିତ ହେଉଥିଲା । ଆବୁଲଫାଜଲ ମଧ୍ୟ ତାଙ୍କର ଆଇନ-ଇ-ଆକବରୀରେ ଦିବାଲିର ୪ଟି ବିଶେଷତ୍ୱ ବର୍ଣ୍ଣନା କରିଛନ୍ତି । ମୋଗଲ ସମ୍ରାଟ ଆକବର ଏହି ଦିବାଲି ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଥିବାରୁ ତାଙ୍କ ଦୌଲତଖାନା ସମ୍ମୁଖରେ ୪୦ଫୁଟ୍ ଲମ୍ବ ଗୋଟିଏ ବାଉଁଶ ରଖାଯାଉଥିଲା ।’

କେବଳ ସୌନ୍ଦର୍ଯ୍ୟ ବା ଔଦାର୍ଯ୍ୟର ଦେଶ ନୁହେଁ ଭାରତ ବରଂ ଏହା ଆଲୋକର ଦେଶ ମଧ୍ୟ । ଏ ଆଲୋକ ବାହ୍ୟାଲୋକ ନୁହେଁ ଜୀବନ ପୁଷ୍ଟିର ସହାୟକ । ଏଣୁ ଏହାର ପ୍ରତ୍ୟେକ ପର୍ବପର୍ବାଣି ମଧ୍ୟରେ ଥିବା ଜୀବନତତ୍ତ୍ୱରୂପୀ ଆଲୋକବର୍ତ୍ତିକା ପାଶ୍ଚାତ୍ୟବାସୀଙ୍କୁ କରିଛି ଚମତ୍କୃତ । ସେହିଭଳି ଭାରତୀୟ ସାଂସ୍କୃତିକ ଜୀବନର ବାର୍ତ୍ତାବହ, ବହୁ ଇତିହାସର ସ୍ମୃତିଧାରକ, ଆନନ୍ଦ ଓ ଆଲୋକର ପର୍ବ ଦୀପାବଳି ମଧ୍ୟ ସମସ୍ତଙ୍କୁ କରିଆସିଛି ମୁଗ୍ଧ ଓ ଚମତ୍କୃତ । ଏହାର ମହତ୍ତ୍ୱ ଓ ଇତିହାସ ରୋମନ୍ଥନ କଲେ ବୈଚିତ୍ର୍ୟର ନାନା କଲ୍ଲୋଳରେ ଆମର କଳ୍ପନା ଓ ଭାବସମୁଦ୍ର ଉଚ୍ଛୁଳିଉଠେ ।

ଐତିହାସିକ ପୃଷ୍ଠଭୂମିର କିମ୍ବଦନ୍ତୀରୁ ଜଣାପଡ଼େ ଯେ, ଏହିଦିନ ବିକ୍ରମାଦିତ୍ୟ ସିଂହାସନାରୂଢ ହୋଇଥିଲେ । ଗୁପ୍ତବଂଶ ରାଜାଙ୍କର ‘ଗୁପ୍ତାବ୍ଦ’ଏହି ଦିନଠାରୁ ପ୍ରବର୍ତ୍ତନ ହୋଇଥିଲା । ମହର୍ଷି ବାତ୍ସାୟନଙ୍କ କାମସୂତ୍ରର ୪ର୍ଥ ଅଧ୍ୟାୟର ବର୍ଣ୍ଣନା କରିଥିବା ପାଞ୍ଚଟି ଜନପ୍ରିୟ ସାମାଜିକ ଉତ୍ସବ ମଧ୍ୟରୁ ଦିବାଲି ଅନ୍ୟତମ, ଯାହା କାର୍ତ୍ତିକ ଅମାବାସ୍ୟାରେ ପାଳିତ ହେଉଥିଲା । ଆବୁଲଫାଜଲ ମଧ୍ୟ ତାଙ୍କର ଆଇନ-ଇ-ଆକବରୀରେ ଦିବାଲିର ୪ଟି ବିଶେଷତ୍ୱ ବର୍ଣ୍ଣନା କରିଛନ୍ତି । ବଣିକଗୋଷ୍ଠୀ ମଧ୍ୟରେ ଏହାର ଲୋକପ୍ରିୟତା, ଆଲୋକସଜ୍ଜା, ଦୀପାବଳିର ଜ୍ୱଳନ ଓ ଅକ୍ଷକ୍ରୀଡ଼ା ସହ ଅନ୍ୟାନ୍ୟ ଦେଶୀୟ କ୍ରୀଡ଼ାର ଆୟୋଜନ ହୁଏ । ମୋଗଲ ସମ୍ରାଟ ଆକବର ଏହି ଦିବାଲି ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଥିବାରୁ ତାଙ୍କ



ଦୌଲତଖାନା ସମ୍ମୁଖରେ ୪୦ଫୁଟ୍ ଲମ୍ବ ଗୋଟିଏ ବାଉଁଶ ରଖାଯାଏ । ଏଥିରେ ୧୬ଟି ଦଉଡି ରଖାଯାଏ ଏବଂ ବାଉଁଶର ଅଗ୍ରଭାଗରେ ଦୀପ ଜଳେ, ଯାହାକୁ ଆକାଶଦୀପ କୁହାଯାଏ ବୋଲି ଆଇନ-ଇ-ଆକବରୀରେ ବର୍ଣ୍ଣନା ହୋଇଥିବା ଦେଖାଯାଏ । ଏହି ଆକାଶଦୀପ ବରୋଦା ମ୍ୟୁଜିୟମରେ ସୁରକ୍ଷିତ ରହି ଏହି ଉକ୍ତିର ପୁଷ୍ଟିସାଧନ କରୁଛି । ବାଣମରା କାମ ଇତିହାସରୁ ଜଣାଯାଏ ଦିବାଲି ୧୪୦୦ ମସିହା ପରେ ପ୍ରଚଳନ ହୋଇଛି । ବିଖ୍ୟାତ ମୁସ୍‌ଲିମ ପରିବ୍ରାଜକ ଆଲବରୁଣୀ ଏହି ପର୍ବ ସମ୍ପର୍କରେ ଲେଖିଛନ୍ତି, ଉକ୍ତ ଦିବସରେ ଲୋକେ ସ୍ନାନକରି, ନୂଆବସ୍ତ୍ର ପରିଧାନ କରି ପରସ୍ପରକୁ ପାନଗୁଆ, ଲଙ୍କା ପ୍ରଭୃତି ଉପହାର ଦିଅନ୍ତି । ଭିକ୍ଷାଦାନ ଦେବା ପାଇଁ ମନ୍ଦିରକୁ ଯାଆନ୍ତି ଓ ମଧ୍ୟାହ୍ନ ଯାଏ ଖେଳନ୍ତି । ରାତିରେ ଦୀପ ଜାଳୁଥିବାରୁ ବାୟୁ ନିର୍ମଳ ହୁଏ । ଏହାର ଆରାଧ୍ୟା ଲକ୍ଷ୍ମୀ ଏବଂ ଏହିଦିନ ସପ୍ତମ ପାତାଳରୁ ବଳିଙ୍କୁ ମୁକ୍ତି ଦେଉଥିବାରୁ ଏହାକୁ ବଳି ରାଜ୍ୟ ଦିବସ ବୋଲି ମଧ୍ୟ କହନ୍ତି ।

ଭାରତରେ ଏହି ପର୍ବ ସର୍ବତ୍ର ଚାଲୁକ୍ୟବଂଶ ରାଜତ୍ୱ କାଳରେ ପାଳିତ ହେଉଥିଲା । ୧୧୯୯ ମସିହାରେ ଲିଖିତ ଏକ ଶିଳାଲିପିରେ ରାଜା ତ୍ରିଭୁବନମାଲଙ୍କ ରାଜତ୍ୱ ସମୟର ଦିବାଲି ବିଷୟରେ ଖୋଦିତ ହୋଇଛି । ଦିବାଲିର ପ୍ରାଚୀନତା ସମ୍ପର୍କରେ ବହୁ ସଂସ୍କୃତ ସାହିତ୍ୟରେ ବର୍ଣ୍ଣନା ଦେଖାଯାଏ । ସୋମଦେବ ସୁରୀ ଏହାକୁ ତାଙ୍କ କବିତାରେ ଦୀପୋତ୍ସବ ନାମରେ ନାମିତ କରିଥିବାବେଳେ ଏହା ଶରତ ଋତୁରେ ପାଳିତ ହେଉଥିଲା ଏବଂ ଘରଦ୍ୱାର ଲିପାପୋଛା କରି ସଜା ଯାଉଥିଲା । ଲୋକେ ତାସ ଓ ପଶା ଖେଳିବା ସହ ରାତିରେ ଘରସବୁ ଆଲୋକମାଳାରେ ସଜ୍ଜିତ ହେଉଥିଲା । ରାଜା ହର୍ଷବର୍ଦ୍ଧନ ତାଙ୍କର ଏକ ନାଟକ ‘ନାଗାନନ୍ଦ’ରେ ଏହାକୁ‘ଦୀପ ପ୍ରତି ପଦୁତ୍ସବ’ର ନାମ ଦେଇଛନ୍ତି । ସେହିପରି କଶ୍ମୀରୀ ଲୋକକଥାମୂଳକ ଏକ ଲେଖା ‘ନୀଳମତପୁରାଣ’ ରେ ଏହି ଉତ୍ସବର ଟିକିନିଖି ବିବରଣୀ ଅଛି । ଅନ୍ୟାନ୍ୟ ପୁରାଣରେ ଏହି ପର୍ବ ‘ଯକ୍ଷରାତ୍ର’ ନାମରେ ବର୍ଣ୍ଣିତ । କାରଣ ଏହିଦିନ ଯକ୍ଷ, କୁବେରଙ୍କୁ ପୂଜା କରାଯାଇଥାଏ । ଧନର ଦେବତା କୁବେରଙ୍କୁ ଜୁଆଖେଳ ମାଧ୍ୟମରେ ସ୍ମରଣ କରାଯାଏ । ବାତ୍ସାୟନଙ୍କ କାମସୂତ୍ରରେ ଏହାକୁ ଯକ୍ଷରାତ୍ର ନାମରେ ବର୍ଣ୍ଣନା କରାଯାଇଛି। ପୁତ୍ରକାମନା ପୂରଣ ସହ ନାନା ପୈଶାଚିକ ଉପଦ୍ରବରୁ ରକ୍ଷା ନିମନ୍ତେ ଯକ୍ଷମାନଙ୍କର ଆରାଧନା କରାଯାଉଥିଲା । ଦିବାଲିର ପ୍ରଭାବ ବଣିକଗୋଷ୍ଠୀ ବିଶେଷତଃ ଜୈନ ସମ୍ପ୍ରଦାୟରେ ଅଧିକ ଅନୁଭୂତ ହୁଏ । କଥିତ ଅଛି, ମହାବୀର ଯେତେବେଳେ ନିର୍ବାଣ ପ୍ରାପ୍ତ ହେଲେ ସେତେବେଳେ ୧୮ ଜଣ କରଦ ରାଜା ଓ ଅନ୍ୟମାନେ ସେଠାରେ ଉପସ୍ଥିତ ଥିଲେ । ସେମାନେ କହିଥିଲେ, ବର୍ତ୍ତମାନ ପ୍ରଜ୍ଞାର ଆଲୋକ ନିର୍ବାପିତ, ଏଣୁ ଚାଲ ବସ୍ତୁର ଆଲୋକ ସଜ୍ଜା କରିବା । ଏଣୁ ଜୈନ ସମାଜରେ ଶ୍ୱେତାମ୍ବରମାନେ ପ୍ରଥମ ଦିନରେ ଲକ୍ଷ୍ମୀଙ୍କ ସମ୍ମାନାର୍ଥେ ଅଳଙ୍କାର ପରିଷ୍କୃତ କରିରଖନ୍ତି । ଦ୍ୱିତୀୟ ଦିନରେ ସ୍ତ୍ରୀ ଲୋକମାନେ ଛକସ୍ଥାନରେ ଗୋଲେଇ ହୋଇ ବସି ସ୍ୱହସ୍ତ ପ୍ରସ୍ତୁତ ପିଷ୍ଟକ ପ୍ରେତମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରନ୍ତି । ତୃତୀୟ ଦିନରେ ଭୋଜିଭାତର ଆୟୋଜନ, କାରଣ ଏହି ଦିନ ହିଁ ମହାବୀର ମୋକ୍ଷଲାଭ କରିଥିଲେ ଓ ଗୌତମ ‘ଇନ୍ଦ୍ରଭୂତି’ଙ୍କର କୈବଲ୍ୟ ପ୍ରାପ୍ତି ହୋଇଥିଲା । ଏଣୁ ଜୈନମାନେ ଏହି ଦିନଟିକୁ ଆଲୋକମାଳାରେ ଗୃହସଜ୍ଜାପୂର୍ବକ ହିସାବଖାତାର ପୂଜା କରନ୍ତି । ଏହି ନୂଆ ଖାତାର ଗୋଟିଏ ପୃଷ୍ଠାରେ ‘ଶ୍ରୀ’ ଶବ୍ଦକୁ ୫/୭ ବା ୯ ଥର ପିରାମିଡ ଆକାରରେ ଲେଖନ୍ତି । ସେ ଖାତା ଉପରେ ଲକ୍ଷ୍ମୀଙ୍କର ପ୍ରତିନିଧି ଭାବରେ ଗୋଟିଏ ଟଙ୍କା ରଖାଯାଏ । ବର୍ଷତମାମ ସେହି ଭାଗ୍ୟୋଦୟର ସୂଚକ ଟଙ୍କାଟିକୁ ବ୍ୟାପାରୀ ଦୃଷ୍ଟିରେ ରଖେ । ପୁଣି ବର୍ଷକ ପରେ ନୂତନ ଟଙ୍କାର ପୂଜାହୁଏ । ଏହି ମୁଦ୍ରାକୁ ବହୁ ଯତ୍ନରେ ସାଇତିରଖନ୍ତି । ତା’ଛଡ଼ା ଖାତା ଉପରେ କୌଣସି ଲତାର ପତ୍ର ସତର୍କତାର ସହ ସଂରକ୍ଷିତ କରି କର୍ପୂର ଧୂଆଁ ଓ ଦୀପ ଜାଳି ପୂଜା କରନ୍ତି । ଖାତା ଆଗରେ କିଛି ଫଳ, ପାନ ଓ ହଳଦୀ ରଖି ସମ୍ମାନ ପ୍ରଦର୍ଶନ କରନ୍ତି । ଶେଷରେ ମିଷ୍ଟାନ୍ନ ବଣ୍ଟନରେ ଏହି ଉତ୍ସବର ସମାପ୍ତି ଘଟେ । ନୂଆ ଖାତା କିଛି ସମୟ ଖୋଲା ରହେ ଓ ଶେଷରେ ‘ଲକ୍ଷ– ଲାଭ’ଇତ୍ୟାଦି ଲେଖାଯାଏ । ୪ର୍ଥ ଦିବସଟି କାର୍ତ୍ତିକମାସର ପ୍ରଥମ ଦିନ ଓ ବ୍ୟବସାୟ ବର୍ଷର ଶେଷ ଦିନ । ଜୈନମାନେ ନୂଆବର୍ଷ ପରି ଏହି ଦିନଟିକୁ ମହା ଆନନ୍ଦରେ ପାଳନ କରନ୍ତି । କେବଳ ଭାରତରେ ନୁହେଁ ବରଂ ଭାରତ ବାହାରେ ଏହାକୁ ଜାକଜମକରେ ପାଳନ କରି ମିଷ୍ଟାନ୍ନ ବଣ୍ଟନ କରିଥାନ୍ତି ।

–ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ–୮୬୫୮୫୦୫୯୭୮

## ଆରାଧ୍ୟା ଦେବୀ



# ମା’ ଭଦ୍ରକାଳୀ


ଭଦ୍ରକାଳୀ, ଭଦ୍ରକର ଆରାଧ୍ୟା ଦେବୀ । ଏବେ ଗଣପର୍ବର ରୂପ ନେଇଛି ଭଦ୍ରକକାଳୀପୂଜା । ପୁଣି ଭଦ୍ରକ ଜିଲ୍ଲାର ନାମକରଣ ମା’ଙ୍କ ନାମାନୁସାରେ ହୋଇଥିବା କୁହାଯାଏ । ଏ ସମ୍ପର୍କରେ ରହିଛି ଐତିହାସିକ, ପୌରାଣିକ ତଥ୍ୟ । ଆହାରପଦା ଗ୍ରାମରୁ ମିଳିଥିବା ଖ୍ରୀ.୩ୟ, ୪ର୍ଥ ଶତାବ୍ଦୀର ଶିଳାଲେଖରୁ ଭଦ୍ରକାଳୀଙ୍କ ନାମରୁ ଭଦ୍ରକ ସୃଷ୍ଟି ହୋଇଥିବା କେତେକ ଐତିହାସିକ ମତ ରଖନ୍ତି ।

ଭଦ୍ରକ ଅଞ୍ଚଳରେ ମଧ୍ୟ ଅନେକ ଐତିହାସିକ ପୀଠ ରହିଛି । କାଳକ୍ରମେ ଅନେକ ପୀଠ ବିଲୁପ୍ତ ହୋଇଗଲାଣି । କିନ୍ତୁ ମା’ ଭଦ୍ରକାଳୀଙ୍କ ପୀଠ କାଳର କରାଳ ସ୍ରୋତକୁ ଅତିକ୍ରମ କରି ଉଦ୍‌ଭାସିତ ହୋଇ ଭକ୍ତଗଣଙ୍କୁ ଅଭୟ ପ୍ରଦାନ କରୁଛି । ତାତ୍ତ୍ୱିକ ତଥା ସଂସ୍କୃତ ଶବ୍ଦକୋଷର ପର୍ଯ୍ୟାଲୋଚନା କଲେ ଜଣାଯାଏ, ଭଦ୍ରର ଅର୍ଥ ଶୁଭ ବା ମଙ୍ଗଳ । କାଳର ଅର୍ଥ ସମୟ ପ୍ରବାହ । ଅନ୍ୟ ଅର୍ଥରେ ଅନନ୍ୟ ସାଧାରଣ ଓ ଶୁଭଙ୍କରୀ । ମା’ ଭଦ୍ରକାଳୀ ସ୍ୱୟଂ ମଙ୍ଗଳ ଓ ସମୟ ପ୍ରଦାୟିନୀ ଶକ୍ତି । ଯଦି କୌଣସି ବ୍ୟକ୍ତି ବିପଦରେ ପଡ଼ି ମା’ ଭଦ୍ରକାଳୀଙ୍କୁ ଦର୍ଶନ କରି ଶରଣାପନ୍ନ ହୁଅନ୍ତି ତାଙ୍କର ସମସ୍ତ ଦୁଃଖ ଓ ବିପଦ ମା’ ଅପହରଣ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି । ଏଭଳି ଐତିହ୍ୟ ସମ୍ପନ୍ନ ଭଦ୍ରକ ସହରରେ ମା’ କାଳୀଙ୍କ ପୂଜା ବିଶେଷ ଗୁରୁତ୍ୱ ବହନ କରି ଆସୁଛି । କଥିତ ଅଛି ଯେ, ଆଜିକୁ ପ୍ରାୟ ୧୦୦ ବର୍ଷ ତଳେ ଭଦ୍ରକର ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀ ଭଦ୍ରକ ରେଳବାଇ ପରିସରରେ ପ୍ରଥମେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ । ସେଦିନର ପୂଜା ସାରା ଜିଲ୍ଲାକୁ ପରିବ୍ୟାପ୍ତ ହୋଇ ଗଣପର୍ବର ରୂପ ନେଇଛି ।

– ବିଭୁପ୍ରସାଦ ବେହେରା, ଭଦ୍ରକ

# ଶିକୁଳିରେ ସିଦ୍ଧକାଳୀ

ପ୍ରତ୍ୟକ୍ଷ ଦେବୀ ଭାବେ ପରିଚିତ ସିଦ୍ଧକାଳୀ । କେନ୍ଦୁଝରର ସିଦ୍ଧ ମଠଠାରେ ମା’ ବିରାଜିତ । ୮୦୦ ବର୍ଷର ପୁରାତନ ଏହି ପୀଠରେ ପୂଜିତ ମା’ କାଳୀଙ୍କ ରହିଛି ସ୍ୱତନ୍ତ୍ରତା । ଶିକୁଳିରେ ବନ୍ଧା ହୋଇ ମା’ ପୂଜା ପାଇ ଆସୁଛନ୍ତି । କିମ୍ବଦନ୍ତୀ କୁହେ, ଚୁଳିଆ ପାହାଡ଼ ପାଦ ଦେଶରେ ଅବସ୍ଥିତ ଏହି ସ୍ଥାନ ତନ୍ତ୍ର ସାଧନର ପୀଠ ଥିଲା । ବହୁ ସିଦ୍ଧ ସାଧୁ ଏଠାରେ ସାଧନା କରିବା ସହ ମନ୍ତ୍ରତନ୍ତ୍ର ବିଧି ବ୍ୟବସ୍ଥାରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ ।




ଏଠାରେ ମା’ କାଳୀଙ୍କ ପଥର ମୂର୍ତ୍ତି ରହିଥିବା ବେଳେ ଏହା ବହୁ ତଳକୁ ମାଟି ତଳେ ପୋତି ହୋଇ ରହିଥିବା କୁହାଯାଏ । ମା’ଙ୍କ ଶରୀର କଙ୍କାଳ ସଦୃଶ ମୁଗୁନି ପଥରରେ ତିଆରି ହୋଇଥିବା ମନେ ହୁଏ । ମା’ ଦଶ ଭୁଜା ଓ ପ୍ରତ୍ୟେକ ହାତରେ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ଖଣ୍ଡା, କଟା ମୁଣ୍ଡ ଆଦି ଧରିଥିବା ବେଳେ ବାମ ହାତର ଆଙ୍ଗୁଠିକୁ ପାଟିରେ କାମୁଡ଼ି ଥିବା ଦେଖିବାକୁ ମିଳେ । ଶିକୁଳିରେ ବନ୍ଧା ହେବା ନେଇ ଯଦିଓ କୌଣସି ସ୍ୱତନ୍ତ୍ର କାରଣ ନାହିଁ ତେବେ ମା’ଙ୍କ ପ୍ରକୋପ ଏତେ ଥିଲା ଯେ, ଭକ୍ତଙ୍କ ସୁରକ୍ଷା ପାଇଁ ସେତେବେଳେ ମା’ଙ୍କୁ ତନ୍ତ୍ରମନ୍ତ୍ର ଦ୍ୱାରା ଶିକୁଳିରେ ବନ୍ଧା ଯାଇ ପୂଜା କରାଯାଉଥିବା କଥିତ ରହିଛି । ଏବେ ମଧ୍ୟ ଶ୍ରଦ୍ଧାଳୁ ଭୟରେ ମନ୍ଦିର ଭିତରକୁ ପ୍ରବେଶ କରି ପୂଜା କରନ୍ତି ନାହିଁ । ମନ୍ଦିର ପାର୍ଶ୍ୱରେ ଥିବା ଝରକାରେ ମା’ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି । ଏଠାରେ କାଳିପୂଜାରେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ଯଜ୍ଞ, ଚଣ୍ଡିପାଠ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୈଷ୍ଠିକତାର ସହ କରାଯାଇଥାଏ । ଏଠାରେ ଥିବା ଶିବ ମହାକାଳ ବା କାଳେଶ୍ୱର ଭାବରେ ପୂଜା ପାଇ ଆସୁଛନ୍ତି । ଏଠାରେ ଭଗବାନ ଶିବ କ୍ଷମତାହୀନ ବୋଲି କୁହାଯାଏ । ମା’ କାଳୀ କ୍ଷମତା ସମ୍ପନ୍ନ ବୋଲି ଲୋକେ ବିଶ୍ୱାସ କରି ପୂଜା କରିଥାନ୍ତି ।

ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମନ୍ଦିରରେ ବର୍ଷ ତମାମ ଭକ୍ତଙ୍କ ଭିଡ଼ ଜମୁଥିଲେ ହେଁ ବିଶେଷ କରି କାଳୀ ପୂଜା ସମୟରେ ଅଧିକ ଜନ ସମାଗମ ହୋଇଥାଏ । ତେବେ କରୋନା କଟକଣା ପାଇଁ ଚଳିତ ବର୍ଷ ବିନା ଭକ୍ତରେ ରୀତିନୀତି ଅନୁଯାୟୀ ମା’ଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ।

– ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର






ଦୀପାବଳି ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ଦୀପାବଳି ଏମାନଙ୍କ ମତରେ



“ରକ୍ତଦାନ ଓ ଶ୍ରମଦାନ କରି ଆମେ ପ୍ରତିବର୍ଷ ଦୀପାବଳୀକୁ ସ୍ୱତନ୍ତ୍ରଭାବେ ପାଳନ କରିଥାଉ । ଏଥର ଆମେ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମରେ ଦୀପାବଳି ପାଳିବାକୁ ସ୍ଥିର କରିଛୁ । ବାଣ ଫୁଟାଇବା ପରିବର୍ତ୍ତେ ସେହି ଅର୍ଥରେ ବିଭିନ୍ନ ପ୍ରକାର ସାମଗ୍ରୀ ଦାନ କରିବୁ । ଅନାଥମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରି ଦୀପାବଳି ମନାଇବାକୁ ସ୍ଥିର କରିଛୁ ।

– ସଞ୍ଜୟ ମିଶ୍ର



“କୋଭିଡ୍ ଯୋଗୁ ସବୁ ପର୍ବପର୍ବାଣୀ ଫିକା ହୋଇଯାଇଛି । ଏଥର ଦୀପାବଳି ମଧ୍ୟ ଫିକା ପଡ଼ିବ । କୋଭିଡ୍ ସଂକ୍ରମଣକୁ ରୋକିବାକୁ ରାଜ୍ୟ ସରକାର ବାଣ ବିକ୍ରି ଉପରେ କଟକଣା ଲଗାଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଆମେ ଆଲୋକ ଓ ଦୀପରେ ଏଥର ଦୀପାବଳିକୁ ପାଳନ କରିବା ।

– ନିବେଦିତା ପ୍ରଧାନ



“ଅନ୍ଧାର ଉପରେ ଆଲୋକର ବିଜୟ ପାଇଁ ଉତ୍ସବ ମନାଇବାକୁ ଓଡ଼ିଶାବାସୀ ପ୍ରସ୍ତୁତ ହୋଇଛନ୍ତି । ଦୀପାବଳିକୁ ନିଆରାଭାବେ ପାଳନ କରିବାକୁ ଏଥର ଯୁବପିଢି ଆଗେଇ ଆସିବା ଉଚିତ୍ । ବାଣ ଯୋଗୁ ହେଉଥିବା ପ୍ରଦୂଷଣ ଏବଂ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଚଳିତବର୍ଷ ନିରାଡ଼ମ୍ବରଭାବେ ଦୀପାବଳି ପାଳନ କରିବା ଉଚିତ୍ ।

– ତପସ୍ୱିନୀ ବେହେରା



“ବ୍ୟକ୍ତିଗତ ସ୍ତରରେ ସମସ୍ତେ ପରିବେଶ ଉପଯୋଗୀ ତଥା ଗ୍ରୀନ୍ ଦିୱାଲୀ ପାଳନକୁ ଗୁରୁତ୍ୱ ଦେବା ଆବଶ୍ୟକ । ଏହାଦ୍ୱାରା ପ୍ରତିବର୍ଷ ହେଉଥିବା ମାତ୍ରାଧିକ ପ୍ରଦୂଷଣକୁ ରୋକିବା ସହ ସମାଜର ମଙ୍ଗଳରେ ଭାଗିଦାରୀ ହୋଇପାରିବା । ଆତସବାଜୀଠାରୁ ଦୂରେଇ ରହି ପରୋପକାର କରି ନିଜ ଦୀପାବଳିକୁ ଆଲୋକିତ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟିପାରିବା ।

– ଯାଜ୍ଞସେନୀ ପ୍ରଧାନ

# ଯଃ କାଳୀ ସଃ କୃଷ୍ଣ

ମୋହନ ଚରଣ ବିଷି

ମା’ ଆଦ୍ୟାଶକ୍ତି ସୃଷ୍ଟି କାରିଣୀ । ଯୁଗେ ଯୁଗେ ମା’ଙ୍କର ରୂପ ପରିବର୍ତ୍ତନ ହୋଇ ଭକ୍ତ ଉଦ୍ଧାରଣ ନିମିତ୍ତ ଆବିର୍ଭୂତ ହୋଇଥାନ୍ତି । ସେ ଲୀଳାମୟୀ । ସେ ପ୍ରେମମୟୀ, କୋପମୟୀ । ଶ୍ରଦ୍ଧା, ସହାନୁଭୂତି, ମମତାମୟୀ, ଶକ୍ତି ପ୍ରଦାୟିନୀ ମା’ । ମା’ର ଅନେକ କଥା କାହାଣୀ । ମା’ ଦୁର୍ଗତି ନିବାରିଣୀ ଦୁର୍ଗା ମହିଷାସୁର ପ୍ରାଣ ନେବାପରେ ଦେବତା ନର ଆଶ୍ୱସ୍ତି ଅନୁଭବ କଲେ । ଏବେ କିନ୍ତୁ ଅନେକ ମହିଷାସୁରର ରାଜୁତି । କେବଳ ମା’ଙ୍କର ପୂଜା, ଆରାଧନା କରିଦେଲେ ହେବନାହିଁ ମନ ଶରୀର ଭିତରେ ଥିବା ଶତ ଶତ ମହିଷାସୁରକୁ ବଧ କରିବାକୁ ପଡିବ । ଏଥିପାଇଁ ତ ମା’ଙ୍କର ତରବାରି ଦରକାର । ମା’ଙ୍କର ଜ୍ଞାନ ଖଡ୍ଗରେ ଅଜ୍ଞାନ ରୂପୀ ମହିଷାସୁରକୁ ଭସ୍ମ କରିବା । ତ୍ରେତୟା ଯୁଗର କଥା । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ପିତୃସତ୍ୟ ପାଳନ କରି ଚଉଦ ବର୍ଷ ବନବାସ କରିଛନ୍ତି । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସହିତ ମା’ ଜାନକୀ ମଧ୍ୟ ବନବାସିନୀ ହୋଇଛନ୍ତି । ଜଗତର କଲ୍ୟାଣ ପାଇଁ ବନବାସର ଦୁଃଖ କଷ୍ଟ ସବୁ ସହିଛନ୍ତି । ମା’ ଜାନକୀଙ୍କର ବନ ଗମନ,ସ୍ୱର୍ଣ୍ଣ ମୃଗ ଦର୍ଶନ, ରାବଣ ହରଣ, ଅଗ୍ନିପରୀକ୍ଷା, ବାଲ୍ମୀକି ଆଶ୍ରମରେ ଅବସ୍ଥାନ ଲୀଳା ହିଁ ତ ଥିଲା । ମା’ ସୀତାଙ୍କୁ ରାବଣ ହରଣ କରି ନ ଥିଲେ ରାବଣର ବିନାଶ କ’ଣ ସହଜ ହୋଇଥାନ୍ତା ?? ସବୁ ସେହି ପରମପିତା ଓ ଆଦ୍ୟାଶକ୍ତିଙ୍କ ରହସ୍ୟ ମାତ୍ର । ଜାନକୀ ରୂପରେ ପ୍ରଭୁଙ୍କର ସେବା କରି ରାବଣ ବଧ ଓ ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠା ପଛରେ ମା’ଙ୍କର ଶକ୍ତି ହିଁ ସ୍ପଷ୍ଟଭାବରେ ପରିଦୃଷ୍ଟ ହୋଇଛି । ଦେବତା ଓ ଅସୁରମାନେ ସମୁଦ୍ର ମନ୍ଥନ କରିବାରୁ ମା’ ଲକ୍ଷ୍ମୀ ସମୁଦ୍ର ଗର୍ଭରୁ ଜାତ ହେଲେ । ଦେବତା ଓ ଦାନବ ମା’ଙ୍କର ଅପୂର୍ବ ରୂପ ଦେଖି ବିମୋହିତ ହେଲେ । ଶେଷରେ ମା’ ଲକ୍ଷ୍ମୀ ତ୍ରିଗୁଣାତୀତ ବିଷ୍ଣୁଙ୍କର ଅର୍ଦ୍ଧାଙ୍ଗିନୀ ହେଲେ । ମା’ ଲକ୍ଷ୍ମୀ ଜାତି ବର୍ଣ୍ଣ ନିର୍ବିଶେଷରେ ସର୍ବତ୍ର ପୂଜିତ ହୁଅନ୍ତି । ସେଥିପାଇଁ ବିଷ୍ଣୁ ରୂପୀ ଜଗନ୍ନାଥଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି । ତଥାପି ସ୍ୱାମୀ ବିରହବେଦନା ସହି ମଧ୍ୟ ଜଗତର କଲ୍ୟାଣ ପାଇଁ କାର୍ଯ୍ୟ କରିଛନ୍ତି । ମା’ ମହାଲକ୍ଷ୍ମୀ ଏହା ସାରାଜଗତରେ ପ୍ରତିପାଦିତ କରିଛନ୍ତି । ସକଳବିଦ୍ୟାର ଅଧିକାରିଣୀ ମା’ ସରସ୍ୱତୀ । ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କର ଆହ୍ଲାଦିନୀ ଶକ୍ତି । ମା’ ର କରୁଣାରୁ ଭକ୍ତର ଜ୍ଞାନଚକ୍ଷୁ ଖୋଲିଯାଏ । ଏହି ତ୍ରୟ ଶକ୍ତି ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ହିଁ ସଂସାରର ଶକ୍ତିର ଉତ୍ସ । ତାଙ୍କଠାରୁ ସତ୍ ଚିତ୍ ଆନନ୍ଦ ଶକ୍ତି ବିଚ୍ଛୁରିତ ହୋଇଥାଏ । କେବଳ



ସେତିକି ନୁହେଁ, ମା’ ରାଧାରାଣୀ ଆହ୍ଲାଦିନୀ ଶକ୍ତିରୂପେ ଆବିର୍ଭୂତ ହୋଇ ସାରା ସଂସାରେ ପ୍ରେମର ଅମୀୟ ଧାରା ପ୍ଲାବନ କରିଥିଲେ । ଶ୍ରୀକୃଷ୍ଣଙ୍କ ସହ ଗୋପରେ କେତେ ଯେ ଅପୂର୍ବ ଲୀଳା କରିଛନ୍ତି । ଏହା କେବଳ ପ୍ରେମଶକ୍ତିର ପରାକାଷ୍ଠା । ମହାଯୋଗେଶ୍ୱର କୃଷ୍ଣ ମହାକାଳୀ ରୂପ ଧାରଣ କରିବାର ରହସ୍ୟ ଭେଦ କଲେ ସବୁ କିଛି ଜ୍ଞାତ ହୋଇଯାଏ । ସେଥିପାଇଁ ସଦ୍‌ଗୁରୁଦେବ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜ କହିଲେ– ଯଃ କାଳୀ ସଃ କୃଷ୍ଣ । ଯିଏ କାଳୀ ସିଏ କୃଷ୍ଣ । ଯିଏ ଶ୍ୟାମ ସେ ହିଁ ଶ୍ୟାମା । ଉତ୍କଳସ୍ୟ ଜଗନ୍ନାଥ ସାକ୍ଷାତ ଦକ୍ଷିଣ କାଳୀକା । ବିଷ୍ଣୁରୂପୀ ଜଗନ୍ନାଥ ହେଉଛନ୍ତି ମହାକାଳ । ଶକ୍ତିଙ୍କର ଏହା ଅତ୍ୟନ୍ତ ଗୂଢ ରହସ୍ୟ ।

–ଅଧ୍ୟାପକ, ଗଡ଼ରାମାଳ, କୋକସରା, କଳାହାଣ୍ଡି, ମୋ:୯୭୭୭୪୬୮୮୪୧

## ସଂକ୍ଷେପରେ

### ଶୀତ ଅଧିବେଶନରେ ଟେଷ୍ଟିଂ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ): ବିଧାନସଭା ଶୀତ ଅଧିବେଶନକୁ କୋଭିଡ୍ ସଂକ୍ରମଣଠାରୁ ଦୂରେଇ ରଖିବାକୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ବାଚସ୍ପତି ସୂର୍ଯ୍ୟନାରାଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ବିଧାନସଭା ସଦସ୍ୟଙ୍କ ଲାଗି ସ୍ୱତନ୍ତ୍ର କ୍ୟାବିନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ଯୋଗାଡ଼ କରିବା, ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ବିଧାନସଭାରେ ନିୟୋଜିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ୨୦ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେବ। ଏଥିପୂର୍ବରୁ ୧୭ରୁ ୧୯ ତାରିଖ ଯାଏ ନମୁନା ପରୀକ୍ଷଣ ଚାଲିବ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ସେମାନଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ (ପିଏସ୍ଓ), ଡ୍ରାଇଭର, ବିଧାନସଭା ସଦସ୍ୟ, କର୍ମଚାରୀ ଏବଂ ଖବରଦାତାଙ୍କ ନମୁନା ପରୀକ୍ଷା ହେବ। ୧୭ ଏବଂ ୧୮ ତାରିଖରେ ପୂର୍ବାହ୍ନ ସାଢ଼େ ୮ଟାରୁ ସାଢ଼େ ୧ଟା ଏବଂ ଅପରାହ୍ନ ୩ଟାରୁ ୫ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ୧୯ ତାରିଖରେ ପୂର୍ବାହ୍ନ ସାଢ଼େ ୮ଟାରୁ ସାଢ଼େ ୧ଟା ଯାଏ ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ଅଧିବେଶନ ଶେଷରେ ପୁନର୍ବାର ସମସ୍ତଙ୍କ ଆର୍‌ଟିପିସିଆର ଟେଷ୍ଟ କରାଯିବ। ଅଧିବେଶନ ସମୟରେ କେହି ଆବଶ୍ୟକତା ଅନୁଭବ କଲେ ଆଣ୍ଟିଜେନ୍ ଟେଷ୍ଟ କରାଇପାରିବେ। ବିଧାନସଭା ସଚିବଙ୍କ ସହ ଆଲୋଚନା ପରେ କରୋନା ସଂକ୍ରମଣରୁ ସୁରକ୍ଷା ଦେବାକୁ ଆବଶ୍ୟକ ଉପକରଣ ଯୋଗାଇ ଦେବାକୁ ବିଏମ୍‌ସି କମିଶନରଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଓଏମ୍‌ସିଏଲର ନିର୍ଦ୍ଦେଶକଙ୍କୁ ଏହି ଉପକରଣ ଯୋଗାଇବା ଏବଂ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଡାକ୍ତରୀ ଟିମ୍ ଅବସ୍ଥାପିତ କରାଇବାକୁ କୁହାଯାଇଛି।

### ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ କଟକଣା ହଟିଲା

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ): ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ଲାଗୁ କରାଯାଇଥିବା ଆଦର୍ଶ ଆଚରଣବିଧି କଟକଣାକୁ ଭାରତର ନିର୍ବାଚନ କମିଶନ ଉଠାଇ ଦେଇଛନ୍ତି। ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସମ୍ପୃକ୍ତ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

### କୋଭିଶିଲ୍ଡ ଟିକା ପରୀକ୍ଷା ପାଇଁ ପଞ୍ଜୀକରଣ ଶେଷ

ମୁମ୍ବାଇ, ୧୩।୧୧: ଭାରତରେ କରୋନା ଟିକା କୋଭିଶିଲ୍ଡର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଲାଗି ନାମ ପଞ୍ଜୀକରଣ ଶେଷ ହୋଇଛି। ବିଶ୍ୱର ସର୍ବାଧିକ ଟିକା ଉତ୍ପାଦନକାରୀ କମ୍ପାନୀ ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ଏବଂ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଏହି ପର୍ଯ୍ୟାୟ ପରୀକ୍ଷାରେ ୧୬୦୦ ଲୋକ ଭାଗନେବେ। ଦେଶର ୧୫ଟି ସ୍ଥାନରେ ଏହାର ପରୀକ୍ଷା କରାଯିବ। ଆଷ୍ଟ୍ରା ଜେନେକା ସହାୟତାରେ ଏସ୍ଆଇଆଇର ପୁଣେ ଲାବରେଟୋରି ଉକ୍ତ ଟିକା ପ୍ରସ୍ତୁତ କରିଛି। ପରୀକ୍ଷା ପାଇଁ ଆଇସିଏମ୍ଆର୍ ପାଣ୍ଠି ଯୋଗାଇଥିବାବେଳେ ଅନ୍ୟାନ୍ୟ ଖର୍ଚ୍ଚ ଏସ୍ଆଇଆଇ ବହନ କରୁଛି।

# ସବୁ ଚାଷୀଙ୍କୁ ମିଳିବ ପରିଚୟପତ୍ର

■ କୃଷକ ଓଡ଼ିଶା ସମେତ ବିଭିନ୍ନ ଅନ୍‌ଲାଇନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ କରୋନା ସମୟରେ କୃଷି ଅର୍ଥନୀତି ପାଇଁ ବଡ଼ ଆଶା: ନବୀନ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ସମସ୍ତ ଚାଷୀଙ୍କୁ କୃଷକ ପରିଚୟପତ୍ର ଦିଆଯିବ। ଏଥିପାଇଁ କୃଷକ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟର ୭୬ ଲକ୍ଷ ଚାଷୀଙ୍କୁ ନେଇ କୃଷକ ଡାଟାବେସ୍ ଆରମ୍ଭ କରାଯାଇଛି। ଏହି ଡାଟାବେସ୍‌ର ଯାଞ୍ଚ ପ୍ରକ୍ରିୟା ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ କୃଷକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ଏହାଦ୍ୱାରା କୃଷକମାନେ ସହଜରେ ବିଭିନ୍ନ ସରକାରୀ ଯୋଜନା ଓ ସେବାର ସୁଫଳ ଶୀଘ୍ର ପାଇପାରିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫-ଟି କାର୍ଯ୍ୟକ୍ରମ ଅଧୀନରେ କୃଷକ, କୃଷି କର୍ମଚାରୀଙ୍କ ପାଇଁ କୃଷକ ଡାଟାବେସ୍, କୃଷି ସାମଗ୍ରୀ ବିକ୍ରେତାଙ୍କ ନିମନ୍ତେ ଅନ୍‌ଲାଇନ ଲାଇସେନ୍ସ ପ୍ରଦାନ, ଦକ୍ଷ କର୍ମଚାରୀଙ୍କ ଲାଗି ପ୍ରୋତ୍ସାହନ ଆଦି ଅନ୍‌ଲାଇନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷକ ଓଡ଼ିଶାରେ ୭୬ ଲକ୍ଷ ଚାଷୀଙ୍କ ଡାଟାବେସ୍ ରଖାଯିବା ଏକ ଭଲ ଉଦ୍ୟମ। ରାଜ୍ୟର ଚାଷୀମାନେ ନିଜ କାମ ଛାଡ଼ି ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ନ ଆସି ଘରେ ରହି ଅନ୍‌ଲାଇନ ଜରିଆରେ ସେବା ପାଇବେ। ୫-ଟିର ଅଭିନବ ପ୍ରୟାସ ଏହାକୁ ସଫଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୃଷକ ଓଡ଼ିଶା, ଡିଲରଙ୍କ ପାଇଁ ଅନ୍‌ଲାଇନ ଲାଇସେନ୍ସ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ସାର୍ଟିଫିକେଟ, କୃଷିକ୍ଷେତ୍ର କର୍ମଚାରୀଙ୍କ ପାଇଁ ଦକ୍ଷତା କାର୍ଯ୍ୟକ୍ରମ ବିଭାଗକୁ ଚାଷୀଙ୍କ ସହ ସିଧା ଯୋଡ଼ିବାରେ ଏହା ସହାୟକ ହେବ।

ଭଲ କାମ କରୁଥିବା କୃଷି ବିଭାଗ କର୍ମଚାରୀଙ୍କୁ ସ୍ୱୀକୃତି ଦେବା ପାଇଁ ହେଉଥିବା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି ଦକ୍ଷ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କୃଷି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। କରୋନା ସମୟରେ କୃଷି ହିଁ ଅର୍ଥନୀତି ପାଇଁ ବଡ଼ ଆଶା ଭାବେ ଦେଖାଦେଇଛି। ଏ ବର୍ଷ ଶସ୍ୟ ଉତ୍ପାଦନ ବହୁ ପରିମାଣରେ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ସାମଗ୍ରୀ ବିକ୍ରେତାଙ୍କ ପାଇଁ ଲାଇସେନ୍ସ ପ୍ରଦାନ କରିବା ସହ ୬ଟି ଅନ୍‌ଲାଇନ ସେବା ଏବଂ ଓୟୁଏଟି ଛାତ୍ରୀଛାତ୍ରଙ୍କ ପାଇଁ ସାର୍ଟିଫିକେଟ ଓ ମାର୍କଶିଟ ଆଦି ୯ଟି ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦକ୍ଷ କୃଷି କର୍ମଚାରୀଙ୍କୁ ସ୍ୱୀକୃତି ଓ ପୁରସ୍କାର ଦିଆଯାଇଛି। ସେପ୍ଟେମ୍ବରରେ ୨୨ ଏବଂ ଅକ୍ଟୋବରରେ ୩୮ କର୍ମଚାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ୨୦୧୮ରେ ଆରମ୍ଭ ହୋଇଥିବା ଆମ କୃଷି କାର୍ଯ୍ୟକ୍ରମରେ ଚାଷୀଙ୍କୁ ମୋବାଇଲ ଫୋନଭିତ୍ତିକ କୃଷି ପରାମର୍ଶ ସେବା ଦିଆଯାଉଛି। ୨୦୧୮ରେ ୫୦ ହଜାର ଚାଷୀଙ୍କୁ ଧାନ ସମ୍ବନ୍ଧୀୟ ସୂଚନା ଦିଆଯାଇଥିଲା।




ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରୁଛନ୍ତି। ପାର୍ଶ୍ୱରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି ) ଭି.କେ. ପାଣ୍ଡିଆନ।

ଏବେ ୧୦ଲକ୍ଷ ଚାଷୀଙ୍କୁ ୧୫ଟି ଫସଲ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଉଛି।

ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟ କୃଷି ବିଭାଗ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଛି। ୫-ଟି କାର୍ଯ୍ୟକ୍ରମକୁ ବିଭାଗ ନିଷ୍ଠାର ସହ ପାଳନ କରିବ ବୋଲି ସେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଓୟୁଏଟି କୁଳପତି, ସମବାୟ ବିଭାଗ ସଚିବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ବିଭିନ୍ନ ଜିଲାର ଜିଲାପାଳ ଏବଂ କୃଷି ଅଧିକାରୀମାନେ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ଆଖପାଖରେ ଜଳିବନି କାଉଁରିଆ କାଠି

**କୋଭିଡ୍ କଟକଣା ମାନି ଶ୍ରାଦ୍ଧ କରିହେବ**

**ପୁରୀ ଅଫିସ,୧୩।୧୧:** ଶନିବାର ପବିତ୍ର ଦୀପାବଳି ଅମାବାସ୍ୟା। ତେବେ ଏଥର କରୋନା ମହାମାରୀ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାରରେ ବଡ଼ବଡୁଆ ଡାକ ଶୁଭିବନି। ଅର୍ଥାତ୍ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ କୌଣସି ସ୍ଥାନରେ କାଉଁରିଆ କାଠି ଜଳାଯିବ ନାହିଁ ବୋଲି ପୁରୀ ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଛି। ଶୁକ୍ରବାର ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ଶ୍ରୀମନ୍ଦିର ଆଖପାଖରେ କାଉଁରିଆ କାଠି ଜାଳିବାକୁ ବାରଣ କରାଯାଇଛି। ସମସ୍ତେ ଘରେ ରହି ଦୀପଜାଳି ଦୀପାବଳି ପାଳନ କରନ୍ତୁ। କିନ୍ତୁ ଯେଉଁମାନେ ଶ୍ରାଦ୍ଧ କରିବାକୁ ଚାହିଁବେ ସେମାନେ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ମାନି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଫାଙ୍କା ଜାଗା ଏବଂ ଏମାର ମଠ କଡ଼ ପାର୍କିଂ ସ୍ଥଳରେ ଶ୍ରାଦ୍ଧ କରିପାରିବେ। କିନ୍ତୁ ଜନସାଧାରଣ ଏଥର ପୁରୀକୁ ନ ଆସି ଘରେ ରହି ଦୀପାବଳି ପାଳନ କରିବାକୁ ପ୍ରଶାସନ ଅନୁରୋଧ କରିଛି। ଦୀପାବଳି ଅମାବାସ୍ୟାରେ ପୁରୀକୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ବାଇଶି ପାହାଚରେ ଶ୍ରାଦ୍ଧ ଦେବା ସହ ସିଂହଦ୍ୱାର ସମ୍ମୁଖରେ କାଉଁରିଆ କାଠି ଜାଳିଥାନ୍ତି।



ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରେକ୍ଷାଳୟରେ ଶୁକ୍ରବାର ଆୟୋଜିତ ‘ଶିଳ୍ପୀ ସମ୍ବର୍ଦ୍ଧନା’ ଉତ୍ସବରେ ଓଡ଼ିଶା ଲଳିତ କଳା ଏଡାଡେମୀ ପକ୍ଷରୁ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିମାନେ।

## ‘ଶିଳ୍ପୀ ସମ୍ବର୍ଦ୍ଧନା’ ଦେଲା ଓଡ଼ିଶା ଲଳିତ କଳା ଏକାଡେମୀ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡିଶା ଲଳିତ କଳା ଏଡାଡେମୀ ପକ୍ଷରୁ ୨୦୧୪ ଓ ୨୦୧୫ ମସିହା ପାଇଁ ୧୦ଜଣ ଶିଳ୍ପୀଙ୍କୁ ‘ଶିଳ୍ପୀ ସମ୍ବର୍ଦ୍ଧନା’ ସମ୍ମାନ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଶନିବାର ପୂର୍ବାହ୍ନରେ ବିଭାଗର ପ୍ରେକ୍ଷାଳୟରେ ଆୟୋଜିତ ନିରାଡମ୍ବର ଉତ୍ସବରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

୧୦୧୪ ମସିହା ପାଇଁ ମୃତ ଶିଳ୍ପୀ ଶରତ କୁମାର ରଥଙ୍କୁ ମରଣୋତ୍ତର ଭାବେ ତାଙ୍କ ସହଧର୍ମିଣୀ କମଳିନୀ ରଥ, ମୃତ ଶିଳ୍ପୀ ହରିଶ ଚନ୍ଦ୍ର ସିହ୍ନାବାବୁଙ୍କ ପାଇଁ ମରଣୋତ୍ତର ଭାବେ ତାଙ୍କ ସହଧର୍ମିଣୀ ବିଳାଶ କୁମାରୀ ଚୌଧୁରୀ, ମୃତ ଶିଳ୍ପୀ ଦେବରାଜ ସାହୁଙ୍କ ପାଇଁ ମରଣୋତ୍ତର ଭାବେ ତାଙ୍କ ସହଧର୍ମିଣୀ ସତ୍ୟଭାମା ସାହୁ, ମୃତ ଶିଳ୍ପୀ ପ୍ରମୋଦ ମହାନ୍ତିଙ୍କ ପାଇଁ ମରଣୋତ୍ତର ଭାବେ ରେଣୁକା ମହାନ୍ତି ଏବଂ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ, ମାନପତ୍ର ସହ ୨୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ୨୦୧୫ ପାଇଁ ମୃତ ଶିଳ୍ପୀ ଚିତ୍ରା ପଟ୍ଟନାୟକଙ୍କ ପାଇଁ ମରଣୋତ୍ତର ଭାବେ ତାଙ୍କ ସ୍ୱାମୀ ସତୀଶ ଚନ୍ଦ୍ର ପଟ୍ଟନାୟକ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ତେବେ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ପଦ୍ମଶ୍ରୀ କୈଳାସ ମେହେର ଓ ଶୈଳବାଳା ନାୟକ ଉକ୍ତ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଓଏସ୍‌ଡ଼ି ମନସ୍ୱିନୀ ସାହୁ ଉପସ୍ଥିତ ଥିଲେ। ଏକାଡେମୀ ସଚିବ ରାଜେନ୍ଦ୍ର ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୁରସ୍କୃତ ଶିଳ୍ପୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ, ଏକାଡେମୀ ପକ୍ଷରୁ ଧର୍ମପଦ ପୁରସ୍କାର ସହ ଶିଳ୍ପୀ ସମ୍ବର୍ଦ୍ଧନା ଘୋଷଣା କରାଯାଇଥିଲା। ଗତ ଅଗଷ୍ଟ ୧୦ରେ ମନ୍ତ୍ରୀ ପାଣିଗ୍ରାହୀ ଧର୍ମପଦ ପୁରସ୍କୃତ ଶିଳ୍ପୀଙ୍କୁ ସେମାନଙ୍କ ବାସଭବନରେ ପୁରସ୍କାର ପ୍ରଦାନ କରିଥିଲେ। ମାତ୍ର ଶିଳ୍ପୀ ସମ୍ବର୍ଦ୍ଧନା ଦିଆଯାଇ ପାରି ନ ଥିଲା। ଇତିମଧ୍ୟରେ ଶିଳ୍ପୀ ଶୈଳବାଳା ନାୟକ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ମନା କରିଥିଲେ।

## ଜ୍ୟୋତିରାଦିତ୍ୟଙ୍କୁ ମୁକାବିଲା ଲାଗି ନୂଆ ମୁହଁ ଖୋଜୁଛି କଂଗ୍ରେସ

**ନୂଆଦିଲ୍ଲୀ, ୧୩।୧୧(ଆଇଏଏନ୍‌ଏସ୍):** ମଧ୍ୟପ୍ରଦେଶ ଉପନିର୍ବାଚନରେ କଂଗ୍ରେସର ପରାଜୟ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ ପ୍ରଦେଶ କଂଗ୍ରେସ ମୁଖ୍ୟ ପଦରୁ ଓହରିଯାଇ କେନ୍ଦ୍ର ରାଜନୀତିକୁ ଚାଲିଯିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ସେ ରାଜ୍ୟ ରାଜନୀତି ଛାଡ଼ି କେନ୍ଦ୍ରୀୟ ରାଜନୀତିରେ ଭାଗନେବାକୁ ଆଗ୍ରହୀ ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମୁକାବିଲା କରିବା ଲାଗି କଂଗ୍ରେସ ଗ୍ୱାଲିୟର-ଚମ୍ବଲ ଅଞ୍ଚଳରେ ନୂଆ ମୁହଁ ଚାହୁଁଥିବା ଜଣାପଡ଼ିଛି। ଏହି ଅଞ୍ଚଳର ବିଧାୟକମାନେ କମଲନାଥ ସରକାର ପତନର କାରଣ ହୋଇଥିଲେ। ମଧ୍ୟପ୍ରଦେଶରେ ୨୮ ଆସନ ଲାଗି ହୋଇଥିବା ଉପନିର୍ବାଚନରେ କଂଗ୍ରେସ ମାତ୍ର ୯ଟିହାତେଇବାରେ ସକ୍ଷମ ହୋଇଛି।

## ବିନ୍ଦୁସାଗର କୂଳରେ ଏଥର ପିଣ୍ଡ ମନା

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ):** ମହାମାରୀ କରୋନାକୁ ଲକ୍ଷ୍ୟକରି ଭୁବନେଶ୍ୱର ବିନ୍ଦୁସାଗରରେ ଏବର୍ଷ ପୟା ଶ୍ରାଦ୍ଧ ତଥା ପିଣ୍ଡଦାନକୁ ବନ୍ଦ ରଖାଯାଇଛି। ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ଓ ବିନ୍ଦୁସାଗରରେ ପୟାଶ୍ରାଦ୍ଧ ଏବଂ ପିଣ୍ଡଦାନ କରାଯାଇପାରିବ ନାହିଁ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏହି କଟକଣା ଜାରି କରିଛି। କରୋନାର କବଳରେ ରାଜଧାନୀ ଭୁବନେଶ୍ୱର ପଡ଼ିଥିଲା। ପ୍ରତିଦିନ ଶହ ଶହ ଲୋକେ ଆକ୍ରାନ୍ତ ହେଉଥିଲେ। ମାତ୍ର ବିଏମ୍‌ସି ଓ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ କରୋନା ଆୟତ୍ତକୁ ଆସିପାରିଛି। ଏବେ ପ୍ରତିଦିନ ୪୦ରୁ ୫୦ଜଣ ଲେଖାଏ ଆକ୍ରାନ୍ତ ହେଉଛନ୍ତି। ତେବେ ସତର୍କ ନ ରହିଲେ କରୋନା ବ୍ୟାପିବାର ବହୁ ସମ୍ଭାବନା ରହିଛି। ସେଥିପାଇଁ ଜନଗହଳିକୁ ଏଡ଼ାଇବା ପାଇଁ ବିନ୍ଦୁ ସାଗରରେ ହେବାକୁ ଥିବା ଶ୍ରାଦ୍ଧ ବନ୍ଦ କରିଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ‘ମୋ ସ୍କୁଲ’ରେ ୧୬୧୦ ବିଦ୍ୟାଳୟ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ’ ଅଭିଯାନରେ ୨୫ଟି ଜିଲାର ୧୬୧୦ ବିଦ୍ୟାଳୟ ସାମିଲ ହୋଇଛି। ଏହି ସ୍କୁଲଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ୨ କୋଟି ୪୬ ଲକ୍ଷ ୯୦ ହଜାର ୨୦ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ରାଜ୍ୟ ସରକାର ଏହାର ଦୁଇଗୁଣା ଅର୍ଥ ୪ କୋଟି ୯୩ ଲକ୍ଷ ୮୦ ହଜାର ୪୦ ଟଙ୍କା ଅନୁମୋଦନ କରିଛନ୍ତି । ଏ ନେଇ ଶୁକ୍ରବାର ‘ମୋ ସ୍କୁଲ’ ପରିଚାଳନା ସଙ୍ଗଠନର ୧୮ତମ କାର୍ଯ୍ୟକାରୀ କାଉନସିଲ୍ ବୈଠକରେ ସୂଚନା ଦିଆଯାଇଛି। ଏହି ଭର୍ଚୁଆଲ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରିଥିଲେ। ବିଶେଷ କରି ଗଜପତି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ବରଗଡ଼ ପ୍ରଭୃତି ଜିଲାର ବହୁ ସ୍କୁଲ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଗଜପତି ଜିଲାରୁ ସର୍ବାଧିକ ୫୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରାଯାଇଛି। ମୋଟ ୭ କୋଟି ୪୦ ଲକ୍ଷ ୭୦ ହଜାର ୬୦ ଟଙ୍କା ବ୍ୟୟ ଅଟକଳରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବ। ଏଥିସହ ‘ମୋ ସ୍କୁଲ’ ଅଭିଯାନ ସହିତ ଟାଟା ଟ୍ରଷ୍ଟ ସହ ମିଳିତ ଭାବେ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପାଠାଗାର ନିର୍ମାଣ ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରମୁଖ ଶାସନ ସଚିବ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯାନରେ ମାର୍ଚ୍ଚ ୨୦୨୧ ଭିତରେ ବିଦ୍ୟାଳୟର ୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଯୋଡିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

## ଲଘୁ ଖଣିଜ ସଇରାତ ସଂଖ୍ୟା ୪,୭୭୬କୁ ବୃଦ୍ଧି

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ୨୦୧୯-୨୦ ଆର୍ଥିକବର୍ଷରେ ଲଘୁ ଖଣିଜ ଦ୍ରବ୍ୟରୁ ରାଜସ୍ୱ ସଂଗ୍ରହରେ ୧୨୪% ଅଭିବୃଦ୍ଧି ହୋଇଛି। ରାଜ୍ୟରେ ଖଣିଜ ସଇରାତ ଉତ୍ସରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୧୩୨ ନୂତନ ଉତ୍ସ ଚିହ୍ନଟ ହେବା ସହ ସମୁଦାୟ ଲଘୁ ଖଣିଜ ସଇରାତ ସଂଖ୍ୟା ୪,୭୭୬କୁ ବୃଦ୍ଧି ପାଇଛି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି।

ବୈଠକରେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିଷ୍ଣୁପଦ ସେଠୀ କହିଲେ, ଚଳିତବର୍ଷ ସଇରାତ ସଂଖ୍ୟା ୪,୭୬୭କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ୧,୪୨୮ ସଇରାତରୁ ଲଘୁ ଖଣିଜ ପଦାର୍ଥ ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି। ନଦୀଶଯ୍ୟାରେ ପ୍ରାୟ ୧୦୦ ଏକରର ୫ ବାଲି ସଇରାତ ଚିହ୍ନଟ ହୋଇଛି। ସେଥିରୁ ୪ଟି ଯାଜପୁର ଏବଂ ଗୋଟିଏ ଅନୁଗୋଳ ଜିଲାର। ମହାନଦୀ, ଋଷିକୁଲ୍ୟା, ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ ନଦୀଶଯ୍ୟାରେ ବୈଜ୍ଞାନିକ ପଦ୍ଧତିରେ ଉଠାଣଯୋଗ୍ୟ ବାଲି ସଇରାତ ଚିହ୍ନଟ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜଳ ସମ୍ପଦ ସଚିବ ଅନୁ ଗର୍ଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଲି ସଇରାତ ଚିହ୍ନଟ ସମୟରେ ନଦୀର ସ୍ରୋତ ଏବଂ ପ୍ରାକୃତିକ ପରିବେଶ ସମ୍ବନ୍ଧିତ ବିଷୟ ଉପରେ ଧ୍ୟାନଦେବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ୨ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନଦୀଶଯ୍ୟା ବାଲି ସଇରାତ ଚିହ୍ନଟ କରାଯିବ। ଚଳିତମାସ ଶେଷ ସୁଦ୍ଧା ଅବିଶିଷ୍ଟ ଉତ୍ସକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଖଣିଜ ଦ୍ରବ୍ୟ ଉଠାଣ, ପରିବହନ, ଉପଲବ୍ଧ ବଜାୟ ରଖିବା, ଆବଶ୍ୟକତା ପୂରଣ କରିବା, ବଜାର ଦରରେ ସ୍ଥିରତା ଆଣିବା, ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ନିମନ୍ତେ ବୈଜ୍ଞାନିକ ପଦ୍ଧତି ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଇସ୍ପାତ ଓ ଖଣି ବିଭାଗ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା, ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଏନ୍‌ୟୁରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୩।୧୧

ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନକୁ ନେଇ ବିବାଦ ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲି ଉକ୍ତ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ। ଏହାକୁ ବିରୋଧ କରି ଜେଏନ୍‌ୟୁ ଛାତ୍ର ସଂଘ ବିଶ୍ୱବିଦ୍ୟାଳୟର ଉତ୍ତରପାର୍ଶ୍ୱ ଗେଟ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ‘ମୋଦି ଫେରିଯାଅ’ ପୋଷ୍ଟର ଲଗାଯିବା ସହ ଶିକ୍ଷା ମନ୍ତ୍ରଣାଳୟ ଉତ୍ତର ଦେବାକୁ ଦାବି ହୋଇଥିଲା।

ପ୍ରତିମୂର୍ତ୍ତି ନିର୍ମାଣକୁ ନେଇ ଦୀର୍ଘଦିନରୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଓ ଛାତ୍ର ସଂଘ ମଧ୍ୟରେ ବିବାଦ ଲାଗି ରହିଛି। ପ୍ରତିମୂର୍ତ୍ତିକୁ



କେବେ ଏବଂ କାହିଁକି ଅନୁମତି ମିଳିଲା ତାକୁ ନେଇ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଶ୍ନ ଉଠାଇଛନ୍ତି। ଜେଏନ୍‌ୟୁ କର୍ତ୍ତୃପକ୍ଷଙ୍କ

**ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀଙ୍କୁ ‘ଗୋ ବ୍ୟାକ୍’ କହିଲେ**

କହିବା ଅନୁଯାୟୀ ୨୦୧୭ ଜୁନ୍ ୩୦ରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟନିର୍ବାହୀ ପରିଷଦ (ଇସି) ପ୍ରଥମେ ଉକ୍ତ ପ୍ରତିମୂର୍ତ୍ତିକୁ ଅନୁମୋଦନ କରିଥିଲା। ରାଷ୍ଟ୍ର ଗଠନରେ ବିବେକାନନ୍ଦଙ୍କ ଅବଦାନ ରହିଥିବାରୁ କ୍ୟାମ୍ପସର ଶୋଭାବର୍ଦ୍ଧନ ଲାଗି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା ବୋଲି ପ୍ରଶାସନ କହିଛି। ତେବେ ପ୍ରତିମୂର୍ତ୍ତି ନିର୍ମାଣରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କିଏ ଏଥିପାଇଁ ପାଣ୍ଠି ଯୋଗାଇଛି ସେ ନେଇ କର୍ତ୍ତୃପକ୍ଷ ନୀରବ। ୨୦୧୮ ନଭେମ୍ବର-ଡିସେମ୍ବରରେ ପ୍ରଶାସନିକ ବ୍ଲକ୍‌ରେ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିଲା। ବିଶ୍ୱବିଦ୍ୟାଳୟର ଜଣେ ପୂର୍ବତନ ଛାତ୍ର ଏହାର ସମସ୍ତ ଖର୍ଚ୍ଚ ବହନ କରିଥିବା ଜେଏନ୍‌ୟୁ ରେଜିଷ୍ଟ୍ରାର ପ୍ରମୋଦ କୁମାର ସେତେବେଳେ କହିଥିଲେ। ତେବେ ସେହି ଛାତ୍ରଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ବିବରଣୀ ନାହିଁ।

୨୦୧୯ ନଭେମ୍ବରରେ ଗୈରିକ ବସ୍ତ୍ରରେ ଆବୃତ୍ତ ଉକ୍ତ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ବିକୃତ କରିବା ସହ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ଗୋଷ୍ଠୀକୁ ଟାର୍ଗେଟ କରି ସେମାନେ ବାର୍ତ୍ତା ଲେଖିଥିଲେ। ଏହା ବିରୋଧରେ ସେତେବେଳେ ଜେଏନ୍‌ୟୁ କର୍ତ୍ତୃପକ୍ଷ ପୋଲିସରେ ଏତଲା ଦେଇଥିଲେ। ହଷ୍ଟେଲ୍ ଦେୟ ବୃଦ୍ଧି ବିରୋଧରେ ଜେଏନ୍‌ୟୁ ଛାତ୍ର ସଂଘ ନେତୃତ୍ୱରେ ବିକ୍ଷୋଭ ଚାଲିଥିବାରୁ ମୂର୍ତ୍ତି ଭଙ୍ଗା ସହ ଉକ୍ତ ସଂଗଠନର ସମ୍ପର୍କ ଥିବା ପ୍ରଶାସନ କହିଥିଲା।

## ଯୁବାବସ୍ଥାରେ ଫୁସ୍‌ଫୁସ୍ ରୋଗ ବଢ଼ାଇବ ବାୟୁ ପ୍ରଦୂଷଣ

**ଲଣ୍ଡନ,୧୩।୧୧:** ରାଜଧାନୀ ଦିଲ୍ଲୀ, ଏନ୍‌ଆର୍‌ସି ସମେତ ଦେଶର ବିଭିନ୍ନ ଅଞ୍ଚଳରେ ବାୟୁ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିଯୋଗୁ ଯୁବାବସ୍ଥାରେ ଦୀର୍ଘସ୍ଥାୟୀ ଫୁସ୍‌ଫୁସ୍ ରୋଗ ଆଶଙ୍କା ରହିଛି ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। କିଶୋରାବସ୍ଥାରୁ ବାୟୁ ପ୍ରଦୂଷଣ ଭୟଙ୍କର ଭାବେ ଶରୀର ଉପରେ ପ୍ରଭାବ ପକାଇ ଜୀବନକୁ ଦୁର୍ବିଷହ କରିଦେବ ବୋଲି ଏକ ଅଧ୍ୟୟନରେ ଦର୍ଶାଯାଇଛି। ୟୁରୋପର ରେସ୍ପିରେଟୋରି ଜର୍ନାଲରେ ବାୟୁ ପ୍ରଦୂଷଣର ଭୟାବହତା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

ବିଶେଷକରି ବାୟୁ ପ୍ରଦୂଷଣ ଯୋଗୁ କାଶ, କଫ, ଥଣ୍ଡା, ଆଜ୍‌ମା, ବିଭିନ୍ନ ଫୁସ୍‌ଫୁସ୍‌ଜନିତ ରୋଗ ପିଲାବେଳୁ ଦେଖାଦେଇଥାଏ। ଧୀରେ ଧୀରେ ଏହା ଭୟଙ୍କର ରୂପ ଧାରଣ କରିଥାଏ। ଧୂଳି, ଧୂଆଁ ମିଶ୍ରଣ ଯୋଗୁ ବାୟୁ ପ୍ରଦୂଷଣର



ମାତ୍ରା ବୃଦ୍ଧିପାଇ ମଣିଷ ଶରୀରରେ ପ୍ରବେଶ କରିଥାଏ। ଏହି ରୋଗ ଯୁବାବସ୍ଥାରେ ଦେଖାଦେଇ ଫୁସ୍‌ଫୁସ୍‌କୁ ନଷ୍ଟ କରିଦେଇଥାଏ। ୨୪ ବର୍ଷରୁ କମ୍ ବୟସର ୪,୦୮୯ ଯୁବକଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା, ଏଥିରେ ଅଧିକାଂଶ ଯୁବକ ବାୟୁ ପ୍ରଦୂଷଣ ଯୋଗୁ ଆଜ୍‌ମାର ଶିକାର ହୋଇ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା କହିଥିଲେ। ଫୁସ୍‌ଫୁସ୍ ସଂକ୍ରମିତ ହୋଇଥିବା ମଧ୍ୟ ଦେଖାଯାଇଥିଲା। ଗାଡ଼ିମୋଟର୍, କଳକାରଖାନାର ଧୂଳିଧୂଆଁ ଆଦି ବାୟୁ ପ୍ରଦୂଷଣ ବଢ଼ାଉଛି। ଗ୍ରାମାଞ୍ଚଳରେ ଘସି ଜାଳ ବ୍ୟବହାର, ବାହାରେ ମଳମୂତ୍ର ତ୍ୟାଗ, ସିଗାରେଟ୍, ଗୁଡ୍‌ଖା ସେବନ ଆଦି ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଫଳରେ ଯୁବାବସ୍ଥାରୁ ଚିରକାଳ ଫୁସ୍‌ଫୁସ୍ ରୋଗକୁ ଜାବୁଡ଼ିଧରି ଦୁର୍ବିସହ ଜୀବନ ବିତାଇବାକୁ ଆମେ ବାଧ ହୋଇଥାଉ ବୋଲି ରିପୋର୍ଟରେ ଦର୍ଶାଯାଇଛି।



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଫିଲ୍ମ 'ଲକ୍ଷ୍ମୀ'ରେ କିନ୍ନର ଭୂମିକା ତୁଲାଇଥିବାବେଳେ ଅଭିନେତା ମିଲିନ୍ଦ ସୋମନ ମଧ କିନ୍ନର ଭୂମିକାରେ ଅଭିନୟ କରିବେ ବୋଲି ଜଣାପଡିଛି। ଟୁଇଟରରେ ସେ ଏଭଳି ସୂଚନା ଦେଇଛନ୍ତି।



# ଏମ୍ଏସ୍ଆର୍ ଖୋଲିବ ମଙ୍ଗଳ ରହସ୍ୟ

**ମଙ୍ଗଳରେ ଜୀବନକୁ ନେଇ ଦୀର୍ଘଦିନରୁ ଚାଲିଛି ଗବେଷଣା। ଲାଲ୍‌ଗ୍ରହର ପରିବେଶରେ ମଣିଷ ବଞ୍ଚିବା ଭଳି ଅଧିକାଂଶ ଉପାଦାନ ରହିଛି ବୋଲି ଦାବି କରୁଛନ୍ତି ବୈଜ୍ଞାନିକ। ମଙ୍ଗଳ ପୃଷ୍ଠର ମାଟି, ପଥର ଏବଂ ଅନ୍ୟାନ୍ୟ ପଦାର୍ଥ ପୃଥିବୀକୁ ଅଣାଯାଇପାରିଲେ ଅନେକ ରହସ୍ୟ ଉନ୍ମୋଚିତ ହେବ। ଏଥିଲାଗି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ମାର୍ସ ସାମ୍ପଲ ରିଟର୍ନ (ଏମ୍ଏସ୍ଆର୍) ଅଭିଯାନ। ଯଦିଓ ଏଥିଲାଗି ବହୁ ପୂର୍ବରୁ କାମ ଆରମ୍ଭ ହୋଇସାରିଛି, ତଥାପି ବିଧିବଦ୍ଧ ଭାବେ ଏହାକୁ ଏବେ ଅନୁମତି ମିଳିଛି।**



ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଆସନ୍ତା ଦଶକରେ ମଙ୍ଗଳକୁ ମଣିଷ ପଠାଇବା ଲାଗି ପ୍ରସ୍ତୁତ ହେଉଛି। ଏଥିପୂର୍ବରୁ ମଙ୍ଗଳର ପରିବେଶ ସମ୍ପର୍କରେ ଜାଣିବା ଲାଗି ଗତ ଜୁଲାଇରେ ପର୍ସେଭେରନ୍ସ ରୋଭର ପ୍ରେରଣ କରାଯାଇଥିଲା। ଏହା ଆସନ୍ତା ଫେବୃୟାରୀରେ ମଙ୍ଗଳରେ ପହଞ୍ଚିବ। ରୋଭର ମଙ୍ଗଳର ପୃଷ୍ଠଦେଶ ପରିକ୍ରମା କରି ବିଭିନ୍ନ ସ୍ଥାନରୁ ଖଣିଜ, ମାଟି ସଂଗ୍ରହ କରିବ। ଏହାକୁ ପୃଥିବୀକୁ ଅଣାଯିବ। ଏହି ଅଭିଯାନ ବହୁତ ଆଗକୁ ବଢ଼ି ସାରିଥିବାବେଳେ ନଭେମ୍ବର ୧୦ରେ ଏହାକୁ ସବୁଜ ସଙ୍କେତ ମିଳିଛି। ଏହି ମିଶନର ନାମ ରହିଛି ମାର୍ସ ସାମ୍ପଲ ରିଟର୍ନ (ଏମ୍ଏସ୍ଆର୍)। ୟୁରୋପୀୟ ସ୍ପେଶ ଏଜେନ୍ସି (ଇଏସ୍ଏ) ଏବଂ ନାସା ମିଳିତ ଭାବେ ଏହି ଅଭିଯାନ କରିବେ।

ମଙ୍ଗଳରେ ଜୀବନର ସଙ୍କେତ ଖୋଜିବାକୁ ଦୀର୍ଘଦିନ ଧରି ନାସା ପକ୍ଷରୁ ପରୀକ୍ଷାନିରୀକ୍ଷା ଚାଲିଛି। ଏଥିଲାଗି ପୂର୍ବରୁ ଅନେକ ରୋଭର ପ୍ରେରଣ କରାଯାଇଥିବାବେଳେ ପର୍ସେଭେରନ୍ସ ଆସନ୍ତା ଦଶକ ଯାଏ ଗବେଷଣା ଲାଗି ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ରୋଭର ମଙ୍ଗଳ ପୃଷ୍ଠରେ ଜୀବନର ସତ୍ତା ସାଙ୍ଗକୁ ଏହାର ଆଭ୍ୟନ୍ତରରେ ପାଣିର ସନ୍ଧାନ କରିବ। ଏଥିସହ ମଣିଷ ପାଇଁ ଉପଯୋଗୀ ପରିବେଶ ତିଆରି କରିବ। ସେଥିରୁ ଗୋଟିଏ ଅମ୍ଳଜାନ ଉତ୍ପାଦନ। ଏସବୁ ହେଉଛି ଏମ୍ଏସ୍ଆର୍ ଅଭିଯାନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ। ଏଥିଲାଗି ରୋଭରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଖଞ୍ଜାଯାଇଛି। ରୋଭର ଦ୍ୱାରା ସଂଗୃହୀତ ନମୁନାଗୁଡ଼ିକ ପୃଥିବୀକୁ ଅଣାଗଲେ ମଙ୍ଗଳ ବିଷୟରେ ଗବେଷଣାକୁ ନୂଆଦିଗ ମିଳିବ। ଏଥିଲାଗି ଅଭିଯାନର ସଫଳତାକୁ ଅପେକ୍ଷା କରିଛନ୍ତି ବୈଜ୍ଞାନିକ।

ମଙ୍ଗଳରୁ ନମୁନା ଆଣିବା ଲାଗି ଇଏସ୍ଏ ସହଭାଗିତାରେ କାର୍ଯ୍ୟ କରୁଛି ନାସା। ପର୍ସେଭେରନ୍ସ ଲାଲ୍‌ଗ୍ରହରେ ନମୁନାଗୁଡ଼ିକୁ ଏକାଠି କରିବ। କେତେକ ନମୁନାକୁ ଇଏସ୍ଏ ଫେଚ୍ ରୋଭର ଉଠାଇବା ସହ ନାସାର ମାର୍ସ ଏସେଣ୍ଟ ଭେହିକିଲ ଯାଏ ପହଞ୍ଚାଇବ। ଇଏସ୍ଏର ଆର୍ଥ ରିଟର୍ନ ଅର୍ବିଟର ମାର୍ସ ଏସେଣ୍ଟ ଭେହିକିଲରୁ ନମୁନା ନେଇ ପୃଥିବୀକୁ ଆସିବ। ଯଦି ସବୁକିଛି ଠିକ୍‌ଠାକ୍ ହୁଏ, ତେବେ ୨୦୩୧ ସୁଦ୍ଧା ନମୁନା ପୃଥିବୀରେ ପହଞ୍ଚିବ। ନାସା ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ, ଏମ୍ଏସ୍ଆର୍ ହେଉଛି ଏକ ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ। ଏହାର ରାସ୍ତାରେ ଅନେକ ଚ୍ୟାଲେଞ୍ଜ ରହିଛି। ମିଶନକୁ ତ୍ରୁଟି ରହିତ କରିବାକୁ ବ୍ୟାପକ ପରୀକ୍ଷା ଚାଲିଛି। ବିଶ୍ୱ ସମୁଦାୟର ନେତୃତ୍ୱ ପାଇଁ ଏମ୍ଏସ୍ଆର୍ ଆବଶ୍ୟକ। ଏଥିଲାଗି ବୈଜ୍ଞାନିକମାନେ ମାନସିକସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ।

# 'ଟେନ୍‌ସନ ହେଲେ ବୁଲିବାକୁ ଚାଲିଯାଏ'



ଅଦା ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ନାଗିନ ଫେମ୍ ଅଦା ଖାନ୍ ଫିଲ୍ମ ଇଣ୍ଡଷ୍ଟ୍ରି ସହିତ କିଛି ବର୍ଷ ହେବ ଜଡ଼ିତ। ସେ କୁହନ୍ତି, କୌଣସି ପାର୍ଟିରେ ଯୋଗଦେବା ତାଙ୍କର ଆଦୌ ପସନ୍ଦ ନୁହେଁ। ତାଙ୍କ ସମୟ ସେ ନିକଟ ସମ୍ପର୍କୀୟଙ୍କ ସହ କାଟିବାକୁ ପସନ୍ଦ କରନ୍ତି। ଏମିତି ଲୋକଙ୍କ ସହ ସମୟ କାଟିବାକୁ ଚାହାନ୍ତି ଯିଏ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ନୁହନ୍ତି। ସେ କୁହନ୍ତି, ନିଜକୁ ସମୟ ଦେବା ସହ ନିଜେ ସମୟ କାଟିବାକୁ ବେଶୀ ପସନ୍ଦ କରେ। କେବେ କେବେ ବହି ପଢ଼ିବାକୁ ଖୁବ୍ ଭଲପାଏ। ଏକା ଏକା ବୁଲିବାକୁ ବି ପସନ୍ଦ କରେ। ଯେତେବେଳେ ଅଧିକ ଟେନ୍‌ସନ ଲାଗେ ସେ ଫ୍ଲାଇଟ ବୁକ୍ କରି କୁଆଡ଼େ ନା କୁଆଡ଼େ ବୁଲିବାକୁ ଚାଲିଯା'ନ୍ତି। ନିଜ ଘର ପ୍ରତି ଖୁବ୍ ଧ୍ୟାନ ଦିଅନ୍ତି। ଯେମିତି ଗୋଟିଏ ଝିଅ ଘର ପାଇଁ ସବୁ କରିଥାଏ। ତାଙ୍କର ମାଆ ନାହାନ୍ତି, କିନ୍ତୁ ମାଆଙ୍କ ଆଶୀର୍ବାଦ ସବୁବେଳେ କାମନା କରି ସେ ଆଗକୁ ବଢ଼ି ଚାଲିଛନ୍ତି। ସବୁବେଳେ ନିଜକୁ ଫିଟ୍ ରଖିବା ଓ ଏକାନ୍ତରେ ନିଜ କଥା ଚିନ୍ତାକରିବା ଅଭ୍ୟାସ ପାଲଟିଯାଇଥିବା ସେ କହିଛନ୍ତି। ଏଥିଲାଗି ସେ ଇଣ୍ଡଷ୍ଟ୍ରୀରେ ଭଲ ନାଁ କମାଇ ପାରିଥିବା ପ୍ରକାଶ କରିଛନ୍ତି।

# ଭାଲୁ ଜଗିଛି ଭାଲୁ ରୋବୋ



**ନୂଆଦିଲ୍ଲୀ:** ଭାଲୁକୁ ଜଗିଛି ଭାଲୁ। ଏମିତି ଏକ କଥା ଶୁଣିବା ମାତ୍ରେ ଅଡୁଆ ଲାଗୁଥିବ ନିଶ୍ଚୟ। କିନ୍ତୁ ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି ଜାପାନର ଟାକିକାୱା ସହରରେ। ଏଠାରେ ଭାଲୁମାନଙ୍କର ଉପଦ୍ରବକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଭାଲୁ ଆକୃତିର ରୋବୋମାନଙ୍କୁ ମୁତୟନ କରାଯାଇଛି। ଏହା ବିଶେଷ ଫଳପ୍ରଦ ହେଉଥଇବା ଜଣାପଡ଼ିଛି।

ଜାପାନରେ କିଛି ଦିନ ହେବ ଭାଲୁମାନେ ସହର ଭିତରକୁ ପଶିଆସି ବହୁ କ୍ଷୟକ୍ଷତି କରିବା ସହିତ ଲୋକଙ୍କୁ ଆକ୍ରମଣ ବି କରୁଛନ୍ତି। ଅନେକ ଫସଲକୁ ନଷ୍ଟ କରୁଛନ୍ତି। ତେଣୁ ଏମାନଙ୍କ କବଳରୁ ରକ୍ଷା ପାଇବା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ଏବେ ଭାଲୁ ଭଳି ଦେଖାଯାଉଥିବା ରୋବୋମାନଙ୍କୁ ରଖାଯାଇଛି। ଏହି ରୋବୋମାନଙ୍କୁ କୁହାଯାଉଛି 'ମନଷ୍ଟର ଉଲ୍‌ଫ'। ଏହାର ଭାଲୁଭଳି ୪ଟି ଗୋଡ଼ ରହିଛି। ଭାଲୁ ଭଳି ମନଷ୍ଟର ଉଲ୍‌ଫ ରୋବୋର ମୁହଁରେ ପ୍ରବଳ ବଡ଼ ବଡ଼ ଲୋମ ମଧ ରହିଛି। ଆଖି ଦୁଇଟି ଜ୍ୱଳନ୍ତା ଲାଲ୍ ରଙ୍ଗର। 'ମନଷ୍ଟର ଉଲ୍‌ଫ'ରେ ଯେତେବେଳେ ଡିଟେକ୍ଟରକୁ ଆକ୍ଟିଭେଟ୍ କରିଦିଆଯାଏ ସେତେବେଳେ ସେ ଭାଲୁ ଭଳି ଜୋର୍‌ରେ ମୁଣ୍ଡକୁ ହଲାଇ ଲାଇଟ୍ ପକାଇଥାଏ। ଏହା ସହିତ ୬୦ ପ୍ରକାରର ଭିନ୍ନ ଭିନ୍ନ ତଥା ଭୟଙ୍କର ଶବ୍ଦ କରିଥାଏ, ଯାହାଫଳରେ ଭାଲୁମାନେ ଆସିବା ପାଇଁ ଭୟ କରିବେ। ଏହି ରୋବୋକୁ ତିଆରି କରିଛି ଓହ୍‌ଟା ଶୈକି କମ୍ପାନୀ। ଏବେ ସୁଦ୍ଧା କମ୍ପାନୀ ୭୦ଟି 'ମନଷ୍ଟର ଉଲ୍‌ଫ' ରୋବୋ ତିଆରି କରି ବିକ୍ରି କରିସାରିଛି। ଟାକିକାୱା ସହରରେ ଏହି ରୋବୋ ମୁତୟନ କରିବା ପାଇଁ ଏବେ ନିଷ୍ପତ୍ତି ନେବା ପରେ ଭାଲୁଙ୍କ ଉପଦ୍ରବ କମ୍ ହେବ ବୋଲି ଆଶା କରାଯାଉଛି। କାରଣ କିଛି ବର୍ଷ ହେଲାଣି ଭାଲୁମାନେ ଖାଦ୍ୟ ସନ୍ଧାନରେ ବାରମ୍ବାର ସହର ଭିତରକୁ ପଶି ଆସିବା ସହିତ ଖାଦ୍ୟ ନ ପାଇବାରୁ ଲୋକଙ୍କଠାରୁ ଛଡ଼ାଛଡ଼ି କରି ସେମାନଙ୍କୁ ଆକ୍ରମଣ କରୁଛନ୍ତି। ତେଣୁ ବହୁ ଧନଜୀବନ ନଷ୍ଟ ହେଉଛି। ଭାଲୁମାନଙ୍କର କୌଣସି କ୍ଷତି ନ କରି ସେମାନଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ ଏଭଳି ରୋବୋ ମୁତୟନ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ହାତୀର ଡକାୟତି ଭିଡିଓ ଭାଇରାଲ

**ନୂଆଦିଲ୍ଲୀ:** ଶୂନ୍‌ଶାନ୍ ରାସ୍ତାରେ ଯିବାବେଳେ ଅନେକ ସ୍ଥାନରେ ଡକାୟତିର ଭୟ ରହିଥାଏ। ଡକାୟତମାନେ ଭୟଭୀତ କରାଇ ସୁନାଗହଣା, ଟଙ୍କା ଆଦି ଲୁଟି ନିଅନ୍ତି। କିନ୍ତୁ ବାଟରେ ଗଲାବେଳେ କଦଳୀ ଲୁଟ୍ ହୋଇଯିବା କଥା କେବେ ଶୁଣିଛନ୍ତି କି? ହଁ, କଦଳୀ ବି ଲୁଟ୍ ହୋଇପାରେ। ଏମିତି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଆଉ ଏଭଳି ଡକାୟତି କରିଛି ଏକ ହାତୀ।

ଆଇଏଫ୍ଏସ୍ ଅଫିସର ପ୍ରବୀଣ କଶୱାନ୍ ତାଙ୍କ ଅଫିସିଆଲ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ହାତୀ କଦଳୀ ଡକାୟତି କରୁଥିବା ଦେଖିବାକୁ ମିଳୁଛି। ପ୍ରଥମେ ହାତୀଟି ଗାଡ଼ି ଅଟକାଇ ସେଥିରେ ବସିଥିବା ଚାଳକ ପାଖରେ ଥିବା କଦଳୀ ନେବା ପାଇଁ ଚେଷ୍ଟା କରୁଛି। ହାତୀ ତା'ର ଶୁଣ୍ଢ ବଢ଼ାଇ ଡ୍ରାଇଭରକୁ ଆଡ଼ କରି କଦଳୀ ଫେଣା ସବୁ ନେବା ପାଇଁ ଚେଷ୍ଟା କରୁଛି। ହାତୀକୁ ଏଭଳି ଅତର୍କିତ ଆକ୍ରମଣ କରିବା ଦେଖି ଚାଳକଟି ଭୟଭୀତ ହୋଇ ପଡୁଛନ୍ତି। କିନ୍ତୁ ହାତୀଟି ଡ୍ରାଇଭରର କୌଣସି କ୍ଷତି ନ କରି କେବଳ କଦଳୀସବୁ ନେଇ ଚାଲିଯାଉଛି। ଏହି ଭିଜୁଆଲଟି ଏବେ ଭାଇରାଲ ହେବାରେ ଲାଗିଛି। ଭିଜୁଆଲଟିକୁ ଶେୟାର କରାଯିବାର ମାତ୍ର ଦୁଇ ଦିନ ପରେ ଏହାକୁ ପ୍ରାୟ ୭ ଲକ୍ଷ ଲୋକ ଦେଖି ସାରିଲେଣି ଏବଂ ୧୯ହଜାରରୁ ଅଧିକ କମେଣ୍ଟ ମିଳିଛି। ହିଂସ୍ର ଜନ୍ତୁଙ୍କର ଦୟନୀୟ ଅବସ୍ଥା ପ୍ରତି ଅଧିକାଂଶ ସମବେଦନା ଦେଇଥିବାବେଳେ କିଛି ଲୋକ କିନ୍ତୁ ଏଭଳି ଖାଦ୍ୟ ଦେବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। କାରଣ ହିଂସ୍ରଜନ୍ତୁଙ୍କୁ ରାସ୍ତାରେ ଖାଦ୍ୟ ଦେଲେ ସେମାନେ ନିଜ ବାସସ୍ଥାନ ବଣରେ ରହିବାକୁ ଇଚ୍ଛା କରିବେ ନାହିଁ ଏବଂ ଲୋକଙ୍କୁ ଆକ୍ରମଣ କରିବାକୁ ବାଧ ହେବେ ବୋଲି କେତେକେ ମତ ଦେଇଛନ୍ତି। ତେବେ ଏହି ଭିଜୁଆଲଟି ହେଉଛି ଶ୍ରୀଲଙ୍କାର ଏବଂ ଏହା ଅନେକ ଦିନ ତଳୁ ଶୁଟିଂ କରାଯାଇଥିଲା। ଏବେ ଏହି ଭିଜୁଆଲକୁ ସୋସିଆଲ ମିଡିଆରେ ଶେୟାର କରାଯାଇଛି।



## ବିଶ୍ୱ ଡାଇବେଟିସ୍ ଦିବସ

# ନୀରବ ଘାତକ

**ଆ**ଜିକାଲି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚିନ୍ତାର କାରଣ ସାଜିଥିବା ରୋଗ ମଧ୍ୟରେ ଅନ୍ୟତମ ଡାଇବେଟିସ୍। ଏହା ଯଦି ଅସନ୍ତୁଳିତ ରହିଲା ତେବେ ଶରୀରକୁ କ୍ଷତି ପହଞ୍ଚାଇବା ସହିତ ହାର୍ଟ, କିଡ୍‌ନୀ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' (କ୍ୟାପିଟାଲ ଅଫ୍ ଡାଇବେଟିସ୍) ବୋଲି କୁହାଯାଇଥାଏ। ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି।



# ନିୟମିତ କରନ୍ତୁ ବ୍ୟାୟାମ

**ନି**ଜକୁ ସୁସ୍ଥ ରଖିବା ପାଇଁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ନିହାତି ସାମିଲ କରିବା ଦରକାର। କାରଣ ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ଫିଟ୍ ରଖିବା ପାଇଁ ଏହାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା କହିବା ବାହୁଲ୍ୟ। ଜଣେ ଡାଇବେଟିସ୍ ରୋଗୀ ନିୟମିତ ବ୍ୟାୟାମ କରିବା ନିହାତି ଦରକାର। ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। କାରଣ ବ୍ୟାୟାମ କରିବା ଦ୍ୱାରା ଡାଇବେଟିସ୍ ଅନେକାଂଶରେ ନିୟନ୍ତ୍ରିତ ରହିଥାଏ। ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିବାର ଆଉ କେତେକ ଉପାୟ ରହିଛି ସେ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ୟାୟାମ ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ସନ୍ତୁଳିତ ଖାଦ୍ୟ। ଏହା ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଏ ନେଇ ଡାଇବେଟିସ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ପୃଥୁଳତା ଓ ଡାଇବେଟିସ୍



**ପୃ**ଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି ଏଥିରେ କୌଣସି ସନ୍ଦେହ ନାହିଁ। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ତଥାପି ଖାଦ୍ୟ ନିୟନ୍ତ୍ରଣ ନ କଲେ ଏବଂ ଶରୀର ଓଜନ ନିୟନ୍ତ୍ରଣ ନ କଲେ ଡାଇବେଟିସ୍ ଜାତ ହେବା ପ୍ରୋତ୍ସାହନ ପାଇଯାଏ। ପୃଥୁଳତା ବା ଶରୀରରେ ବେଶୀ ଚର୍ବି ଜମିଥିଲେ ରକ୍ତରେ ଗ୍ଲୁକୋଜ (ଶର୍କରା)ର ମାତ୍ରା ବଢ଼ିଯାଇ ଜାତ କରିପକାଏ ଡାଇବେଟିସ୍। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କହନ୍ତି। ତାହାଛଡ଼ା ପୃଥୁଳତା ଲାଗିରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ ତାହା ଆଶାନୁରୂପ କାମ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରି ଶରୀରରେ ପୃଥୁଳତାକୁ ହ୍ରାସ କରିଦେଲେ ଡାଇବେଟିସ୍ ରୋଗୀଙ୍କ ରକ୍ତରେ ଗ୍ଲୁକୋଜର ମାତ୍ରା କମି ସ୍ୱାଭାବିକ ସ୍ତରକୁ ଆସିଯିବା ସୁଗମ ହୋଇଯାଏ। ପୁଣି ଅଳ୍ପ ମାତ୍ରା ବା ଡୋଜ୍‌ରେ ନିୟନ୍ତ୍ରିତ ହୋଇଯାଏ ବଢ଼ିଯାଇଥିବା ରକ୍ତ ଗ୍ଲୁକୋଜ।

ଏହା ମଧ ଜାଣିରଖିବା ଦରକାର ଯେ ଡାଇବେଟିସ୍ ଚିକିତ୍ସାରେ ଖାଦ୍ୟ ନିୟନ୍ତ୍ରଣ ଏବଂ ଔଷଧ ଚିକିତ୍ସା ଭଳି ନିୟମିତ ବ୍ୟାୟାମ ମଧ ଅପରିହାର୍ଯ୍ୟ। ମାତ୍ର ବଡ଼ ଦୁଃଖର କଥା ଯେ ଅଧିକାଂଶ ଡାଇବେଟିସ୍ ରୋଗୀ ପ୍ରତିଦିନ ଅନ୍ତତଃ ଅଧ ଘଣ୍ଟାଏ ପାଇଁ ବି ଚାଲିବା ଭଳି ସରଳତମ ବ୍ୟାୟାମଟିଏ କରିବାରେ ମନୋଯୋଗୀ ନୁହନ୍ତି।

ସେ ଯାହାହେଉ, ଜନସାଧାରଣଙ୍କ ସଚେତନତାର ଏକାନ୍ତ ଅଭାବ ଯୋଗୁ ସାରା ବିଶ୍ୱରେ ଡାଇବେଟିସ୍‌ର ହାର ବଢ଼ି ବଢ଼ି ଚାଲିଛି। ଚଳିତବର୍ଷ ପାଇଁ ବିଶ୍ୱ ଡାଇବେଟିସ୍ ଦିବସର ପ୍ରସଙ୍ଗ ରହିଛି 'ନର୍ସ ଓ ଡାଇବେଟିସ୍'।


ସାଧାରଣତଃ ପିଲାଟିଏ ବେଶି ମୋଟା ହୋଇଗଲେ ଆମେ ଯାବତୀୟ ଦୋଷ ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍ କାନ୍ଧରେ ଲଦି ଦେଉ। ମାତ୍ର ଅନେକ ପରିବାରରେ ଅଧିକାଂଶ ଦିନ ପିଠା ତିଆରି ହେଉଥିଲା ସକାଳ ଓ ସନ୍ଧ୍ୟାରେ ଜଳଖିଆ ପାଇଁ। ପୁଣି ତିଆରି ହେଉଥିଲା ନଡିଆ, ଛେନା ଓ ଗୁଡ଼ରେ ପ୍ରସ୍ତୁତ ପୁର ଥିବା ପିଠା। ଘିଅ ଦିଆଯାଉଥିଲା ପ୍ରାୟତଃ ସବୁଦିନ। ବାରମାସରେ ତେରପର୍ବ ପାଳନ କରି ଖିଆପିଆର ଧୁମ୍ ଉଡାଇବା ଥିଲା ସାମାଜିକ ଚଳଣି। ପରେ ପରିବାରକୁ ଆସିଲା ବିସ୍କୁଟ। ତା'ପରେ ଚିପ୍ସ ଓ ଫ୍ରାଏଡ୍ ଫୁଡ୍ ଆସିଗଲା। ତେଣୁ ଆଗେ ଆମେ ଫାଷ୍ଟଫୁଡ୍ ଓ ଜଙ୍କ୍ ଫୁଡ୍‌ର ଧାର ଧରୁ ନ ଥିଲେ କହିଲେ ଆଦୌ ଠିକ୍ ନୁହେଁ। ବରଂ ସେକାଳ ଓ ଏକାଳ ମୁଖ୍ୟ ପାର୍ଥକ୍ୟ ହେଉଛି ସେକାଳରେ ସମସ୍ତେ ଥିଲେ କର୍ମଠ। ଶାରୀରିକ ପରିଶ୍ରମ କରିବା ଥିଲା ସ୍ୱୀକୃତ ଚଳଣି। ଏବେ ଅନେକ କର୍ମକୋଢ଼ି, କାମ କରିବା ପାଇଁ କୁଣ୍ଠିତ। ବରଂ ବିଳାସକୁ ବିଚାର କରାଯାଉଛି 'ଆରିଷ୍ଟୋକ୍ରାସି' ଭାବେ।



ପୃଥୁଳତା ବା 'ଓବେସିଟି' ଡାଇବେଟିସ୍, ଉଚ୍ଚ ରକ୍ତଚାପ ଏବଂ ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ ଭଳି ସ୍ନେହସାରର ମାତ୍ରାରେ ତ୍ରୁଟିକୁ କୁହାଯାଉଛି ଚୟାପଚୟ ସମ୍ପର୍କିତ ବ୍ୟାଧି। ଅଧିକାଂଶ ପୃଥୁଳ ବ୍ୟକ୍ତିଙ୍କଠାରେ ଉପରୋକ୍ତ ବ୍ୟାଧିଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ ବ୍ୟାଧି ଥିବା ଅତି ସାଧାରଣ। ପୃଥୁଳକାୟ ଝିଅଙ୍କଠାରେ ପଲିସିଷ୍ଟିକ ଓଭାରି ବା ଡିମ୍ବାଶୟରେ ଏକାଧିକ ସିଷ୍ଟ ରହିବାର ଆଶଙ୍କା ଅଧିକ। ଡିମ୍ବାଶୟରେ ଏଭଳି ଅସ୍ୱାଭିକତା ଥିଲେ ବନ୍ଧ୍ୟା ହେବାର ଆଶଙ୍କା ରହିଛି। ପୁଣି ଏଭଳି ମହିଳା ଡାଇବେଟିସ ପ୍ରତି ବେଶି ସମ୍ବେଦନଶୀଳ ଓ ଏମାନଙ୍କଠାରେ ପ୍ରକାଶ ପାଏ ଇନ୍‌ସୁଲିନ୍ ବିରୋଧିତା। ଅନ୍ୟପକ୍ଷରେ ଭବିଷ୍ୟତରେ ପୃଥୁଳତା ପ୍ରତି ସତର୍କ ରହିବା ଲାଗି ପିଲାମାନଙ୍କ ଖାଦ୍ୟପେୟ ପ୍ରତି ଆରମ୍ଭରୁ ମାତାପିତା ସଚେତନ ହେବା ଆବଶ୍ୟକ। କାରଣ ମାତାପିତା ଚାହିଁଲେ ହିଁ ସେମାନଙ୍କର ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ କରି ଶିଶୁ ପୃଥୁଳତାକୁ ହ୍ରାସ କରିପାରିବେ। ପିଲାମାନେ ସାଧାରଣତଃ ମାତାପିତାଙ୍କ ଜୀବନଶୈଳୀକୁ ଅନୁକରଣ କରିଥାନ୍ତି। ମାତାପିତାଙ୍କୁ ସେମାନଙ୍କର ଆଦର୍ଶ ବୋଲି ମନେକରନ୍ତି। ତେଣୁ ମାତାପିତା ସନ୍ତାନଙ୍କଠାରେ ଯେଉଁ ପ୍ରକାର ଜୀବନଶୈଳୀ ଆଶା କରିଥାଆନ୍ତି, ନିଜେ ସେହି ପ୍ରକାରର ଜୀବନଶୈଳୀ ଅନୁସରଣ କରିବା କାମ୍ୟ। ପରିବାରରେ ମୋବାଇଲ ଫୋନ୍‌ର ବ୍ୟବହାରକୁ କମାଇବା, ଟେଲିଭିଜନ ଦେଖିବା ସମୟକୁ ହ୍ରାସ କରିବା, ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ନିଜ କାମ ନିଜେ କରିବାର ଅଭ୍ୟାସ କରିବା, ଅଧିକ ମିଠା, ଅଧିକ ଲୁଣ ଓ ଅଧିକ ତେଲଘିଅ ନ ଖାଇବା, ଫାଷ୍ଟଫୁଡ୍-ଜଙ୍କ୍‌ଫୁଡ୍ କମ୍ ପରିମାଣରେ ଖାଇବା ଏବଂ ନିୟମିତ ବ୍ୟାୟାମ କରିବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ଏହାଛଡ଼ା ସଅଳ ଶୋଇବାକୁ ଯାଇ ସଅଳ ଶଯ୍ୟା ତ୍ୟାଗ କଲେ ସକାଳେ ଚାଲିବା, ଜଗିଙ୍ଗ କରିବା ଅଭ୍ୟାସ ଆପଣେଇଲେ ପୃଥୁଳତା ପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବେ।

-ଡା. ନିତ୍ୟାନନ୍ଦ ସ୍ୱାଇଁ
ମୋ : ୮୩୨୮୯୭୫୧୧୮

# ଏ ବର୍ଷର ସ୍ଲୋଗାନ




**ପ୍ର**ତିବର୍ଷ ପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ଡାଇବେଟିସ୍ ଦିବସ ଅବସରରେ ସ୍ଲୋଗାନ ଘୋଷିତ ହୋଇଛି। ସ୍ଲୋଗାନଟି ହେଲା 'ନର୍ସ ଏବଂ ଡାଇବେଟିସ୍'। ଏକଥା ପ୍ରାୟ ସମସ୍ତେ ଜାଣନ୍ତି ଯେ, ଜଣେ ରୋଗୀର ଚିକିତ୍ସା ସମୟରେ କେବଳ ଡାକ୍ତର ନୁହନ୍ତି ନର୍ସମାନଙ୍କର ଭୂମିକା ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ସେବା ମନୋବୃତ୍ତି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥାଏ। ତେଣୁ ଡାଇବେଟିସ୍ ସମ୍ପର୍କିତ ସଚେତନତା ସୃଷ୍ଟି କ୍ଷେତ୍ରରେ ଏମାନେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। କାରଣ ଏମାନେ ରୋଗୀମାନଙ୍କ ପାଖେପାଖେ ରହିବା ସହ ସେମାନଙ୍କର ଭଲମନ୍ଦ ବୁଝିଥାଆନ୍ତି। ତେଣୁ ସେମାନେ ଡାଇବେଟିସ୍ ବିଷୟରେ ସତର୍କ କରାଇବା ପାଇଁ ଚେଷ୍ଟା କଲେ ଜନସାଧାରଣ ଏ ବିଷୟରେ ଆହୁରି ଭଲ ଭାବରେ ଜାଣିପାରିବେ। ତେଣୁ ଚଳିତବର୍ଷରେ ସ୍ଲୋଗାନରେ ନର୍ସମାନଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସାମିଲ କରିଛି।

### ୨୧ରେ ପ୍ରକାଶ ପାଇବ ପିଜି ଏଣ୍ଟ୍ରାନ୍ସ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, (ବ୍ୟୁରୋ):ଏକକ ପିଜି ଏଣ୍ଟ୍ରାନ୍ସ ମେରିଟ୍ ତାଲିକା ପ୍ରକାଶନର ସମୟ ଅବଧିକୁ ସରକାରଙ୍କ ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ୧୭ ତାରିଖ ସୁଦ୍ଧା ସାମ୍ସ ପୋର୍ଟାଲରେ ଛାତ୍ରୀଛାତ୍ରମାନଙ୍କ ଗ୍ରାଜୁଏଶନ ମାର୍କ ଲିଷ୍ଟ ପ୍ରକାଶ ପାଇବ। ଏହାପରେ ଅର୍ଥାତ୍ ନଭେମ୍ବର ୨୧ରେ ରାଜ୍ୟସ୍ତରୀୟ ମେରିଟ୍ ଲିଷ୍ଟ ପ୍ରକାଶ କରାଯିବ। ପିଜି ଏଣ୍ଟ୍ରାନ୍ସ ମେରିଟ ଲିଷ୍ଟ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହାସହ ଡିସେମ୍ବର ୨୧ରେ ପିଜି ଆଡମିଶନ ପ୍ରକ୍ରିୟା ଶେଷ ହୋଇଯିବ। ଏନେଇ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

**ସଂକ୍ଷେପରେ**

## ଉତ୍କର୍ଷ, ଆଦର୍ଶ ବିଦ୍ୟାଳୟରେ ଦିଆଯିବ ଡିଜିଟାଲ ଶିକ୍ଷା

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ): ଉତ୍କର୍ଷ ଏବଂ ଆଦର୍ଶ ବିଦ୍ୟାଳୟରେ ଡିଜିଟାଲ ଶିକ୍ଷାଦାନ ନେଇ ଶୁକ୍ରବାର ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଓ ଟିସିଏସ୍ ମଧ୍ୟରେ ଏନେଇ ଆଲୋଚନା କରାଯାଇଛି। ଏହାଦ୍ୱାରା ରାଜ୍ୟର ୨୧୪ ଆଦର୍ଶ ସ୍କୁଲ ଓ ୧୦୧ ଉତ୍କର୍ଷ ସ୍କୁଲରେ ମାଗଣାରେ ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ନିଜର ପାଠ୍ୟ ବିଷୟ, ଭିଡିଓ, କାର୍ଯ୍ୟ-ଫରଦ, ଗୃହ ପାଠ୍ୟ, ଡିବେଟ୍, କୁଇଜ୍ ସର୍ବେକ୍ଷଣ ଆଦି ବିଭିନ୍ନ ଶିକ୍ଷଣ କାର୍ଯ୍ୟ କରିପାରିବେ। ଏହି ଶିକ୍ଷଣ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିନାମୂଲ୍ୟରେ ଟିସିଏସ୍ ଦ୍ୱାରା ତାଲିମ ଦିଆଯିବ। ଫଳରେ ସେମାନେ ବିଭିନ୍ନ ପ୍ରକାରର ଡିଜିଟାଲ୍ ଶିକ୍ଷକତା ପ୍ଲାଟ୍‌ଫର୍ମ ଓ ଶିକ୍ଷା ବିଜ୍ଞାନ ବିଷୟରେ ଧାରଣା ପାଇପାରିବେ। ଏହି ତାଲିମ ଶିକ୍ଷୟିତ୍ରୀ, ଶିକ୍ଷକମାନେ ନିଜ ସମୟ ସୁବିଧା ଅନୁସାରେ ଦିନକୁ ୧ରୁ ୨ଘଣ୍ଟା ସମୟ ଦେଇ ଶିକ୍ଷା ଶେଷ କରିବେ। ଏହି କ୍ୟାରିୟର୍ ତାଲିମ ଦ୍ୱାରା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନ୍‌ଲାଇନ୍ ଶିକ୍ଷଣ ସମ୍ପର୍କିତ ବିଭିନ୍ନ କୌଶଳ ଜାଣିପାରିବେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ବିଜୟ କୁମାର ସାହୁ ପ୍ରମୁଖ ଭର୍ଚୁଆଲ୍ ବୈଠକରେ ଯୋଗ ଦେଇଛନ୍ତି।

## ବିଡି ଗୋଦାମ ଜଳିଗଲା



କାଲିମେଳା,୧୩।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବାଜାର ଉପରେ ଶିବପଦ ଗୋଲଦାରଙ୍କ ଥିବା ଏକ ବିଡି ଗୋଦାମରେ ଶୁକ୍ରବାର ଅପରାହ୍ନ ୨ଟାରେ ଅଗ୍ନିକାଣ୍ଡ ଘଟି ପୋଡ଼ିଯାଇଛି। ଫଳରେ ଗୋଦାମ ଗୃହ ଭିତରେ ଥିବା ଲକ୍ଷାଧିକ ଟଙ୍କାର ବିଡି ଜଳି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ସମୟରେ ଗୋଦାମ ଗୃହ ଭିତରେ କୌଣସି କର୍ମଚାରୀ ନଥିଲେ। ଖବର ପାଇ ମୁଖ୍ୟ ଅଗ୍ନିକ ସନ୍ତୋଷ କୁମାର ପରିଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଅଙ୍ଗାର ନିଆଁ ଦ୍ୱାରା ବିଡିକୁ ସେକା ଯାଉଥିବା ବେଳେ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।

# ‘ନେହେରୁଙ୍କ କୌଣସି ଭୂମିକା ନ ଥିଲା’

**ଜାତିସଂଘ ନିରାପତ୍ତା ପରିଷଦରେ ଚାଇନାର ସଦସ୍ୟ ପ୍ରସଙ୍ଗ**

■ ସୂଚନା ଅଧିକାର ଆଇନରେ ମିଳିଲା ତଥ୍ୟ

ବଲାଙ୍ଗୀର ଅଫିସ, ୧୩।୧୧


ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପଦ ପାଇଁ ଆନୁଷ୍ଠାନିକ କିମ୍ବା ଅଣଆନୁଷ୍ଠାନିକ ଭାବେ କୌଣସି ପ୍ରସ୍ତାବ ମିଳି ନ ଥିଲା ବୋଲି ତତ୍କାଳୀନ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ବିଭାଗ ମନ୍ତ୍ରୀ ଜବାହାରଲାଲ ନେହେରୁ ୧୯୫୫ ସେପ୍ଟେମ୍ବର ୨୭ରେ ଲୋକସଭାରେ ପ୍ରକାଶ କରିଥିବା କଥା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଲୋକସଭା ସଚିବାଳୟ ପକ୍ଷରୁ ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଲୋକସଭାରେ ସେଦିନ ହୋଇଥିବା ଆଲୋଚନାର ବିବରଣୀ ୱେବ୍ ଲିଙ୍କ୍ ମାଧ୍ୟମରେ ତଥ୍ୟ ପ୍ରଦାନ କରାଯାଇଛି । ଲୋକସଭାରେ ସେଦିନ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ, ତତ୍କାଳୀନ ଲୋକସଭା ସଦସ୍ୟ ଡ. ଜେଏନ୍ ପାରିଖ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ପଦକୁ ନେଇ କେତେକ ପ୍ରଶ୍ନ ପଚାରିଥିଲେ। ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟ ପଦ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ଅଗ୍ରାହ୍ୟ କରିଛି କି? ଯଦି କରିଛି ତା’ର କାରଣ? ଜାତିସଂଘ ସାଧାରଣ ପରିଷଦକୁ ଯାଉଥିବା ଭାରତୀୟ ପ୍ରତିନିଧି ଦଳ ଚାଇନାର ସ୍ଥାୟୀ ସଦସ୍ୟତା ପାଇଁ ପ୍ରସ୍ତାବ ଦେବେ କି? ଇତ୍ୟାଦି ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ ନେହେରୁ ଏହାକୁ ଅବାସ୍ତବ କଥା ବୋଲି କହି ଏଭଳି କୌଣସି ପ୍ରସ୍ତାବ ନ ଥିବା କହିଥିଲେ। ସମସ୍ତ ଦେଶକୁ ଯୋଗ୍ୟତା ଭିତ୍ତିରେ ଜାତିସଂଘର ସଭ୍ୟ ରାଷ୍ଟ୍ର ଭାବେ ଗ୍ରହଣ କରିବା ସପକ୍ଷରେ ଭାରତ ରହିଥିବା ବେଳେ ଚାଇନାକୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ଭାରତ ଚାହେଁ ଏବଂ ଏହି ଦିଗରେ କାର୍ଯ୍ୟ କରିବାକୁ ପ୍ରତିନିଧି ଦଳକୁ ପରାମର୍ଶ ଦିଆଯାଇଛି ବୋଲି ନେହେରୁ ଲୋକ ସଭାରେ ପ୍ରକାଶ କରିଥିଲେ।

ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପାଇଁ ଆମେରିକା ପୂର୍ବରୁ ପ୍ରସ୍ତାବ ଦେଇଥିଲା ନା ନାହିଁ, ଭାରତ ଏହାକୁ ଅଗ୍ରାହ୍ୟ କରି ଚାଇନାକୁ ସ୍ଥାୟୀ ସଦସ୍ୟତା ଦେବା ପାଇଁ ବାଟ ଛାଡି ଦେଇଥିଲା କି, ଇତ୍ୟାଦି ବିଷୟରେ ଜାଣିବା ପାଇଁ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଓ ଲୋକସଭା ସଚିବାଳୟକୁ ପଣ୍ଡା ତଥ୍ୟ ମାଗିଥିଲେ । ବୈଦେଶିକ ମନ୍ତ୍ରଣାଳୟ ପ୍ରଦାନ କରିଥିବା ତଥ୍ୟରେ ଏ ନେଇ କୌଣସି ସୂଚନା ନ ଥିବା କୁହାଯାଇଥିବା ବେଳେ ପରିଷଦର ସ୍ଥାୟୀ ସଦସ୍ୟତା ଦାବିକୁ ଭାରତ ସବୁବେଳେ ଅଗ୍ରାଧିକାର ଦେଇ ଆସିଛି ଏବଂ ନିରାପତ୍ତା ପରିଷଦକୁ ସମ୍ପ୍ରସାରିତ କରିବା ପାଇଁ ଭାରତ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ଆଲୋଚନା ମାଧ୍ୟମରେ ଆନ୍ତରିକତାର ସହ ଉଦ୍ୟମ ଜାରି ରଖିଛି ବୋଲି ସୂଚନା ଅଧିକାର କର୍ମୀ ପଣ୍ଡାଙ୍କୁ ବୈଦେଶିକ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଜାତିସଂଘ ସାଧାରଣ ପରିଷଦର ୭୫ତମ ଅଧିବେଶନରେ ତଥା ଗତ ୨୬ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିଷୟ ଉତ୍ଥାପନ କରିଥିଲେ ବୋଲି ମଧ୍ୟ ତଥ୍ୟ ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ, ସେ ସମୟରେ ଭାରତକୁ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପ୍ରଦାନ ପାଇଁ ଆମେରିକାର ପ୍ରସ୍ତାବକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଅଗ୍ରାହ୍ୟ କରି ଚାଇନାକକୁ ସ୍ଥାୟୀ ସଭ୍ୟ ପଦ ମିଳିବା ରାସ୍ତାକୁ ସହଜ କରିଥିଲେ ବୋଲି ତାଙ୍କୁ ବିଭିନ୍ନ ସମୟରେ ସମାଲୋଚନା କରାଯାଇ ଆସୁଛି । ଏଭଳି ସମାଲୋଚନାର କୌଣସି ଭିତ୍ତି ନାହିଁ ବୋଲି ପଣ୍ଡା କହିଛନ୍ତି । ପଣ୍ଡିତ ନେହେରୁ ୧୯୫୫ ଅଗଷ୍ଟ ୨ରେ ମୁଖ୍ୟମନ୍ତ୍ରୀମାନଙ୍କୁ ଲେଖିଥିବା ଏକ ପତ୍ରରେ ତାଙ୍କ ବିଚାର ଉଲ୍ଲେଖ କରିଥିଲେ । ଏହାକୁ ନେଇ ସେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଏବଂ ପରେ ସେପ୍ଟେମ୍ବରରେ ଏହାକୁ ନେଇ ଲୋକସଭାରେ ପ୍ରଧାନମନ୍ତ୍ରୀ ନେହେରୁ ସ୍ପଷ୍ଟ ଭାବେ ଡ. ପାରିଖଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ବୋଲି ପଣ୍ଡା କହିଛନ୍ତି ।

## ରାଜ୍ୟରେ ପ୍ରତିଷ୍ଠା ହେବ ୪ ବାଣିଜ୍ୟିକ କୋର୍ଟ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ): ରାଜ୍ୟର ୪ ସ୍ଥାନ ଅର୍ଥାତ୍ କଟକ ସଦର, ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ବାଣିଜ୍ୟିକ କୋର୍ଟ (ସିଭିଲ ଜଜ୍-ସିନିୟର ଡିଭିଜନ)। ବାଣିଜ୍ୟିକ ମାମଲାଗୁଡ଼ିକର ବିଚାର ନିମନ୍ତେ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଏବଂ ପରାମର୍ଶକ୍ରମେ ରାଜ୍ୟର ଏହି ୪ ବାଣିଜ୍ୟିକ କୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଏହି ବାଣିଜ୍ୟିକ କୋର୍ଟଗୁଡ଼ିକର ସ୍ଥାନୀୟ ସୀମା ନିର୍ଦ୍ଧାରିତ କରାଯାଇଛି। ସେଥିମଧ୍ୟରୁ କଟକ ସଦର କୋର୍ଟ ଅଧୀନରେ କଟକ, ଅନୁଗୋଳ, ଢେଙ୍କାନାଳ ଯାଜପୁର ଜିଲା, ଭୁବନେଶ୍ୱର କୋର୍ଟ ଅଧୀନରେ ଖୋର୍ଦ୍ଧା ଜିଲା, ବ୍ରହ୍ମପୁର କୋର୍ଟ ଅଧୀନରେ ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଗଜପତି ଜିଲା ଏବଂ ସମ୍ବଲପୁର କୋର୍ଟ ଅଧୀନରେ ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲା ରହିବ। ଏନେଇ ବିଧି ବିଭାଗ ତରଫରୁ ଶୁକ୍ରବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।




ପ୍ରଦୂଷଣମୁକ୍ତ ଦୀପାବଳି ପାଳନର ସଚେତନତା ବାର୍ତ୍ତା ଦେଇ ଶୁକ୍ରବାର କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଦୁଇ ଭଉଣୀ ସରିତା ଓ ଶିଳ୍ପା ଗୋଚ୍ଛାୟତଙ୍କ ବାଲୁକା କଳା।

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

କପ୍ତିପଦା,୧୩।୧୧(ଡ଼ି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ନେସ୍କୋ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅଶ୍ୱିନୀ କୁମାର ଦାସଅଧିକାରୀ ୧୩୦୦ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

କପ୍ତିପଦା ବ୍ଲକ୍ ଜନକପୁର ଗ୍ରାମର ଶିଶିର କୁମାର ନାୟକ ତାଙ୍କ ବୋଲେରୋ ଗାଡ଼ିକୁ କପ୍ତିପଦା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ଲଗାଇଥିଲେ। ଏହି ଗାଡ଼ି ଭଡ଼ା ବିଲ୍ କରିବା ପାଇଁ ସେ କନିଷ୍ଠ ଯନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ମଧ୍ୟ ବିଲ୍ ପାଇ ନ ଥିଲେ। ଟଙ୍କା ନ ଦେଲେ ବିଲ୍ ହେବ ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିବା ପରେ ଗାଡ଼ିର ମାଲିକ ବାଲେଶ୍ୱର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ପୂର୍ବାହ୍ନ ୧୧.୩୦ମି. ସମୟରେ ଶିଶିର ଗାଡ଼ିର ବକେୟା ବିଲ୍ କରିବା ପାଇଁ ରଥିପୁରସ୍ଥିତ ନେସ୍କୋ କାର୍ଯ୍ୟାଳୟରେ ପହଞ୍ଚି ଯନ୍ତ୍ରୀ ଦାସଅଧିକାରୀଙ୍କୁ ରାସାୟନିକ ପ୍ରଲେପ ବୋଳା ୧୩୦୦ ଟଙ୍କା ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଭିଜିଲାନ୍ସର ଆଉ ଏକ ଟିମ୍ ଯନ୍ତ୍ରୀ ଦାସଅଧିକାରୀଙ୍କ ଉଦଳା ସ୍ଥିତ ଭଡ଼ାଘର ଓ ନେସ୍‌କୋ କାର୍ଯ୍ୟାଳୟରେ ତଦନ୍ତ ଜାରି ରଖିଛି।

## ଜମିରେ ଧାନ କାଟୁଛନ୍ତି ଡାବୁଗାଁ ବିଧାୟକ

ନବରଙ୍ଗପୁର,୧୩।୧୧(ବି.ପ୍ର.)

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜର ନିଆରା କାର୍ଯ୍ୟ ଶୈଳୀ ପାଇଁ ସବୁବେଳେ ଚର୍ଚ୍ଚାରେ। ଏବେ ନବରଙ୍ଗପୁର ବ୍ଲକ ଅଧୀନ ପୂଜାରୀଗୁଡାସ୍ଥିତ ନିଜ ଚାଷଜମିରେ ସେ ଶ୍ରମିକମାନଙ୍କ ସହ ମିଶି ଧାନ କାଟୁଥିବା ଭିଡିଓ ଭାଇରାଲ ହୋଇଛି। ନିଜେ ପ୍ରତ୍ୟେକ୍ଷ ଭାବରେ ରହି ଧାନ ଅମଳ କଲେ ଆତ୍ମସନ୍ତୋଷ ମିଳେ ବୋଲି ବିଧାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।



ବିଧାୟକ ମନୋହର ରନ୍ଧାରୀ ଧାନ କାଟି ସଂଗ୍ରହ କରୁଛନ୍ତି।

# କମ୍ ଭୋଟିଂକୁ ନେଇ ତର୍ଜମା

ଜଗତ୍‌ସିଂହପୁର ଅଫିସ, ୧୩।୧୧

ତିର୍ତ୍ତୋଲ ଉପନିର୍ବାଚନ ସରିବା ପରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମାନସ ମନ୍ଥନ ଚାଲିଛି। ବିଶେଷକରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳରୁ ୨୦୧୯ ନିର୍ବାଚନ ତୁଳନାରେ କାହିଁକି କମ୍ ଭୋଟିଂ ହୋଇଛି ତାହାକୁ ନେଇ ବିଶ୍ଳେଷଣ କରାଯାଉଛି। ଯଦିଓ ୨୦୧୯ ନିର୍ବାଚନ ତୁଳନାରେ ଉପନିର୍ବାଚନରେ ଭାଜପାଠାରୁ ବିଜେଡି ପ୍ରାର୍ଥୀ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି, କିନ୍ତୁ ୩ ବ୍ଲକରେ ଭୋଟିଂ କମିଛି। ଅନୁରୂପ ଭାବେ ଭାଜପା କେବଳ ବିରିଡ଼ିକୁ ବାଦ୍ ଦେଲେ ତିର୍ତ୍ତୋଲ ଓ ରଘୁନାଥପୁରରେ ଆଶାଜନକ ଭୋଟ ପାଇ ନ ଥିବାରୁ କାରଣ ଖୋଜୁଛି। କଂଗ୍ରେସକୁ ବିରିଡ଼ି ଅଧିକ ନିରାଶ କରିଥିଲେ ସୁଦ୍ଧା ତିର୍ତ୍ତୋଲ ଓ ରଘୁନାଥପୁରରୁ ଭଲ ଫଳ ମିଳିଛି। ମୋଟାମୋଟି ଭାବେ ଦଳ ପକ୍ଷରୁ କେଉଁଠି ତ୍ରୁଟି ରହିଲା, ନେତା ଓ କର୍ମୀମାନେ ଠିକ୍ ଭାବେ କାମ କଲେ କି ନାହିଁ, କେଉଁମାନେ ଅନ୍ତର୍ଘାତୀ କାମ କଲେ ଏସବୁ ବାବଦରେ ଆଲୋଚନା ଜୋର୍ ଧରିଛି।

** କାହାକୁ କେତେ ଭୋଟ**

| ଦଳ | ୨୦୧୯ ନିର୍ବାଚନ | ୨୦୨୦ ଉପନିର୍ବାଚନ | ବ୍ୟବଧାନ |
|---|---|---|---|
| **ତିର୍ତ୍ତୋଲ ବ୍ଲକ** | | | |
| ବିଜେଡି | ୩୯,୬୧୦ | ୩୪,୫୮୫ | ୫,୦୨୫ କମ୍ |
| ଭାଜପା | ୧୯,୫୧୧ | ୧୫,୧୬୫ | ୪,୩୪୬ କମ୍ |
| କଂଗ୍ରେସ | ୧୨,୨୩୮ | ୧୭,୮୧୧ | ୫,୫୭୩ ଅଧିକ |
| **ରଘୁନାଥପୁର ବ୍ଲକ** | | | |
| ବିଜେଡି | ୨୬,୦୪୩ | ୨୫,୫୩୯ | ୫୦୪ କମ୍ |
| ଭାଜପା | ୧୮,୯୪୨ | ୧୬,୬୫୭ | ୨,୨୮୫ କମ୍ |
| କଂଗ୍ରେସ | ୪,୨୨୭ | ୪,୬୩୪ | ୪୦୭ ଅଧିକ |
| **ବିରିଡ଼ି ବ୍ଲକ** | | | |
| ବିଜେଡି | ୨୭,୩୭୧ | ୨୬,୬୭୩ | ୬୯୮ କମ୍ |
| ଭାଜପା | ୧୪,୫୦୫ | ୧୪,୨୭୮ | ୨୨୭ କମ୍ |
| କଂଗ୍ରେସ | ୭,୦୫୯ | ୫,୯୧୨ | ୧,୧୪୭ କମ୍ |

ତିର୍ତ୍ତୋଲ ବ୍ଲକରେ ୨୦୧୯ ନିର୍ବାଚନରେ ବିଜେଡି-ଭାଜପା ମଧ୍ୟରେ ବ୍ୟବଧାନ ୨୦,୦୯୯ ଥିଲା। ଏଥର ଉପନିର୍ବାଚନରେ ବିଜେଡି ସହିତ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱିତା ହୋଇଛି ଏବଂ ଉଭୟଙ୍କ ମଧ୍ୟରେ ବ୍ୟବଧାନ ୧୬,୭୭୪ ରହିଛି। ଭାଜପା ତୃତୀୟ ସ୍ଥାନରେ ରହିଛି, ଯାହାକି ଆଲୋଚନାର ବିଷୟ ହୋଇଛି। ରଘୁନାଥପୁର ବ୍ଲକରେ ୨୦୧୯ ନିର୍ବାଚନରେ ବିଜେଡି-ଭାଜପା ବ୍ୟବଧାନ ୭,୧୦୧ ରହିଥିବାବେଳେ ଉପନିର୍ବାଚନରେ ଏହି ବ୍ୟବଧାନ ୮,୮୮୨କୁ ବୃଦ୍ଧି ପାଇଛି। ବିରିଡ଼ି ବ୍ଲକରେ ୨୦୧୯ ନିର୍ବାଚନରେ ବିଜେଡି-ଭାଜପା ବ୍ୟବଧାନ ୧୨,୮୬୬ ରହିଥିବାବେଳେ ଉପନିର୍ବାଚନରେ ଏହି ୨ ଦଳ ମଧ୍ୟରେ ଭୋଟ ବ୍ୟବଧାନ ୧୨,୩୯୫ ରହିଛି ।

୨୦୧୯ ନିର୍ବାଚନକୁ ତୁଳନା କଲେ ଏଥର ଉପନିର୍ବାଚନରେ ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକରେ କଂଗ୍ରେସ ଯଥାକ୍ରମେ ୫,୫୭୩ ଓ ୪୦୭ ଭୋଟ

**ତିର୍ତ୍ତୋଲ ଉପନିର୍ବାଚନ**

ଅଧିକ ମିଳିଥିବାବେଳେ ବିରିଡ଼ି ବ୍ଲକରେ ୧,୧୪୭ ଭୋଟ କମ୍ ମିଳିଛି।

ବିଜେଡି ଜିଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲି କହିଛନ୍ତି ଯେ, କୋଭିଡ୍ ଯୋଗୁ ୨୦୧୯ ତୁଳନାରେ ଉପନିର୍ବାଚନରେ ମତଦାନ ହାର କମିଗଲା। ଯେତେ ଭୋଟ ହୋଇଥାନ୍ତା ବିଜେଡି ସପକ୍ଷରେ ସେତେ ଅଧିକ ଯାଇଥାନ୍ତା। କିନ୍ତୁ ଯାହା ମିଳିଛି ସନ୍ତୋଷଜନକ। ତେବେ କେଉଁଠି ଭୋଟ କମିଛି ତା’ ଉପରେ ତର୍ଜମା ପରେ ପ୍ରତିକାର କରାଯିବ ବୋଲି ମୁଦୁଲି କହିଛନ୍ତି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି ଯେ, ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିଲା। ପ୍ରଚାର ସହ ସାଙ୍ଗଠନିକ କାର୍ଯ୍ୟ ଠିକ୍ ଢଙ୍ଗରେ କରିବା ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ପରିଚାଳନାରେ ତ୍ରୁଟି ସମସ୍ୟା ସୃଷ୍ଟି କଲା। ଆଗାମୀ ଦିନରେ ଏହି ତ୍ରୁଟି ସୁଧାରିବାକୁ ଆମେ ଚେଷ୍ଟା କରିବୁ ବୋଲି ମହାପାତ୍ର କହିଛନ୍ତି। କଂଗ୍ରେସ ଜିଲା ସଭାପତି ନଟବର ବାରିକ କହିଛନ୍ତି ଯେ, ଦଳକୁ ୩୫ରୁ ୪୦ ହଜାର ଭୋଟ ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ହେଲାନି। ବିରିଡ଼ି ବ୍ଲକରେ ଅଧିକ କ୍ଷତି ହେଲା। ଏହା ପଛର କାରଣ ଖୋଜାଯିବ। ତିର୍ତ୍ତୋଲରେ ଆଶାଜନକ ଭୋଟ ମିଳିଛି । କିନ୍ତୁ ରଘୁନାଥପୁରରେ ହେଲାନି। ବିଜେଡି ଓ ଭାଜପାର ଅର୍ଥ ବଳ କେତେକାଂଶରେ ପ୍ରଭାବ ପକାଇଲା ବୋଲି ବାରିକ କହିଛନ୍ତି।

# ଅନ୍ତେବାସୀଙ୍କୁ ମଡେଲ ଜେଲ ସୁବିଧା

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)




**୭୮ ବର୍ଷ ପରେ ଜେଲ ମାନୁଆଲ ସଂଶୋଧନ କଲେ ରାଜ୍ୟ ସରକାର**

■ କଏଦୀଙ୍କ ସୁରକ୍ଷା ଓ ସୁବିଧାକୁ ନିଶ୍ଚିତ କରିବ ଜେଲ ପ୍ରଶାସନ

■ ସର୍କଲ ଜେଲରେ ୧ହଜାର, ଜିଲାରେ ୫ଶହ, ସବ୍-ଜେଲରେ ୩ଶହ କଏଦୀ ରହିବେ

ରାଜ୍ୟ ସରକାର ୭୮ ବର୍ଷର ପୁରୁଣା ଜେଲ ମାନୁଆଲକୁ ସଂଶୋଧନ କରିଛନ୍ତି। ନୂଆ ମାନୁଆଲ ଅନୁସାରେ ଜେଲ ପ୍ରଶାସନ ଦ୍ୱାରା ଅନ୍ତେବାସୀଙ୍କ ଉତ୍ତମ ପରିଚାଳନା ନେଇ ମଡେଲ ଜେଲର ସୁବିଧା ଉପଲବ୍ଧ ହେବ।

ପୁରୁଣା ଜେଲ୍ ମାନୁଆଲ ୧୯୪୨ରୁ କାର୍ଯ୍ୟ କରୁଥିଲା। ଏହାକୁ ସଂଶୋଧନ କରି ଏକ ମଡେଲ୍ ଜେଲ୍ ମାନୁଆଲ ପାଇଁ ପୋଲିସ ଗବେଷଣା ଓ ଉନ୍ନୟନ ବ୍ୟୁରୋ (ବିପିଆରଡି) ସଂସ୍ଥା ୨୦୧୬-୧୭ରେ କାର୍ଯ୍ୟ ଆରମ୍ଭ କରିଥିଲା। ଏ ନେଇ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (କାରାଗାର) ସନ୍ତୋଷ ଉପାଧ୍ୟାୟ କହିଛନ୍ତି, କଏଦୀଙ୍କ ଆଡମିଶନ ଓ ବିଭିନ୍ନ ମାମଲାରେ ସମ୍ପୃକ୍ତି ସଂକ୍ରାନ୍ତ ଇତିହାସ, ବର୍ଗୀକରଣ ସମେତ ୧୬ଟି ଅଧ୍ୟାୟ ଏହି ନୂତନ ମଡେଲ ଜେଲ ମାନୁଆଲରେ ସ୍ଥାନ ପାଇଛି। ଜେଲ୍ ପ୍ରଶାସନ ବନ୍ଦୀମାନଙ୍କୁ ପୃଥକ କରିବା ସହ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବ। ବନ୍ଦୀ, ଅଣ୍ଡର-ଟ୍ରାଏଲ, ମହିଳା କଏଦୀ, ଦୋଷୀ ସାବ୍ୟସ୍ତ କଏଦୀ, ଯୁବ ଅପରାଧୀ, ପ୍ରଥମ ଅପରାଧୀ, ଅଭ୍ୟାସଗତ ଅପରାଧୀ, ଉଚ୍ଚ ସୁରକ୍ଷା କଏଦୀଙ୍କୁ ବର୍ଗୀକରଣ କରାଯିବା ସହ ସେମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବ ବୋଲି ଉପାଧ୍ୟାୟ କହିଛନ୍ତି।

ସେହିଭଳି ନୂତନ ମାନୁଆଲରେ କୁହାଯାଇଛି ଯେ, ଏକ ସର୍କଲ ଜେଲରେ ୧୦୦୦ ଅନ୍ତେବାସୀ, ଜିଲା ଜେଲରେ ୫୦୦ ଏବଂ ସବ୍-ଜେଲରେ ୩୦୦ କଏଦୀ ରହିପାରିବେ। ପ୍ରତି ୬ଜଣ କଏଦୀଙ୍କ ପାଇଁ ଜଣେ ପ୍ରହରୀ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ସମସ୍ତ ଜେଲ୍‌ରେ ଅନ୍ତେବାସୀଙ୍କ କପଡା ଓ ପରିଧାନ ସାମଗ୍ରୀ ଧୋଇବା ତଥା ଇସ୍ତ୍ରୀ କରିବା ପାଇଁ ନିଜସ୍ୱ ଲଣ୍ଡ୍ରିର ସୁବିଧା ରହିବ। ନିଶା ସେବନ କରୁଥିବା ଅନ୍ତେବାସୀଙ୍କ ପାଇଁ ନିଶା ନିବାରଣର ଚିକିତ୍ସା ବ୍ୟବସ୍ଥା, ନୂତନ ଶିକ୍ଷାନୀତି ଓ ଲାଇବ୍ରେରି ସୁବିଧା ନୂତନ ମଡେଲ ଜେଲ ମାନୁଆଲରେ ଉପଲବ୍ଧ ରହିଛି। ସେହିପରି ଜେଲରୁ ପଳାୟନ, ଦଙ୍ଗା, ଗ୍ୟାଙ୍ଗ ୱାର ଏବଂ ମହାମାରୀ ଭଳି ସଙ୍କଟ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିୟୋର (ଏସ୍‌ଓପି)ର ବ୍ୟବସ୍ଥା ରହିଥିବା ଉପାଧ୍ୟାୟ କହିଛନ୍ତି।

କାରାଗାର ଶିଳ୍ପ ଓ ଅନ୍ତେବାସୀଙ୍କ ଧନ୍ଦାମୂଳକ ତାଲିମ ଉପରେ ଫୋକସ୍ ରହିଛି। ସେହିପରି ପ୍ରତି ଜେଲ୍‌ରେ ଆଇନ ସହାୟତା କ୍ଲିନିକ ରହିବ। ମହିଳା ଓ ଗର୍ଭବତୀ ବନ୍ଦୀଙ୍କ ଚିକିତ୍ସା ତଥା କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ କଲ୍ୟାଣ ନିମନ୍ତେ ଅନ୍ତେବାସୀଙ୍କ ଶିଶୁ ଓ ପିଲାଙ୍କ ପାଇଁ ନର୍ସରି ବିଦ୍ୟାଳୟ ସୁବିଧା ରହିବ। ରାଜ୍ୟ ସରକାରଙ୍କ ୫ଟି ସୂତ୍ରକୁ ଗୁରୁତ୍ୱ ଦିଆଯାଇ ବୈଷୟିକ ଜ୍ଞାନକୌଶଳ ପ୍ରଣୟନ ପାଇଁ ପଦକ୍ଷେପ ନିଆଯାଉଛି। ଜେଲରେ ଅଧିକ ସିସିଟିଭି କ୍ୟାମେରା ସ୍ଥାପନ ଏବଂ ମୋବାଇଲ୍ ବ୍ୟବହାରକୁ ରୋକିବା ପାଇଁ ଫୋନ୍ ଟ୍ରାକ୍‌ର ବ୍ୟବସ୍ଥା କରାଯାଇଥିବା ଉପାଧ୍ୟାୟ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୪ବର୍ଷର ଶିଶୁକୁ ବଳାତ୍କାର ...

ଧରିବାକୁ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି। ସନ୍ଦେହରେ ୫ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଖରଖରି ହାଟସାହିରେ ଗୁରୁବାର ସାପ୍ତାହିକ ହାଟ ବସିଥିଲା। ସମ୍ପୃକ୍ତ ଶିଶୁକନ୍ୟା ଅପରାହ୍ନରେ ଘରୁ ଖେଳିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ରାତି ସୁଦ୍ଧା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳୁ ହାଟ ପାଖରେ ପ୍ରବାହିତ ନାଳ ନିକଟରୁ ତାଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୀଡ଼ିତାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବାରୁ ଏହା ବଳାତ୍କାର ପରେ ହତ୍ୟା ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି।



କାମାକ୍ଷାନଗର ଏସ୍‌ଡିପିଓ, କଙ୍କଡ଼ାହାଡ଼ ଥାନାଧିକାରୀ ଆଶିଷ ଜେନା ସଦଳବଳ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଏ ନେଇ କଙ୍କଡ଼ାହାଡ଼ ଥାନାରେ ନଂ. ୧୨୪/୨୦, ଦଫା ୩୬୩, ୩୭୬ (ଡି) (ଏ), ୩୦୨, ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ କୁହନ୍ତି, ମୃତ ଶିଶୁଙ୍କ ମୁଣ୍ଡ, ମୁହଁରେ ଗଭୀର କ୍ଷତ ରହିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ବଳାତ୍କାର ସମ୍ପର୍କିତ ତଥ୍ୟ ସ୍ପଷ୍ଟ ହେବ। ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ସନ୍ଦେହରେ ୫ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ସେ କହିଛନ୍ତି।

**ଖରଖରି ସ୍ତବ୍ଧ, ମ୍ରିୟମାଣ ପରିବାର**

ଢେଙ୍କାନାଳ ଜିଲାକୁ ଲଜ୍ଜିତ କରିଛି ଖରଖରି ଶିଶୁ ହତ୍ୟାକାଣ୍ଡ ଘଟଣା। ଏପରି ସମ୍ବେଦନଶୀଳ ଘଟଣା ପରେ ସ୍ତବ୍ଧ ହୋଇଯାଇଛି ଆଦିବାସୀ ଅଧ୍ୟୁଷିତ ଏହି ଦୁର୍ଗମ ଗ୍ରାମ। ଏପରି ଲୋମହର୍ଷଣକାରୀ ଘଟଣା କାହିଁକି ଘଟିଲା, ଅଭିଯୁକ୍ତ ଏପରି ନିର୍ଦ୍ଦୟ ଭାବେ କାହିଁକି ଶିଶୁ ଜୀବନ ନେଲେ ତାହାକୁ ନେଇ ଲାଗି ରହିଛି ନାନା ଚର୍ଚ୍ଚା। ଏପରି ଜଘନ୍ୟକାଣ୍ଡ ଘଟାଇଥିବା ହତ୍ୟାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ମୃତଶିଶୁ ଥିଲେ ଘରର ୪ ସନ୍ତାନଙ୍କ ଭିତରୁ ସବୁଠୁ ସାନ। ଛୋଟ ହୋଇଥିବାରୁ ତାଙ୍କୁ ସମସ୍ତେ ସ୍ନେହ କରୁଥିଲେ। ବାପା ଜଣେ ଶ୍ରମଜୀବୀ ହୋଇଥିଲେ ମଧ୍ୟ ସନ୍ତାନଙ୍କ ପାଇଁ କିଛିନିଅଣ୍ଟ କରିନ ଥିଲେ। ହେଲେ ଗୁରୁବାର ଅପରାହ୍ନଯାଏ ନାଚିକୁଦି ସାହି କମ୍ପାଇ ଦେଉଥିବା ସାନଝିଅ ଯେ ଆଉ ନାହିଁ, ଏକଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଝିଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଯାଇଛନ୍ତି ସମସ୍ତେ। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଧନତେରସ୍‌ରେ ବଢ଼ିଲା ସୁନା ବିକ୍ରି

■ ଅଫର ଅବଧି ବଢ଼ାଇଛନ୍ତି ଜୁଏଲର୍ସ
■ ଶୋ'ରୁମ୍‌ରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୧୧**

ଚଳିତ ବର୍ଷ କରୋନାଜନିତ ଲକ୍‌ଡାଉନ ପାଇଁ ସୁନା ଗହଣା ବଜାରରେ ପ୍ରଭାବ ଜାରି ରହିଛି। ଶୁକ୍ରବାର ଧନତେରସ ରହିଥିବାରୁ ସୁନା ବଜାରରେ ଚମକ ଫେରିଛି। ସାରା ଦେଶରେ ଧନତେରସରେ ବିକ୍ରି ପୂର୍ବ ମାସଗୁଡିକ ତୁଳନାରେ ଉନ୍ନତ ରହିଛି। ଆଗାମୀ ଦିନରେ କାରବାର ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିବ ବୋଲି ସୁନା ଶିଳ୍ପ ସହ ଜଡିତ ବ୍ୟକ୍ତି ବିଶେଷ ସୂଚନା ଦେଇଛନ୍ତି। ବଜାରରେ କଟକଣା କୋହଳ ହୋଇଥିବା ବେଳେ ଶୋ'ରୁମରେ ବିଭିନ୍ନ ସାମାଜିକ ଦୂରତ୍ୱ ନିୟମ ପାଳନ ହେଉଛି। ସୁନା କାରବାର ପ୍ରାୟ ୮୦% ଟ୍ରାକ୍‌କୁ ଫେରିଲାଣି। ଆଗାମୀ ଦିନରେ ସମ୍ପୂର୍ଣ୍ଣ ଠିକ୍ ହେବା ନେଇ ଶିଳ୍ପ ପକ୍ଷରୁ ଆଶା ରଖାଯାଇଛି। ଗ୍ରାହକଙ୍କ ବଜାରକୁ ନେଇ ରହିଥିବା ମନୋଭାବରେ ମଧ୍ୟ ପରିବର୍ତ୍ତନ ଆସିଛି। ଫଳରେ ଧନତେରସ ବିକ୍ରି ଉନ୍ନତ ସ୍ଥିତିକୁ ଫେରିଥିବା ଜଣାପଡିଛି।

ଓଡ଼ିଶାର ବିଭିନ୍ନ ପ୍ରାନ୍ତ କଥା ବିଚାରକୁ ନେଲେ ଭୁବନେଶ୍ୱର ଏବଂ କଟକରେ ପ୍ରାୟ ସୁନା କାରବାର ଅଧିକ ରହିଥାଏ। ଉଭୟ ସହରରେ ଗ୍ରାହକ ଶୋ'ରୁମ୍ ଆସି କିଣାକିଣି କରିଥିବା ନଜରକୁ ଆସିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଜୁଏଲର୍ସ ଖ୍ୱମଜୀର ଡିଜିଏମ୍ କିଶୋର ଓ୍ୱାଡେର କୁହନ୍ତି, କରୋନା ପାଇଁ ଗତ ବର୍ଷ ଭଳି କାରବାର ନ ହେଲେ ମଧ୍ୟ ପୂର୍ବ ମାସଗୁଡିକ ତୁଳନାରେ କାରବାର ବେଶ୍ ଉନ୍ନତ ରହିଛି। ଶୋ'ରୁମରେ କରୋନାକୁ ଧ୍ୟାନରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରବେଶ ପଥରେ ସାନିଟାଇଜେଶନ, ସ୍ୱତନ୍ତ୍ର ଧାଡି ଜରିଆରେ ବିଭିନ୍ନ କାଉଣ୍ଟରକୁ ଗ୍ରାହକଙ୍କୁ ପଠାଯାଉଛି। ଶୋ'ରୁମ୍ ପକ୍ଷରୁ ପ୍ରଦାନ



ଭୁବନେଶ୍ୱରର ଏକ ଶୋ'ରୁମ୍‌ରେ ଗ୍ରାହକ ସୁନା କିଣୁଛନ୍ତି।

କରାଯାଉଥିବା ଅଫର ୨୨ ନଭେମ୍ବର ଯାଏ ରହିବ। ମହାମାରୀକୁ ଧ୍ୟାନରେ ରଖି ଗ୍ରାହକ ଯେଭଳି ଭାବେ ଅଧିକ ସମୟ ଅଫରର ଲାଭ ନେଇପାରିବେ ତାକୁ ବିଚାରକୁ ନିଆଯାଇଛି। ସୁନା ଅଳଙ୍କାର ଉପରେ ୬.୩% ରିହାତି, ରୁପାର ଗଢା ମୂଲ୍ୟ ଉପରେ ଫ୍ଲାଟ ୫୦% ଏବଂ ହୀରା ଉପରେ ଫ୍ଲାଟ ୨୦% ରିହାତି ଦିଆଯାଉଛି। କମିଶନରେଟ ପୋଲିସ ଏବଂ ବିଏମ୍‌ସିଡିଏର ନିୟମାବଳୀକୁ ଦୃଢତାର ସହ ପାଳନ କରାଯାଇଛି। ଶୋ'ରୁମ୍ ଭିତରେ ଭିଡ ନ ହେବା ବାହାରେ ଲୋକଙ୍କ ଲାଗି ପ୍ରତୀକ୍ଷା କରିବା ବ୍ୟବସ୍ଥା ହୋଇଛି।

କଲ୍ୟାଣ ଜୁଏଲର୍ସର ଷ୍ଟୋର ମ୍ୟାନେଜର ନିଶାନ୍ତ କୁମାର କହିଛନ୍ତି, ମହାମାରୀକୁ ଆଖି ଆଗରେ ରଖି ପ୍ରଥମେ ପ୍ରବେଶ ପଥକୁ ମୁକ୍ତ କରାଯାଇଛି। ସାନିଟାଇଜିଂ ଏବଂ ବ୍ୟାପକ ସାମାଜିକ ଦୂରତ୍ୱ ନିୟମକୁ ପାଳନ କରାଯାଉଛି। ଶୋ'ରୁମ୍‌ରେ ନିରାପତ୍ତା ବ୍ୟବସ୍ଥା ବଢାଯାଇଛି। ଗ୍ରାହକଙ୍କ ଲାଗି ଅନ୍ୟ ସୁବିଧା ମଧ୍ୟ ରହିଛି। ଧନ୍‌ତେରସ ଅଫର ୧୬ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ହୀରା ଉପରେ ୨୫%, ସୁନାଗହଣା ଗଢା ମୂଲ୍ୟ ଉପରେ ୨୦ରୁ ୫୦% ପର୍ଯ୍ୟନ୍ତ ରିହାତି, ସିଲ୍‌ଭର ଉପରେ ସମ୍ପୂର୍ଣ୍ଣ ଗଢାମୂଲ୍ୟ ଛାଡ ସୁବିଧା ରହିଛି। ଅପରପକ୍ଷରେ ଅରୁନ୍ଧତୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବଜାରରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଚଳିତ ବର୍ଷ ଆଶା ମୁତାବକ ବେପାର ସୀମା ଛୁଇଁନାହିଁ। ଗ୍ରାହକଙ୍କୁ ଶୋ'ରୁମରେ ସେବା ସହ ଅନ୍‌ଲାଇନରେ କ୍ରୟ କଲେ ହୋମ୍ ଡେଲିଭରି ସୁବିଧା ଦିଆଯାଉଛି। ପାର୍ବଣ ଅଫର ସହ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଉଛି। ନୂଆ ଅମେୟା କଲେକ୍ସନ ସହ ଅନେକ ଡିଜାଇନ ଗହଣା ପାର୍ବଣ ପାଇଁ ପ୍ରସ୍ତୁତ କରାଯାଇଛି। ଡିଜାଇନଗୁଡିକ ଗ୍ରାହକଙ୍କ ଦ୍ୱାରା ପସନ୍ଦ ଆସୁଥିବା ନଜରକୁ ଆସୁଛି ବୋଲି କୁହାଯାଉଛି। ଭିଡକୁ ନଜରରେ ରଖି ଶୋ'ରୁମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ଏହି ଅବସରରେ ତନିସ୍କର ଏବିଏମ୍ ପ୍ରଖର ପଲାଓ୍ୱତ କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ ପାଳନ ସହ ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ସାମାଜିକ ଦୂରତ୍ୱକୁ ଧ୍ୟାନରେ ରଖି ଶୋ'ରୁମ ବାହାରେ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯାଇଛି। ଧନତେରସ୍‌ରେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚାହିଦାକୁ ନଜରରେ ରଖି ସୁନା ଅଳଙ୍କାର ଗଢାମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ, ହୀରା ଗହଣାର ମୋଟ୍ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଗ୍ରାହକଙ୍କୁ ହୋମ୍ ଡେଲିଭରି ସହ କମ୍ପାନୀର ଅନ୍‌ଲାଇନ ପ୍ଲାଟଫର୍ମରେ କ୍ରୟ ସୁବିଧା ରହିଛି। ପାର୍ବଣ ପାଇଁ ଡେବିଟ୍, କ୍ରେଡିଟ କାର୍ଡରେ କ୍ରୟ ସୁବିଧା ଅନ୍ୟାନ୍ୟ ରିହାତି ଉପଲବ୍ଧ ରହିଥିବା ସେ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ବଜାର ପ୍ରଭାବିତ ହୋଇ ରହିଥିବାରୁ ଏହାକୁ ନେଇ ଜୁଏଲର୍ସ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଗ୍ରାହକଙ୍କୁ ଯେଭଳି ଭାବେ କୌଣସି ଅସୁବିଧା ନ ହୁଏ ତାକୁ ଧ୍ୟାନରେ ରଖାଯାଇଛି। ଶୋ'ରୁମ ଆକର୍ଷଣୀୟ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ଚଳିତ ବର୍ଷ ହାଲକା ଗହଣା ଉପରେ ଗ୍ରାହକଙ୍କ ନଜର ରହିଛି। ଏହା ଟ୍ରେଣ୍ଡରେ ରହିଥିବା ବେଳେ ସେହି ଅନୁସାରେ ଡିଜାଇନ ଶୋ'ରୁମଗୁଡିକ ପ୍ରଦାନ କରୁଛନ୍ତି। ଧନତେରସ ଏବଂ ଦିଓ୍ୱାଲି ଉପଲକ୍ଷେ ପୂର୍ବ ମାସଗୁଡିକ ତୁଳନାରେ ଚାହିଦାରେ ବେଶ୍ ଉନ୍ନତି ହେବ ବୋଲି ଜୁଏଲେରୀ ଶିଳ୍ପ ପକ୍ଷରୁ ଆଶା କରାଯାଉଛି। ଚଳିତ ବର୍ଷ କୃଷି କାର୍ଯ୍ୟ ଉନ୍ନତ ହୋଇଥିବାରୁ ଏହା ଚାହିଦା ଉପରେ ଉନ୍ନତ ପ୍ରଭାବ ପକାଇବା ବୋଲି ଆଶା କରାଯାଇଛି। ଚଳିତ ବର୍ଷ ଦିଓ୍ୱାଲି ବିକ୍ରି ଭଲ ରହିବ ବୋଲି ବିଶେଷଜ୍ଞ କହିଛନ୍ତି। କାରଣ ପାର୍ବଣରେ ବଜାରକୁ ଭଲ ରେସପନ୍ସ ମିଳିଛି। କରୋନା ପାଇଁ ଜୁଏଲର୍ସ ଅନ୍‌ଲାଇନ କନସଲଟେଶନ ଏବଂ ଅନ୍‌ଲାଇନ କ୍ରୟ ବ୍ୟବସ୍ଥା କରିଛନ୍ତି। ଏହା ମୋଟାମୋଟି ବିକ୍ରି ଦିଗରେ ସହାୟକ ହେବ ବୋଲି କୁହାଯାଉଛି। ସୁନାକୁ ଏକ ଆସେଟ୍ କ୍ଲାସ ଭାବେ ବିଚାର କରାଯାଉଥିବା ବେଳେ ଏହି ଧାତୁ ଉପରେ ଲୋକଙ୍କର ଭରସା ସବୁ ବେଳେ ରହିଆସିଛି। ପାର୍ବଣ ଲାଗି କିଛି ଗ୍ରାହକ ଆଡଭାନ୍ସ ବୁକିଂ କରିଥିବା ମଧ୍ୟ ନଜରକୁ ଆସିଛି। ହାଲକା ଗହଣା ବାଦ୍ ଲକଜୁରି ସେଗମେଣ୍ଟ ଉପରେ ମଧ୍ୟ ଗ୍ରାହକ ଫୋକସ କରୁଛନ୍ତି। ଗତ ଦିଓ୍ୱାଲି ତୁଳନାରେ ବର୍ତ୍ତମାନ ସୁଦ୍ଧା ସୁନାଦର ପ୍ରାୟ ୨୫% ବଢିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଶୋ'ରୁମଗୁଡିକ ଭାଉଚର, କ୍ୟାଶବ୍ୟାକ ସୁବିଧା ଦେଉଛନ୍ତି। ସେହିଭଳି ହୀରା ଗହଣା ଉପରେ ଫ୍ଲାଟ ରିହାତି, ସୁନା ଏବଂ ରୁପା ଗହଣା ମୂଲ୍ୟ ଉପରେ ରିହାତି, ଗଢା ମୂଲ୍ୟ ମୁଲ୍ୟ ଉପରେ ରିହାତି, ଧନତେରସରେ ସ୍ୱତନ୍ତ୍ର ଅଫର, ପ୍ରଡକ୍ଟ କ୍ରୟରେ ଉପହାର, ଗୋଲ୍ଡ କଏନ, ସିଲଭର କଏନ ଏବଂ ଅନ୍ୟ ଉପହାର ପ୍ରଦାନ କରାଯାଉଥିବା ଦେଖାଯାଉଛି।

# ବଜାରରେ କେଲଭିନେଟର ହୋମ୍ ଆପ୍ଲାଏନ୍ସ




**ନୂଆଦିଲ୍ଲୀ,୧୩।୧୧**

ପ୍ରମୁଖ ହୋମ୍ ଆପ୍ଲାଏନ୍ସ ବ୍ରାଣ୍ଡ କେଲଭିନେଟର ପକ୍ଷରୁ ଏହାର ପ୍ରଡକ୍ଟ ଭାରତ ବଜାରରେ ଶୁଭାରମ୍ଭ ହୋଇଛି। ଏହା ବିଶ୍ୱାସ, ଗୁଣମାନ, ଦୀର୍ଘସ୍ଥାୟୀ ଏବଂ କାର୍ଯ୍ୟଦକ୍ଷତାର ଏକ ପରିଚୟ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏୟାର କଣ୍ଡିସନର, ରେଫ୍ରିଜରେଟର, ଓ୍ୱାଶିଂମେଶିନ, କ୍ଷୁଦ୍ର ଗୃହ ଉପକରଣକୁ କମ୍ପାନୀ ଘରୋଇ ବଜାରରେ ଉପଲବ୍ଧ କରାଉଛି। ବ୍ରାଣ୍ଡର ଟ୍ୟାଗ ଲାଇନ 'ରେଡି ଫର ଏନି ଥିଙ୍ଗ' ଉପରେ ପର୍ଯ୍ୟବସିତ। ପ୍ରଡକ୍ଟଗୁଡିକ ଦୀର୍ଘସ୍ଥାୟୀ ଏବଂ ବିଶ୍ୱସନୀୟ ହୋଇଥିବାରୁ ଏହାକୁ ଭାରତୀୟ ଗ୍ରାହକ ପସନ୍ଦ କରୁଥିବା କମ୍ପାନୀ ସୂଚନା ଦେଇଛି।

କେଲଭିନେଟର ଡାଇରେକ୍ଟ କୁଲ୍ ସିଙ୍ଗଲ ଡୋର ଫ୍ରିଜ, ପ୍ରିମିୟମ ସାଇଡ ବାଏ ସାଇଡ ରେଫ୍ରିଜରେଟର, ନନ୍ ଷ୍ଟପ କୁଲିଂ ପାଇଁ ଏସି ଟେଷ୍ଟେଡ, ଫ୍ରଣ୍ଟ ଲୋଡ ଓ୍ୱାଶିଂ ମେଶିନ ଏବଂ ୫ ଷ୍ଟାର ସେମି ଅଟୋମେଟିକ ଓ୍ୱାଶିଂମେଶିନ ସୁବିଧା ଯୁକ୍ତ ପ୍ରଡକ୍ଟ କମ୍ପାନୀ ଆଣିଛି। ପାର୍ବଣରେ ଆକର୍ଷଣୀୟ ଅଫର, କ୍ୟାଶବ୍ୟାକ ସୁବିଧା ଏବଂ ପ୍ରତି କ୍ରୟରେ ଲକି ଡ୍ର ସୁବିଧା ରହିଛି। କମ୍ପାନୀ ୧୮୭ ସର୍ଭିସ ସେଣ୍ଟର ଦ୍ୱାରା ସେବା ଯୋଗାଇ ଦେଉଛି।

# ୟୁନିୟନ ବ୍ୟାଙ୍କର ପ୍ରତିଷ୍ଠା ଦିବସ


**ନୂଆଦିଲ୍ଲୀ,୧୩।୧୧**

ୟୁନିୟନ ବ୍ୟାଙ୍କ ଇଣ୍ଡିଆର ୧୦୨ତମ ପ୍ରତିଷ୍ଠା ଦିବସ ମୁମ୍ବାଇଠାରେ ଭର୍ଚୁଆଲଭାବେ ପାଳିତ ହୋଇଯାଇଛି। ୧୯୧୯ରେ ଏହି ବ୍ୟାଙ୍କ ସ୍ଥାପନ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ସ୍ୱାଧୀନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦିତ କରିଛି। ଦେଶର ଆର୍ଥିକ ବିକାଶ କ୍ଷେତ୍ରରେ ଏହା ଯୋଗଦାନ ରଖିଛି। ଶିଳ୍ପ ସଂସ୍ଥା, ରପ୍ତାନି କ୍ଷେତ୍ର, କୃଷି କ୍ଷେତ୍ର, ବ୍ୟବସାୟ ଏବଂ ଭିତ୍ତିଭୂମି କ୍ଷେତ୍ରକୁ ବ୍ୟାଙ୍କ ଋଣ ଯୋଗାଇ ଦେଇଛି। ସାରା ଦେଶରେ ୯,୫୦୦ରୁ ଉର୍ଦ୍ଧ୍ୱ ଶାଖା ଏବଂ ୧୨ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଏହା ସେବା ଯୋଗାଇ ଦେଉଛି। ଏହି ଅବସରରେ ବ୍ୟାଙ୍କର ସିଇଓ ରାଜ କିରନ ରାୟ ଜି. ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟିସିଏଲ୍ ପକ୍ଷରୁ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୧୩।୧୧:** ଇଲେକଟ୍ରୋନିକ୍ସ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଟିସିଏଲ୍ ଦୀପାବଳୀ ଅବସରରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। କମ୍ପାନୀର ଅନ୍‌ଲାଇନ ଷ୍ଟୋରରେ ଏହା ୨ଟି ବିଶେଷ ଅଫର ଉପଲବ୍ଧ କରାଇଛି। ଗ୍ରାହକ କମ୍ପାନୀର ୪କେ ଏଲ୍‌ଇଡି କ୍ରୟ କରିପାରିବେ। ସାଉଣ୍ଡବାର ମୂଲ୍ୟ ଉପରେ ୨ ହଜାର ଟଙ୍କାର ରିହାତି ଲାଭ କରିପାରିବେ। ୫୦ଇ ବିଶିଷ୍ଟ ୪କେ ୟୁଏଚ୍‌ଡି ଟିଭିଏସ୍ କ୍ରୟର ସାଉଣ୍ଡ ବାର ମୂଲ୍ୟ ଉପରେ ୧ ହଜାର ଟଙ୍କାର ରିହାତି ରହିଛି। ୟୁଜର ସେମାନଙ୍କ ସ୍ମାର୍ଟଫୋନ, ଲାପଟପ୍ କିମ୍ବା ଅନ୍ୟ କୌଣସି ଗ୍ୟାଜେଟ୍‌ରୁ ସାଉଣ୍ଡବାରରେ ଓ୍ୟାରଲେସ ଭାବେ ମ୍ୟୁଜିକ ଶୁଣିପାରିବେ। ଅଫର ପ୍ରଦାନ ଦ୍ୱାରା ଗ୍ରାହକଙ୍କ ଦିଓ୍ୱାଲିକୁ ଆହୁରି ସୁନ୍ଦର କରିବାକୁ ପ୍ରୟାସ କରାଯାଇଛି ବୋଲି ଟିସିଏଲ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ମାଇକେ ଚେନ୍ କହିଛନ୍ତି। ନୂଆ କ୍ୟୁ ଏଲ୍‌ଇଡି କିମ୍ବା ୪କେ ୟୁଏଚ୍‌ଡି ଟିଭି କ୍ରୟ କରିବାକୁ ଚାହୁଁଥିବା ବିଭିନ୍ନ ଅଫର ଉଠାଇପାରିବେ।

# ଓଡ଼ିଶାର ଲୋକକଳାକୁ ରିଲାଏନ୍ସ ଜୁଏଲ୍ସର ସମ୍ମାନ



**ଭୁବନେଶ୍ୱର,୧୩।୧୧**

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଓଡ଼ିଶାର ସମୃଦ୍ଧ କଳାତ୍ମକ ଓ ଐତିହ୍ୟ ଦ୍ୱାରା ଅନୁପ୍ରେରିତ ହୋଇ ଏକ ମନୋରମ ଜୁଏଲାରୀ କଲେକ୍ସନ 'ଉତ୍କଳ'ର ଶୁଭ ଉନ୍ମୋଚନ କରାଯାଇଛି। ଏହି କଲେକ୍ସନ ଜରିଆରେ ଓଡ଼ିଶାର ବିବିଧ ବୈଭବ ମଧ୍ୟରୁ ଅନ୍ୟତମ ଅନୁପ୍ରେରିତ ଜୁଏଲାରୀ କଲେକ୍ସନ ହେଉଛି 'ପଟ୍ଟଚିତ୍ର' ଜୁଏଲାରୀ ସମ୍ଭାର। ରିଲାଏନ୍ସ ଜୁଏଲ୍ସର ଉତ୍କଳ କଲେକ୍ସନରୁ ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ଅଳଙ୍କାର ସେଟ୍‌ଗୁଡିକ ବାସ୍ତବପକ୍ଷେ ଜୁଏଲାରୀ ପ୍ରେମୀଙ୍କ ପାଇଁ ସ୍ୱପ୍ନର ବସ୍ତୁ ପାଲଟିଛି । ଏଥିରେ ବିରଳ ଏବଂ ବହୁ ପୁରାତନ କପଡାରେ ଚିତ୍ରକଳାର କୌଶଳ ରହିଛି। ଯେଉଁଥିରେ ଡିଜାଇନରେ ମଧ୍ୟ ଚିତ୍ରକଳାର ଅନ୍ତଃସ୍ଥାପିତ ହୋଇଛି। ଏହି ଜୁଏଲାରୀ ସମ୍ପୂର୍ଣ୍ଣ ଜୀବନ୍ତ, ଅନନ୍ୟ ଏବଂ ଅତ୍ୟନ୍ତ ବିବିଧତାପୂର୍ଣ୍ଣ ହୋଇଛି। ଏହାକୁ ଉଭୟ ସମକାଳୀନ ଏବଂ ପାରମ୍ପରିକ ଲୁକ୍ ସହିତ ପରିଧାନ କରାଯାଇପାରିବ। ଉତ୍କଳ କଲେକ୍ସନର ପଟ୍ଟଚିତ୍ର ଦ୍ୱାରା ଅନୁପ୍ରେରିତ ସ୍ୱର୍ଣ୍ଣ ଅଳଙ୍କାର ଏବଂ ଅନ୍ୟ ଡିଜାଇନ ୨୨କ୍ୟାରେଟ ସୁନାରେ ତିଆରି ହୋଇଛି। ଗ୍ରାହକମାନେ ଚଳିତ ନଭେମ୍ବର ୧୬ ପର୍ଯ୍ୟନ୍ତ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଓ ସ୍ୱର୍ଣ୍ଣ ମୁଦ୍ରାର ଗଢା ମଜୁରୀ ଉପରେ ସିଧା ୩୦% ରିହାତି ଏବଂ ହୀରା ଅଳଙ୍କାରର ଇନ୍‌ଭଏସ ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ମଧ୍ୟ ଏସ୍‌ବିଆଇ କ୍ରେଡିଟ କାର୍ଡ ଜରିଆରେ କାରବାର କଲେ ୫% କ୍ୟାଶବ୍ୟାକ ସୁବିଧା ମଧ୍ୟ ଗ୍ରାହକମାନେ ପାଇପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଧରିତ୍ରୀ ଜୁଏଲର୍ସର ଧନତେରସ୍ ଅଫର

**ଭୁବନେଶ୍ୱର,୧୩।୧୧:** ଧରିତ୍ରୀ ଜୁଏଲର୍ସ ପକ୍ଷରୁ ଧନତେରସ୍ ଅଫର ବର୍ତ୍ତମାନ ଉପଲବ୍ଧ କରାଯାଉଛି। ଏହା ଦ୍ୱାରା ଗ୍ରାହକ ଗହଣା କ୍ରୟ ସମୟରେ ବିଭିନ୍ନ ସୁବିଧା ସୁଯୋଗ ଲାଭ କରିପାରିବେ। କଟକର ବକ୍ସିବଜାର ଏବଂ ତାଳଚେରର ହାତତୋଟା ଶୋ'ରୁମରେ ଗହଣା କ୍ରୟର ସୁବିଧା ଲୋକଙ୍କୁ ପ୍ରଦାନ କରାଯାଉଛି। ବିଭିନ୍ନ ବର୍ଗରେ ଗହଣା ଶୋ'ରୁମ୍‌ରେ ରହିଛି। ସୁନା ଗହଣା ଗଢା ମଜୁରି ପ୍ରତି ଗ୍ରାମ ପିଛା ୩୭୫ ଟଙ୍କା ରହିଛି। ସେହିଭଳି ରୁପା ଗହଣା ଗଢାମୂଲ୍ୟ ପ୍ରତି ଗ୍ରାମ ପିଛା ୧୦ ଟଙ୍କା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଫର ୧୫ ନଭେମ୍ବର ଯାଏ ରହିବ। କଟକ ଶୋ'ରୁମ ଲାଗି ଅଫର ପ୍ରଯୁଜ୍ୟ। ଏହି ଅବସରରେ ଶୋ'ରୁମର ସ୍ୱତ୍ୱାଧିକାରୀ ପ୍ରଶାନ୍ତ ପୃଷ୍ଟି କହିଛନ୍ତି, ଦିଓ୍ୱାଲି ଏବଂ ଧନତେରସ୍ ଅବସରରେ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଅଫର ଡିଜାଇନ କରାଯାଇଛି। ଏହା ଦ୍ୱାରା ଗ୍ରାହକ ରିହାତି ପାଇପାରିବେ ବୋଲି ଆଶା କରୁଛୁ। ଶୋ'ରୁମରେ ବିଭିନ୍ନ ଡିଜାଇନ ଗହଣା ବର୍ତ୍ତମାନ ଉପଲବ୍ଧ କରାଯାଉଛି। ଗ୍ରାହକ ହାଲକା ଗହଣା କ୍ରୟ ପ୍ରତି ବେଶି ଆଗ୍ରହ ଦେଖାଉଥିବା ସେ ସୂଚନା ଦେଇଛନ୍ତି।

DHARITRI JEWELLERS

# ସୋନିର ନୂଆ ଟିଭି

**ନୂଆଦିଲ୍ଲୀ,୧୩।୧୧:** ସୋନି ପକ୍ଷରୁ ନୂଆ ବ୍ରାଭିଆ ଓଲେଡ୍ ଟିଭିଏ୮ଏଚ୍ ଟିଭି ବଜାରକୁ ଆସିଛି। ଏଥିରେ ଉଚ୍ଚ କ୍ଷମତାସମ୍ପନ୍ନ ଏକ୍ସ୧ ଅଲ୍ଟିମେଟ୍ ୪କେ ଏଚ୍‌ଡିଆର୍ ପିକ୍‌ଚର ପ୍ରୋସେସର ରହିଛି। ଏହି ମଡେଲଟି ୧୬୫ ସେମି । ଏହା ଏକ ଉନ୍ନତ ଟିଭି ଦେଖିବାର ଅଭିଜ୍ଞତା ପ୍ରଦାନ କରିବ। ଏହା ସୋନି ସେଣ୍ଟର ଏବଂ ସୋନିର ସ୍ୱତନ୍ତ୍ର ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ସେହିଭଳି ଶପଆଟ୍ଏସ୍‌ସି ଡଟ୍ କମ୍, ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋର ଏବଂ ଆମାଜନ ଡଟ୍ କମ୍‌ରେ ଏହି ମଡେଲଟିକୁ ଗ୍ରାହକ କିଣିପାରିବେ। ଟିଭିଟିରେ ସେଲ୍ଫ ଇମ୍ୟୁଲେଟିଂ ପକ୍ସେଲ ରହିଛି। ଏହା ସତେଜ, ଉଚ୍ଚ କଣ୍ଟ୍ରାଷ୍ଟ ଏବଂ ଜୀବନ୍ତ ଛବି ପ୍ରଦାନ କରିବ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BALAJI FINANCE LIMITED
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8895436721


Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)



ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



# ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ଅରୁଣ କିଶୋର ଶତପଥୀ
ଆବିର୍ଭାବ: ଫେବୃୟାରୀ ୧୫, ୧୯୪୮
ତିରୋଧାନ: ଅକ୍ଟୋବର ୨୮, ୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଅବର୍ତ୍ତମାନରେ ଥାଇ ମଧ୍ୟ ଆପଣ ବର୍ତ୍ତମାନରେ। ଆପଣଙ୍କ ଭଲପାଇବା ଓ ଆପଣଙ୍କ ଭଳି ମଣିଷଟିର ବିକଳ୍ପ ନାହିଁ। ଯେଉଁଠି ଥାଆନ୍ତୁ, ଖୁସିରେ ଥାଆନ୍ତୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ ଅବର୍ତ୍ତମାନରେ ମଧ୍ୟ ଆପଣଙ୍କୁ ଆଶିଷ ପ୍ରଦାନ କରୁ, ଏତିକି ପ୍ରାର୍ଥନା। ଆପଣଙ୍କର ଆଶୀର୍ବାଦ କାମନା କରୁଛୁ।
ବନ୍ଧୁ ଓ ପରିବାରବର୍ଗ
ଓଁ ନେତ୍ର ମନ୍ଦିର | ଷ୍ଟାର ଅପ୍‌ଟିକାଲ୍
ବାପୁଜୀ ନଗର, ଭୁବନେଶ୍ୱର
ଧ-୧୮୮୭୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




ସ୍ୱର୍ଗତ ଅଭିଷେକ ପଟ୍ଟଯୋଷୀ
Banker
Syndicate Bank, ଭୁବନେଶ୍ୱର
ଆବିର୍ଭାବ:୦୪।୦୫।୧୯୯୦
ତିରୋଧାନ: ୧୧।୧୧।୨୦୧୫
(କାଳି ଚତୁର୍ଦ୍ଦଶୀ)
ଧନରେ, ଚାହୁଁ ଚାହୁଁ ତୁ ଆମକୁ ଛାଡ଼ି ଚାଲିଯିବା ୫ବର୍ଷ ହୋଇଗଲା। ତୋ ପାଇଁ ଲୁହ ଗଡାଇବା ବ୍ୟତିତ ଆମ ପାଖରେ ଆଉ କିଛି ଉପାୟ ନାହିଁ, ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ନନା, ବୋଉ
ଧ-୧୮୯୯୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବନମାଳି ମୁଦୁଲି
କୁରାଳ ସମାଜ ସଭାପତି, ଓଡ଼ିଶା
ସେକ୍ସନ୍ ଅଫିସର, ଓୟୁଏଟି
ଆବିର୍ଭାବ: ୦୨।୦୫।୧୯୪୭
ତିରୋଧାନ: ୨୮।୧୦।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ ଓ ପରିବାରବର୍ଗ ।
ଧ-୧୯୭୦

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରାଧାମଣୀ ସାହୁ
ସୀତାରାମ ସାହି, ଆସ୍କାରୋଡ୍, ବ୍ରହ୍ମପୁର
ଆବିର୍ଭାବ: ୦୯।୦୧।୧୯୫୦
ତିରୋଧାନ: ୦୩।୧୧।୨୦୨୦
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା, ଆମପାଇଁ ଅଭୁଲା ସ୍ମୃତିହୋଇ ରହିଗଲା। ତୁମ ଯିବାପରେ ଏହି ଶୂନ୍ୟତା ଆମଙ୍କୁ ବ୍ୟଥିତ କରୁଛି। ସବୁ ହାନୀ-ଲାଭ, ସୁଖ-ଦୁଃଖ ତୁମେ ବୁଝୁଥିଲ। ପ୍ରେରଣାର ଉତ୍ସ ଥିଲ। ତୁମେ ପ୍ରଭୁ ଜଗନ୍ନାଥଙ୍କର ବଡ଼ ଭକ୍ତ ଥିଲ, ସବୁବେଳେ କାଳିଆ କାଳିଆ ହେଉଥିଲ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସେହି କାଳିଆ ଠାକୁର ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ତିନି ପୁତ୍ର, ପୁତ୍ରବଧୂ, ଦୁଇ ଝିଅ, ଦୁଇ ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ, ପଣନାତି ଓ ପରିବାରବୃନ୍ଦ
ଧ-୬୬୬୪୯

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ମହେଶ୍ୱର ଓଝା
ଦୋଳମଣ୍ଡପ ସାହି, ରାଧାକୃଷ୍ଣ ବଜାର, ଢେଙ୍କାନାଳ ଟାଉନ୍
ଆବିର୍ଭାବ: ୦୬।୦୪।୧୯୫୫
ତିରୋଧାନ: ୦୪।୧୧।୨୦୨୦
ତୁମେ ଆମକୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ: ଭାନୁମତି, ପୁତ୍ର: ହିଂମାଂଶୁ, ଝିଅ: ତୃପ୍ତିମୟୀ, ଜ୍ୱାଇଁ: ମାନସ, ନାତି: ଆୟୁଷ, ନାତୁଣୀ: ଗାୟତ୍ରୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୮୯୪

ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶୈଳବାଳା ମିଶ୍ର
ବାମଦେଇପୁର ଶାସନ, ଅସ୍ତରଙ୍ଗ, ପୁରୀ
ତିରୋଧାନ: ୦୧।୧୧।୨୦୦୫
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ ପରିବାର:-
ହତଭାଗ୍ୟ ସ୍ୱାମୀ- ଲକ୍ଷ୍ମୀଧର ମିଶ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ ।
ଧ-୬୯୫୭୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚିତ୍ତରଞ୍ଜନ ସାମନ୍ତସିଂହାର
ନହରକଣ୍ଟା, ଖୋର୍ଦ୍ଧା
ଆବିର୍ଭାବ: ୨୭।୦୩।୧୯୬୬
ତିରୋଧାନ: ୨୧।୧୦।୨୦୦୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ: ଭବାନୀଶଙ୍କର, ମା'- ଲକ୍ଷ୍ମୀପ୍ରିୟା ସାମନ୍ତସିଂହାର, ଅନ୍ନପୂର୍ଣ୍ଣା ଜେନା, ଭଗବାନ ଜେନା, ସମସ୍ତ ପରିବାରବର୍ଗ ଓ ବନ୍ଧୁଗଣ ।
ଧ-୬୯୪୮୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## କହିଲ ଦେଖି


(୧)ନାଲି ଥଣ୍ଟ ତା'ର ଦିଶେ ସୁନ୍ଦର
ଦେହରେ ସବୁଜ ରଙ୍ଗ ଚାଦର
ପୋଷା ମାନିଗଲେ କଥା କୁହଇ
ରାମ ରାମ ଦିନ ରାତି ଜପଇ ।

ଉତ୍ତର –ଶୁଆ।



(୨)କୁହୁ କୁହୁ ତାନେ ଥାଏ କୁହୁକ
ଯିଏ ଥରେ ଶୁଣେ ହୁଏ ମୋହିତ
ଫୁଟାଏନି କେବେ ଅଣ୍ଡା ନିଜର
କୁଆର ବସାକୁ ଭରସା ତା'ର ।

ଉତ୍ତର:–କୋଇଲି



(୩)ମୁହଁଠାରୁ ତା'ର ଥଣ୍ଟଟି ବଡ଼
ଧୋବ ଫରଫର ସାରା ଶରୀର
ଧରିବା ପାଇଁ ସେ ଜଳରେ ମୀନ
ଋଷି ମୁନୀ ପରି ଏକାଗ୍ର ଚିତ୍ତ ।

ଉତ୍ତର –ବଗ



–ସୁବ୍ରତ ମଲିକ
ମଙ୍ଗଳପୁର, ଅସୁରାଳି, ଭଦ୍ରକ

## ଆ ଇ ନା



ମୁକ୍ତି ଶାମ୍ଭବୀ
୭ ବର୍ଷ

## ମୁନୁ ପାଇଁ ଚିଠି




**ଆଦରର ମୁନୁ,**

ମୋର ସ୍ନେହ ନେବୁ । ତୋ ପାପା ମାମାଙ୍କୁ ମୋର ଦୀପାବଳି ଶୁଭେଚ୍ଛା ଜଣେଇବୁ । ଗତ ବର୍ଷ ଦୀପାବଳିରେ ତୁ ଆମ ଘରକୁ ଆସିଥିଲୁ । ସଞ୍ଜବେଳେ ଆମେ ସମସ୍ତେ ମିଶି ଘର ଆଗରେ ଦୀପ ସଜେଇଥିଲୁ । ମହମବତି ଜଳେଇଥିଲୁ । କିନ୍ତୁ ତୋର ମନ ଥିଲା ଝରାବତି ଓ କୁମ୍ଭିବାଣ ପାଖରେ । ତୋ ପାଇଁ ମୁଁ ଅନେକ ପ୍ରକାର ଝରାବତି ଆଣିଥିଲି । କିନ୍ତୁ ସବୁଜ ଆଲୁଅ ଦେଉଥିବା ଝରାବତି ତୋର ବେଶି ପସନ୍ଦ ବୋଲି ପରେ ଜାଣିଲି । ଏବର୍ଷ ଦୀପାବଳି ଆସିଲାରୁ ତୋ କଥା ମନେ ପଡ଼ିଲା । ହେଲେ ଏଥର ଦୀପାବଳିରେ ବାଣକୁ ବାରଣ କରାଯାଇଛି । ଓଡ଼ିଶାରେ ନଭେମ୍ବର ୧୦ ରୁ ୩୦ ତାରିଖ ପର୍ଯ୍ୟନ୍ତ ବାଣ କେହି ବିକିବେ ନାହିଁ କିମ୍ବା କେହି ଫୁଟେଇବେ ନାହିଁ । ଟିଭିରୁ ଏକଥା ଶୁଣି ମନ ଦୁଃଖ କରିଛୁ ବୋଲି ତୋ ମାମା ମତେ ଫୋନ୍ କରି କହୁଥିଲା । ହଁ, ମୁଁ ବି ପିଲାଦିନେ ବାଣ ଫୁଟେଇ ଖୁସି ହେଉଥିଲି । ସେତେବେଳେ ମୁଁ ଜାଣି ନଥିଲି ଯେ, ବାଣ ଫୁଟିଲେ ସେଥିରୁ ବାହାରୁଥିବା ବାରୁଦ ପାଉଡର ଓ ଧୂଆଁ ସିଧା ବାୟୁରେ ମିଶେ, ଯେଉଁ ବାୟୁକୁ ଆମେ ପ୍ରଶ୍ୱାସରେ ନେଉ । ଏକଥା ଜାଣିଲା ପରେ ମୁଁ ଡରିଗଲି, ଆଉ ବାଣ ଫୁଟେଇବା ଛାଡିଦେଲି । ତୁ ଛୋଟ ପିଲା । ତେଣୁ ବାଣ ଫୁଟେଇବୁନି ଶୁଣିଲୁ ବୋଲି ତତେ ଦୁଃଖ ଲାଗୁଛି । ପୋଟାସିୟମ ନାଇଟ୍ରେଟ୍, କୋଇଲା ଓ ଗନ୍ଧକକୁ ଗୁଣ୍ଡ କରି ବାରୁଦ ତିଆରି ହୁଏ ବୋଲି ତୁ ଜାଣି ନଥିବୁ । ବାରୁଦରେ ସହଜରେ ନିଆଁ ଧରିବା ପାଇଁ ଫସ୍‌ଫରସ୍ ମିଶାଯାଏ । କୋଇଲା ଓ ଗନ୍ଧକ ଜଳେ । ଜଳିବା ପାଇଁ ଅମ୍ଳଜାନ ଦରକାର । ପୋଟାସିୟମ ନାଇଟ୍ରେଟ୍‌ରୁ ଅମ୍ଳଜାନ ମିଳେ । ବାଣରୁ ଧୂଆଁ ବାହାରିବା ପାଇଁ ଦସ୍ତାଗୁଣ୍ଡ ସାହାଯ୍ୟ କରେ । ମୁଁ ଦେଖିଛି, ବାଣର ରଙ୍ଗିନ ଆଲୋକ ଦେଖିଲେ ତୁ ଖୁସିରେ ନାଚିଯାଉ । କିନ୍ତୁ ରଙ୍ଗିନ୍ ଆଲୋକ ପାଇଁ ବାରୁଦରେ ନାନାଦି ରାସାୟନିକ ପଦାର୍ଥ ମିଶାଯାଏ । ବାରୁଦରେ ଆଲୁମିନିୟମ ଓ ଟାଇଟାନିୟମ ରହିଲେ ସେଥିରୁ ବାହାରୁଥିବା ଆଲୋକ ରୁପା ପରି ଚକ୍‌ଚକ୍ କରେ । ଝରାବତିରେ ଆଲୁମିନିୟମ, ଟାଇଟାନିୟମ ଓ ମାଗ୍ନେସିୟମ ଥାଏ । ବେରିୟମ୍‌ରୁ ସବୁଜ, କ୍ୟାଲସିୟମରୁ କମଳା, ଲିଥିୟମରୁ ଲାଲ ଓ ସୋଡିୟମରୁ ହଳଦିଆ ଦୀପ୍ତି ବାହାରେ । ବାଣ ଫୁଟିଲେ ଶବ୍ଦ ଓ ରଙ୍ଗିନ ଆଲୁଅ ବାହାରେ । କିଛି ସମୟ ପାଇଁ ଆମେ ଖୁସି ହେଉ । କିନ୍ତୁ ବାୟୁମଣ୍ଡଳରେ ସେହି ବିଷାକ୍ତ ଉପାଦାନ ଓ ଧୂଆଁ ବର୍ଷ ବର୍ଷ ଧରି ରହେ । ଶ୍ୱାସକ୍ରିୟାରେ ତାହା ଆମ ଫୁସ୍‌ଫୁସ୍ ଭିତରକୁ ଯାଏ । କେତେ ଖରାପ କଥା ଭାବିଲୁ ? ବାଣଧୂଆଁରେ ଆଖି ଜଳେ । ଆଖିରେ ବାରୁଦ ପଡିଲେ ଆମକୁ ଅନ୍ଧ କରିଦେଇପାରେ । କାନ ପାଖରେ ବାଣ ଫୁଟିଲେ ଆମକୁ କାଲ କରିଦେଇପାରେ । ବିଷାକ୍ତ ବାରୁଦ ପେଟ ଭିତରକୁ ଗଲେ ଅସୁବିଧା । ମୁଣ୍ଡ ବିନ୍ଧେ, ବାନ୍ତି ହୁଏ, ପେଟ କାଟେ । ଟିକିଏ ଖୁସି ପାଇଁ ଯଦି ଏତେ ବିପଦ ରହିଛି, ସେମିତିକା ଖୁସି ଆମର ଦରକାର ନାହିଁ କି ବାଣ ଫୁଟେଇବା ଦରକାର ନାହିଁ । ଆମେ ବଞ୍ଚିବା ପାଇଁ ବାୟୁମଣ୍ଡଳର ଅମ୍ଳଜାନ ଜରୁରୀ । ବାଣଫୁଟେଇ ଏହାକୁ ଦୂଷିତ କରି ଦେଲେ ଆମେ ବଞ୍ଚିବା କେମିତି ? ମୁନୁ, ଜରୁରୀ କଥାଟିଏ କହିବାକୁ ଭୁଲିଗଲି । ଆମ ଶରୀର ପାଇଁ ବାୟୁରୁ ଅମ୍ଳଜାନ ସଂଗ୍ରହ କରେ ଫୁସ୍‌ଫୁସ୍ । ଏବେ ତ ସାରା ପୃଥିବୀରେ କରୋନା ଭୂତାଣୁ ବୁଲୁଛି । ଏହି ଭୂତାଣୁ ଫୁସ୍‌ଫୁସ୍‌କୁ ଦୁର୍ବଳ କରିଦିଏ । ତେଣୁ କରୋନା ରୋଗୀ ବାଣଧୂଆଁ ଭିତରେ ରହିଲେ ଅମ୍ଳଜାନ ପାଇପାରିବ ନାହିଁ । ଅମ୍ଳଜାନ ଅଭାବରେ ପ୍ରାଣ ହରେଇପାରେ । ମୁଁ ଭାବୁଛି, ଏସବୁ ଜାଣିଲା ପରେ ତୁ ବାଣ ପାଇଁ ଆଉ ମନ ଦୁଃଖ କରିବୁ ନାହିଁ । ରଙ୍ଗିନ୍ ଦୀପ ଓ ମହମବତି ଜଳେଇ ଘରକୁ ସଜେଇବୁ । ତୋ ଜେଜେ ସବୁବେଳେ ବାଣ ଫୁଟିଲେ ରାଗୁଥିଲେ । ଦେଖିବୁ, ଏବର୍ଷ କେତେ ଖୁସି ହେବେ । ପରିବେଶକୁ ଭଲ ପାଉଥିବା ମଣିଷକୁ ତୋ ଭିତରେ ମୁଁ ଖୋଜୁଛି । ଆଶା, ମୋ ଆଶା ପୂରଣ କରିବୁ । ଇତି । **–ଶୁଭାକାଂକ୍ଷୀ ମାମୁ**

**–କମଳାକାନ୍ତ ଜେନା,** ଆସିଷ୍ଟାଣ୍ଟ ପ୍ରଫେସର, ଫିଜିକ୍ସ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

## ଗପ
# ଶିଶୁପ୍ରେମୀ ପ୍ରଧାନମନ୍ତ୍ରୀ



ଅଖଣ୍ଡ ଭାରତବର୍ଷର ଇତିହାସରେ ଶିଶୁମାନଙ୍କ ସୁଖଦୁଃଖରେ ସାମିଲ୍ ହୋଇ ସେମାନଙ୍କୁ ଜୀବନଠୁ ବଳି ଯଦି କେହି ପ୍ରଧାନମନ୍ତ୍ରୀ ଭଲ ପାଉଥିଲେ ସେ ଥିଲେ ଭାରତବର୍ଷର ଏକମାତ୍ର ଶିଶୁପ୍ରେମୀ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ। ଏପରିକି ସେ ତାଙ୍କର ଜନ୍ମଦିନକୁ ପିଲାମାନଙ୍କ ଗହଣରେ କଟାଇବାକୁ ଖୁବ୍ ଭଲ ପାଉଥିଲେ। ନିଜ ଜନ୍ମଦିନରେ ସେ ମିଠାଇ ବାଣ୍ଟି ଅପାର ଆନନ୍ଦ ଅନୁଭବ କରୁଥିଲେ। କେବଳ ସେତିକି ନୁହେଁ ନିକିତିରେ ଗୋଟିଏ ପାଖରେ ବିଭିନ୍ନ ପ୍ରକାର ଜିନିଷ ରଖି ଅନ୍ୟ ପାଖରେ ତାଙ୍କୁ ବସାଉଥିଲେ ଏବଂ ତାଙ୍କରି ଓଜନର ଜିନିଷ ପିଲାମାନଙ୍କୁ ଦିଆଯିବାସହ ସବୁ ଗରିବଙ୍କୁ ମଧ୍ୟ ବଣ୍ଟନ କରାଯାଉଥିଲା। ସେହି କୋମଳମତି ସରଳ ନିଷ୍କପଟ ଶିଶୁମାନଙ୍କୁ ସେ ଆନ୍ତରିକତାର ସହ ଭଲ ପାଉଥିବାରୁ ତାଙ୍କର ଜନ୍ମଦିବସକୁ ଶିଶୁଦିବସ ରୂପେ ଆଜି ମଧ୍ୟ ସମଗ୍ର ଦେଶରେ ପାଳନ କରାଯାଉଛି। ସେ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ (ପିତା ମୋତିଲାଲ୍ ନେହେରୁ ଓ ମାତା ସ୍ୱରୂପାରାଣୀ) ଜନ୍ମଗ୍ରହଣ କରିଥିଲେ। ତାଙ୍କର ନାମ ରଖାଯାଇଥିଲା ଜହ୍ୱର ଲାଲ୍ ନେହେରୁ ଅର୍ଥାତ୍ ଜହ୍ୱର ଅର୍ଥ ରତ୍ନ। ହ୍ୟାରୋ ବିଦ୍ୟାଳୟରେ ଦୁଇବର୍ଷ ପଢ଼ି ୧୯୦୭ ମସିହାରେ ଜବାହରଲାଲ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ଏହାପରେ ୧୯୧୨ ମସିହାରେ ବିଲାତରେ ବାରିଷ୍ଟରୀ ପାସ୍ କରି ଭାରତକୁ ଫେରିଥିଲେ। ୧୯୨୧ ମସିହାରେ ଇଂରେଜମାନଙ୍କ ବିରୋଧରେ ସେ ଅସହଯୋଗ ଆନ୍ଦୋଳନ ଏବଂ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଜେଲରେ ଥିଲାବେଳେ ସେ ବହୁ ଉପାଦେୟ ପୁସ୍ତକ ଲେଖିଥିଲେ। ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲାପରେ ସେ ହେଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ। ବିଶ୍ୱରେ ବିଭିନ୍ନ ରାଷ୍ଟ୍ରରେ ସହାବସ୍ଥାନ ପାଇଁ ସେ ପଞ୍ଚଶୀଳ ନୀତି ପ୍ରଣୟନ କରିଥିଲେ। ଥରେ ଏକ ଭାଷଣ ଦେବାକୁ ଯିବା ସମୟରେ ଗୋଲାପ ନାମ୍ନୀ ଗୋଟିଏ ଝିଅ ତାଙ୍କ ଗାଡ଼ି ଚକା ତଳେ ପ୍ରାଣ ହରାଇଥିଲା। ଚାଚାଜୀ ଖୁବ୍ ଦୁଃଖିତ ହେଲେ। ତା'ର ସ୍ମୃତି ଉଦ୍ଦେଶ୍ୟରେ ତାକୁ ସବୁଦିନ ମନେରଖିବା ପାଇଁ ସେ ତାଙ୍କ କୋଟ ପକେଟ୍‌ରେ ଗୋଲାପଫୁଲ ସର୍ବଦା ରଖୁଥିଲେ। ଆଉ ଦିନକର ଘଟଣା ୧୯୫୭ ମେ ମାସର କଥା, ଦେଶର ପ୍ରଧାନମନ୍ତ୍ରୀ ଥିଲାବେଳେ ହଠାତ୍ ଥରେ ସେ ତାଙ୍କ ବାସଭବନରୁ ଏକୁଟିଆ ଚାଲିଗଲେ, ସାଙ୍ଗରେ ମଧ୍ୟ କେହି ଦେହରକ୍ଷୀକୁ ନେଇ ନ ଥିଲେ। ବାସଭବନରେ ନପାଇ ତାଙ୍କୁ ଚାରିଆଡ଼େ ଖୋଜାଗଲା। ଶେଷକୁ ଦେଖାଗଲା ଯେ ଚାଚାଜୀ ଗୋଟିଏ ପାର୍କରେ ପିଲାମାନଙ୍କ ସହ ତାଳିମାରି ଖେଳୁଛନ୍ତି। ଥରେ ପିଲାମାନେ ମିଶି ଗୋଟିଏ ନାଟକ କରୁଥାଆନ୍ତି। ନାଟକକୁ ଦେଖିବା ପାଇଁ ଚାଚାଜୀଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥିଲା। ସେ କିନ୍ତୁ ତାଙ୍କ ପାଇଁ ଥିବା ଅତିଥି ଚୌକିରେ ନ ବସି ପିଲାମାନଙ୍କ ସହ ତଳେ ବସିପଡ଼ିଲେ ଏବଂ ପିଲାଙ୍କ ସହ କଥାବାର୍ତ୍ତା କରି ନାଟକକୁ ଉପଭୋଗ କଲେ। ଜାପାନୀ ପିଲାମାନେ ହାତୀକୁ ଖୁବ୍ ଭଲ ପାଉଥିବାରୁ ସେ ଇନ୍ଦିରା ନାମକ ଗୋଟିଏ ହାତୀକୁ ଜାପାନର ପିଲାମାନଙ୍କ ପାଖକୁ ପଠାଇଥିଲେ। କେବଳ ଜାପାନ ନୁହେଁ କାନାଡ଼ା, ହଲାଣ୍ଡ, ଅଷ୍ଟ୍ରେଲିଆ, ଆମେରିକା ପ୍ରଭୃତି ଦେଶର ପିଲାଙ୍କ ପାଇଁ ସେ ହାତୀ ପଠାଇଥିଲେ। ସେ ପିଲାଙ୍କୁ ଖୁବ୍ ଭଲ ପାଉଥିଲେ। ଭୋକିଲା ଶିଶୁକୁ ଖାଦ୍ୟ, ପୀଡ଼ିତ ଶିଶୁଙ୍କୁ ସାହାଯ୍ୟ, ଶିକ୍ଷା ବ୍ୟବସ୍ଥା, ଅନାଥ ଶିଶୁଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରି ଅପାର ଆନନ୍ଦ ଲାଭ କରୁଥିଲେ ଚାଚାଜୀ। ଥରେ ଜଣେ ବୃଦ୍ଧ ତାଙ୍କୁ ପଚାରିଥିଲେ ସେ ଏ ଅତିକ୍ରାନ୍ତ ବୟସରେ କିପରି ଫିଟ୍ ରହୁଛନ୍ତି। ଚାଚାଜୀ ହସିହସି ଉତ୍ତର ଦେଇଥିଲେ ଯେ, ମୁଁ ପିଲାଙ୍କ ସହ ମିଶି ତାଙ୍କଠାରୁ ଖୁସିର ଜୀବନ ବିତାଉଛି। ୧୯୬୪ ମସିହା ମେ ୨୭ ତାରିଖରେ ସେ ସବୁଦିନ ପାଇଁ ଆମକୁ ଛାଡି ପରଲୋକକୁ ଚାଲିଯାଇଥିଲେ। କିନ୍ତୁ ଦେଶ ପାଇଁ ଯେଉଁ ତ୍ୟାଗ, ସଂଗ୍ରାମ, ବଳିଦାନ ଦେଇଗଲେ ତାହା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ।

*–ମୀରା ବେଉରା, ରଘୁନାଥଜୀଉ ମହାବିଦ୍ୟାଳୟ,ଦେଉଳସାହି, କଟକ*

## କବିତା




### ଶାନ୍ତ ରୂପେ ମା' କାଳୀ

ଦେବତା ବି ଯେବେ ହାରି ଯାଇଥାନ୍ତି
ଦୈତ୍ୟଙ୍କ ଅତ୍ୟାଚାରରେ,
ମାତା ଆଦିଶକ୍ତି ସୃଷ୍ଟିକାରିଣୀଙ୍କ
ଶରଣ ଯାଆନ୍ତି ଆତୁରେ।
ଦେବୀ ମା' ଅଟନ୍ତି ଅଭୟଦାୟିନୀ
ପୁଣି ସୃଷ୍ଟି ସଂହାରିଣୀ
ଶରଣ ଯିବାରେ ମା'ଙ୍କ ଚରଣେ
ସେ ତ ଦୁଃଖ ବିନାଶିନୀ।
ଦେବତାଙ୍କ ଆର୍ତ୍ତ ଶୁଣି ଦୁର୍ଗା ମାତା
କାଳୀ ରୂପ କଲେ ଧାରଣ
ଉଗ୍ର ରୂପ ଧରି କ୍ରୋଧବସେ କଲେ
ରାକ୍ଷସଙ୍କ ଶିର ଛେଦନ।
ବିବସନା ରୂପେ ଦୈତ୍ୟ ମୁଣ୍ଡମାଳ
ଲମ୍ବାଇଲେ ନିଜ ଗଳାରେ
କ୍ରୋଧ ଅଗ୍ନି ତାଙ୍କ ଦମିତ ହେଲାନି
ଦେବତାଙ୍କର ବି ସ୍ତୁତିରେ।
ଶେଷେ ସ୍ୱୟଂ ଶିବ କାଳୀଙ୍କ ପଥରେ
ନିଜ କାୟା ଦେଲେ ବିଛାଇ
ସ୍ୱାମୀଙ୍କ ବକ୍ଷରେ ଅଜାଣତେ ମାତା
ପାଦ ଦେଇଥିଲେ ଥୋଇ।
ନିଜ ତ୍ରୁଟି ପାଇଁ ଜିହ୍ୱା ପ୍ରସାରିଲେ
ଶାନ୍ତ ହେଲେ କ୍ଷମା ମାଗି
ତ୍ରୁଟି ନୁହେଁ ଏହା ତୁମ ଶାନ୍ତ ରୂପ
କହିଥିଲେ ମହାଯୋଗୀ।
କାର୍ତ୍ତିକ ମାସର ଅମାବାସ୍ୟା ଦିନ
ଏ ରୂପରେ କାଳୀଙ୍କର
ଭୋଗ, ଧୂପ, ଦୀପେ ପୂଜାର୍ଚ୍ଚନା ହୁଏ
ପର୍ବ ସତ୍ୟ ଆଲୋକର।

***ସବିତା ମଞ୍ଜରୀ ଦାଶ***
*ସେକ୍ଟର–୯, ସିଡିଏ*

### ଶିଶୁପ୍ରିୟ ଜବାହର

ନଭେମ୍ବର ମାସ ଚଉଦ
ଶିଶୁ ଦିବସ ଆସେ,
ସୁନ୍ଦର ଦିଶଇ ଏ ଧରା
ଶିଶୁଗଣଙ୍କ ହସେ ।

ଚାଚା ନେହେରୁଙ୍କ ଜନମ–
ଦିନ ହେବ ପାଳନ,
ତାଙ୍କର ଆଦର୍ଶ ବଳରେ
ଆମେ ହେବା ମହାନ।

ଅଠରଶ ଅଣାନବେରେ
ହୋଇଥିଲେ ଜନମ,
ମୋତିଲାଲ ସ୍ୱରୂପା ରାଣୀ
ପିତାମାତାଙ୍କ ନାମ ।

ସ୍ୱାଧୀନତା ଲାଗି ଅନେକ
ଥର କାରାବରଣ,
କରିଥିଲେ ସହି ନେହେରୁ
ନାନା ଦୁଃଖକଷଣ।

ଶିଶୁ ପ୍ରିୟ ଜବାହର ସେ
ଭାରତର ରତନ,
ତାଙ୍କ ଚରଣରେ ଅର୍ପଣ
କରୁ ଶ୍ରଦ୍ଧାସୁମନ।

***ପ୍ରଦୀପ କୁମାର ଦାଶ,***
*ଶିକ୍ଷକ, ହରିଶଙ୍କର ରୋଡ,*
*ଖପ୍ରାଖୋଲ, ବଲାଙ୍ଗୀର*

### ଦୀପ

ପ୍ରତିଟି ଘରର ଠାକୁର ଘରେ ମୁଁ
କେତେ ଯତନରେ ଥାଏ
ଦୀପ ବୋଲି ମୋତେ ସଭିଏଁ ଜାଣନ୍ତି
ଘରଠୁ ବାହାର ଯାଏ ।।

ନିବିଡ଼ ଅନ୍ଧାର କରେ ମୁଁ ଯେ ଦୂର
ଆଲୋକ ଯୋଗାଇ ଦିଏ
ଛୋଟ ସିନା ଦେହ
ସେବାପଣେ ମୋର
ସବୁରି ହୃଦୟ ଛୁଏଁ ।।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ
ବନ୍ଦାଏ ମୁହିଁ ବୋଇତ
ଦୀପାବଳି ପର୍ବେ ହୁଏ ମୁଁ ଆହୃତ
ମିଳଇ ଖୁସି ବହୁତ ।।

ବଦଳିଛି କିଛି ଦୁନିଆର ରୀତି
ବଦଳିଛି କିଛି ମନ
ତଥାପି ଆଦର ପାଉଛି ବୋଲି ତ
ନମଣେ ନିଜକୁ ହୀନ ।।

ରହିଥିଲି ଆଗେ ରହିଛି ବି ଏବେ
ଥିବା ଯାଏ ଜଳୁଥିବି
ମାଟି ଦୀପ ମୁହିଁ ସେବା ଧର୍ମ ସାରି
ମାଟିରେ ପୁଣି ମିଶିବି ।।

***ସୁଦର୍ଶନ ମହାପାତ୍ର,***
*କୁଞ୍ଜବିହାରୀ ଲେନ୍,*
*କଟକ*

## ଖିଲିଖିଲି ହସ

ସ୍କୁଲ ପଛପଟେ ଥିବା ପୋଖରୀରେ ସ୍କୁଲର ପ୍ରିନ୍ସିପାଲ୍ ବୁଡ଼ି ଯାଉଥିବାବେଳେ ପପୁ ଦେଖିଦେଲା। ସଙ୍ଗେ ସଙ୍ଗେ ସେ ଜୋର୍‌ରେ ପାଟି କରି ଦୌଡ଼ିଲା ଆଉ କହୁଥିଲା କାଲି ସ୍କୁଲ ଛୁଟି...

ପିତା– ପୁଅ, ନେ ୨ ହଜାର ଟଙ୍କା ରଖ
ପୁଅ– ବାପା ଟଙ୍କା କଣ ପାଇଁ ?
ବାପା– ପୁଅ, ତୁ ଯେବେଠୁ ହ୍ୱାଟ୍‌ସଆପ୍ ବ୍ୟବହାର କଲୁଣି ସେବେଠାରୁ ସିକ୍ୟୁରିଟି ଗାର୍ଡ ରଖିବା ଆବଶ୍ୟକ ହେଉନି।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ୭ ବର୍ଷରେ ଚିହ୍ନିଲେ ୧୯୫ ଦେଶର ମାନଚିତ୍ର


ପିଲାମାନେ ତୁମେ ତ ସମସ୍ତେ ମାନଚିତ୍ର ଦେଖିଥିବ। ବିଭିନ୍ନ ରାଜ୍ୟର ମାନଚିତ୍ର ଅଲଗା ଅଲଗା ଥିବାବେଳେ ବିଭିନ୍ନ ଦେଶର ବି ମାନଚିତ୍ର ଅଲଗା ରହିଛି। ତେବେ ସବୁ ଦେଶର ମାନଚିତ୍ରକୁ ଜାଣିବା ପାଇଁ ମାନଚିତ୍ରକୁ ଭଲଭାବେ ଦେଖିବାକୁ ହୋଇଥାଏ। ହଠାତ୍ ଦେଖିବା ମାତ୍ରେ ସବୁ ଦେଶର ମାନଚିତ୍ରକୁ ଏତେ ସହଜରେ ଜାଣି ହୁଏ ନାହିଁ। କିନ୍ତୁ ପିଲାମାନେ ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ କି ତୁମେ ଯଦି ଅଭ୍ୟାସ କରିବ ତେବେ ମାନଚିତ୍ରକୁ ଦେଖିବା ମାତ୍ରେ ସହଜରେ ଚିହ୍ନିପାରିବ। ଠିକ୍ ଏମିତି କାମ କରି ଏବେ ରେକର୍ଡ କରିପାରିଛନ୍ତି କେରଳର ଶ୍ରେୟାଶ୍ ଅରୁଣ କୁମାର। ମାତ୍ର ୭ ବର୍ଷ ବୟସର ଏହି ବାଳକ ଦ୍ୱିତୀୟ ଶ୍ରେଣୀରେ ପାଠ ପଢ଼ନ୍ତି। କିନ୍ତୁ ବିଭିନ୍ନ ଦେଶର ମାନଚିତ୍ରକୁ ସେ ଦେଖିବା ମାତ୍ରେ ସେହି ଦେଶର ନାଁ କହିଦିଅନ୍ତି। ମାତ୍ର ୪ ମିନିଟ୍ ୫୪ ସେକେଣ୍ଡରେ ସେ ୧୯୫ଟି ଦେଶର ମାନଚିତ୍ରକୁ ଦେଖି ତା'ର ନାଁ କହି ନିଜ ଦକ୍ଷତାର ପ୍ରମାଣ ଦେଖାଇଛନ୍ତି। ଏତେ ଶୀଘ୍ର ସବୁ ଦେଶର ମାନଚିତ୍ର ଦେଖି ନାଁ କହିପାରିଥିବାରୁ ତାଙ୍କ ନାଁ ଏବେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ତାଙ୍କର ଅଦ୍ଭୁତ ସ୍ମରଣ ଶକ୍ତି ପାଇଁ ଏବେ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।




## ଟଗଲା ଭୀମୁ




## ତୁମ ତୂଳୀରୁ






ଓମ୍‌ପ୍ରକାଶ ବାରିକ
କ୍ଲାସ–୬, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ





ଅନନ୍ୟା ରୁପାଲୀ ତ୍ରିପାଠୀ
କ୍ଲାସ–୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି






ସାଦ୍ୟାନ୍ତ ଶତପଥୀ
କ୍ଲାସ–୨, ମଦର୍ସ ପବ୍ଲିକ ସ୍କୁଲ, ପୁରୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ନଭେମ୍ବର ୧୪/୨୦୨୦ Saturday, November 14/ 2020

# ୱାର୍ନରଙ୍କ ସହ ବର୍ନ୍ସ ଓପନ କରିବେ

**ମେଲବୋର୍ନ, ୧୩।୧୧(ପି.ଟି.)**

ଭାରତୀୟ କ୍ରିକେଟ ଦଳ ଗୁରୁବାର ଅଷ୍ଟ୍ରେଲିଆରେ ପହଞ୍ଚିଛି। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବାପରେ ଟିମ୍ ଇଣ୍ଡିଆ ସେଠାରେ ଚଳିତମାସ ୨୭ରୁ ଦିନିକିଆ ସିରିଜ ଖେଳିବ। ଏହା ପରେ ଟି୨୦ ଏବଂ ଶେଷରେ ୪ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ। ଟେଷ୍ଟ ସିରିଜରେ ଡେଭିଡ ୱାର୍ନରଙ୍କ ସହ କିଏ ଅଷ୍ଟ୍ରେଲିଆ ପକ୍ଷରୁ ଇନିଂସ ଓପନ କରିବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ନିୟମିତ ଓପନର ଜୋ ବର୍ନ୍ସ ଏବଂ ଯୁବ ଖେଳାଳି ୱିଲ୍ ପୁକୋଭସ୍କି ଏହି ସ୍ଥାନପାଇଁ ଦୌଡ଼ରେ ରହିଛନ୍ତି। ପୂରା ଫର୍ମରେ ଥିବା ପୁକୋଭସ୍କିଙ୍କ ସପକ୍ଷରେ ଅନେକେ ମତ ଦେଉଥିବାବେଳେ ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର କିନ୍ତୁ ଭିନ୍ନମତ ଦେଇଛନ୍ତି। ୱାର୍ନରଙ୍କ ସହିତ ବର୍ନ୍ସ ଇନିଂସ ଓପନ କରିବେ ବୋଲି ସେ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଗତ ଗ୍ରୀଷ୍ମଋତୁରେ ବର୍ନ୍ସଙ୍କ ଆଭରେଜ ୩୨ ରହିଥିଲା। ଗତ ଶେଫିଲ୍ଡ ସିଲ୍ଡ ସିଜନରେ ସେ ୧୧.୪୦ ଆଭରେଜରେ ୫୭ ରନ କରିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ୨୨ ବର୍ଷୀୟ ପୁକୋଭସ୍କି କ୍ରମାଗତ ୨ଟି ଦ୍ୱିଶତକ ହାସଲ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨ ଏବଂ ସାଉଥ୍ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ୨୫୫ ରନର ଇନିଂସ ଖେଳିଛନ୍ତି।

ପୁକୋଭସ୍କି ଯେପରି ଖେଳିଛନ୍ତି ପ୍ରଥମ ଟେଷ୍ଟ ପାଇଁ ଉପଯୁକ୍ତ। ଆମେ ଏହାକୁ ବିଚାରକୁ ନେଉଛୁ ଏବଂ ଉଭୟଙ୍କ ମଧ୍ୟରେ ତୁଳନା କରୁଛୁ। ଗତଥର ୱାର୍ନର ଓ ବର୍ନ୍ସଙ୍କ ଯୋଡ଼ି ଭଲ ଜମିଥିଲା। ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ତେଣୁ ଆମେ ଏହି ଯୋଡ଼ିଙ୍କୁ ଅପରିବର୍ତ୍ତିତ ରଖିବାକୁ ଚାହୁଁଛୁ ବୋଲି ଲାଙ୍ଗର କହିଛନ୍ତି। ଓପନିଂ ଯୋଡ଼ିଭାବେ ବର୍ନ୍ସ ଓ ୱାର୍ନର ୫୦.୫୬ ଆଭରେଜରେ ୧,୩୬୫ ରନ ସ୍କୋର କରିଛନ୍ତି। ଅଷ୍ଟ୍ରେଲିଆକୁ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗର ଶୀର୍ଷରେ ରଖିବାରେ ଏମାନଙ୍କ ଅନେକ ଅବଦାନ ରହିଛି। ଆମେ କାହାକୁ ଅଣଦେଖା କରିବାକୁ ଚାହୁଁନାହୁଁ। ଅପରପକ୍ଷରେ ଦୀର୍ଘଦିନଧରି ଅଷ୍ଟ୍ରେଲିଆ କ୍ରିକେଟକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିବା ଖେଳାଳିଙ୍କୁ ମଧ୍ୟ ଦେଖୁଛୁ। ବିଗତ ବର୍ଷଗୁଡ଼ିକରେ ପରୀକ୍ଷା ନିରୀକ୍ଷା ମଧ୍ୟରେ ଅନେକ ଖେଳାଳି ଦଳକୁ ଆସିଛନ୍ତି ଏବଂ ଅନେକେ ବାହାରିଛନ୍ତି। ଆବଶ୍ୟକ ପଡ଼ିଲେ ଆଗକୁ ମଧ୍ୟ ତାହା ଜାରି ରହିବ। ମାତ୍ର ବର୍ତ୍ତମାନ ସ୍ଥିତିରେ କେତେକ କ୍ଷେତ୍ରରେ ସ୍ଥିର ରହିବାର ଯୁକ୍ତିଯୁକ୍ତତା ରହିଛି। ତେବେ ୱାର୍ମଅପ୍ ମ୍ୟାଚ ପରେ ସ୍ଥିତି ଅଧିକ ସ୍ପଷ୍ଟ ହୋଇଯିବ ବୋଲି ଲାଙ୍ଗର ପ୍ରକାଶ କରିଛନ୍ତି। ୨ଟି ଟୁର୍ ଗେମ୍‌ରେ ଭିନ୍ନଭିନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟେଷ୍ଟ ସିରିଜ ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ ଖେଳିବେ। ଡିସେମ୍ବର ୧୭ରୁ ପ୍ରଥମ ଟେଷ୍ଟ ଆଡିଲେଡ୍‌ରେ ଅନୁଷ୍ଠିତ ହେବ।

**ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ**


ଜୋ ବର୍ନ୍ସ ଓ ଡେଭିଡ୍ ୱାର୍ନର।

## ପ୍ରଜନେଶ କ୍ୱାର୍ଟରରେ



**କ୍ୟାରି (ୟୁଏସ୍ଏ), ୧୩।୧୧ (ପି.ଟି.):** ଭାରତର ପ୍ରଜନେଶ ଗୁଣେଶ୍ୱରନ ଏଠାରେ ଚାଲିଥିବା ଆଟଲାଣ୍ଟିକ୍ ଟାଇର୍ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟର ଏକ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୪ର୍ଥ ସିଡ୍ ପ୍ରଜନେଶ ପୂର୍ବତନ ଟପ୍ ୧୦ ଆମେରିକୀୟ ଜ୍ୟାକ୍ ସକ୍‌ଙ୍କୁ ୬-୭ (୩), ୬-୨, ୭-୬ (୫) ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୩ ଘଣ୍ଟା ପାଖାପାଖି ଚାଲିଥିଲା। ୧୪୬ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ଖେଳାଳି ୫୨,୦୮୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ହାର୍ଡକୋର୍ଟ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ରାଉଣ୍ଡରେ ବ୍ରାଜିଲ କ୍ୱାଲିଫାୟର ଥୋମାଜ୍ ବେଲୁସିଙ୍କୁ ଭେଟିବେ। ବେଲୁସି ଏକଦା ତାଙ୍କ କ୍ୟାରିୟର ଶ୍ରେଷ୍ଠ ୨୧ତମ ର୍ୟାଙ୍କିଙ୍ଗ ହାସଲ କରିଥିଲେ। ସେ ଇତିମଧ୍ୟରେ ୪ଟି ଏଟିପି ସିଙ୍ଗଲ୍ସ ଟାଇଟଲ ହାସଲ କରିସାରିଛନ୍ତି। ୩୨ବର୍ଷୀୟ ଖେଳାଳି ବର୍ତ୍ତମାନ ର୍ୟାଙ୍କିଙ୍ଗ ତାଲିକାର ୨୯୭ ତମ ସ୍ଥାନରେ ଅଛନ୍ତି। ରାମକୁମାର ରମାନାଥନ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରୁ ବିଦାୟ ନେଇ ସାରିଛନ୍ତି।

# ‘ଅଧିକ ଦଳ ଭାଗନେଲେ ଆଇପିଏଲ୍ ମାନ କମିବନି’

**ନୂଆଦିଲ୍ଲୀ, ୧୩।୧୧(ପି.ଟି.)**

ବିଶ୍ୱର ଶ୍ରେଷ୍ଠ ଟି୨୦ ଲିଗ୍ ବିବେଚିତ ହେଉଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ବିସ୍ତାର ହେବା ପାଇଁ ପ୍ରସ୍ତୁତ ବୋଲି ଭାରତୀୟ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ଼୍ କହିଛନ୍ତି। ଦେଶରେ ବହୁ ସଂଖ୍ୟାରେ କ୍ରିକେଟ ପ୍ରତିଭା ରହିଛନ୍ତି। ତେଣୁ କ୍ରିକେଟ୍‌ର ମାନ ଓ ପରିମାଣରେ ବୁଝାମଣା ନ କରି ଆଇପିଏଲ୍‌ରେ ଦଳ ସଂଖ୍ୟା ବୃଦ୍ଧି ହେବ ବୋଲି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ରାହୁଲ ଦ୍ରାବିଡ଼୍ କହିଛନ୍ତି।

ଆଇପିଏଲ୍‌ରେ ଦଳ ସଂଖ୍ୟା ବୃଦ୍ଧି ନେଇ ଚର୍ଚ୍ଚା ଚାଲିଛି। ଆଗକୁ ୮ ବଦଳରେ ୯ ଦଳ ଏଥିରେ ଅଂଶଗ୍ରହଣ କରିବେ। ୨୦୨୩ ବେଳକୁ ଦଳ ସଂଖ୍ୟା ୧୦ରେ ପହଞ୍ଚିବା ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୀର୍ଘକାଳୀନ ଯୋଜନା ପୂର୍ବରୁ ରହିଛି। ୨୦୨୧ରେ ଆଇପିଏଲ୍‌ର ଦଳ ସଂଖ୍ୟା ୯ ହେବ ବୋଲି ରାଜସ୍ଥାନ ରୟାଲ୍ସ ଅନ୍ୟତମ-ମାଲିକ ମନୋଜ ବଦଲେ କହିଥିଲେ। ଦ୍ରାବିଡ଼୍ ମଧ୍ୟ ତାଙ୍କ ସହ ଏକମତ ହୋଇଛନ୍ତି। ପ୍ରତିଭା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆଇପିଏଲ୍ ବିସ୍ତାର ହେବାକୁ ପ୍ରସ୍ତୁତ ବୋଲି ବିଶ୍ୱାସ କରୁଥିବା ଦ୍ରାବିଡ଼୍ କହିଛନ୍ତି। ଏହା ହେଲେ ଅଧିକ ପ୍ରତିଭା ଏହି ଲିଗ୍‌ରେ ଅଂଶଗ୍ରହଣ କରିବେ ବୋଲି ବଦଲେଙ୍କ ବହି ‘ଏ ନ୍ୟୁ ଇନିଂସ’ର ଉନ୍ମୋଚନ ଅବସରରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦ୍ରାବିଡ଼୍ ଏହା କହିଛନ୍ତି। ୨୦୨୧ରେ ଦଳ ସଂଖ୍ୟା ୯ରେ ପହଞ୍ଚିବ। ଏହା ହେଲେ ଅପରାହ୍ନରେ ଅଧିକ ସଂଖ୍ୟାରେ ମ୍ୟାଚ୍ ଖେଳାଯିବ ଓ ଲିଗ୍‌ର କ୍ୱାଲିଟିକୁ ମଧ୍ୟ ବଜାୟ ରଖିବାକୁ ପଡିବ। ବଦଲେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ରିଟେନ ନାଗରିକ। ଆଇପିଏଲ୍ କାରଣରୁ ହରିୟାଣାର ରାହୁଲ ଟେୱାଟିଆଙ୍କ ଭଳି କ୍ରିକେଟର ଏବେ ସାରା ବିଶ୍ୱରେ ପରିଚିତ ହୋଇପାରିଛନ୍ତି। ପୂର୍ବରୁ ରାଜ୍ୟ ଆସୋସିଏଶନଗୁଡିକ ରଣଜୀ ଟ୍ରଫିରେ ଖେଳାଳିଙ୍କୁ ଚୟନ କରୁଥିଲେ। ହରିୟାଣା ଭଳି ରାଜ୍ୟ ଯୁଜବେନ୍ଦ୍ର ଚହଲ, ଅମିତ ମିଶ୍ରା ଓ ଜୟନ୍ତ ଯାଦବଙ୍କ ଭଳି ସ୍ପିନର ସୃଷ୍ଟି କରିଛି। ତେଣୁ ଟେୱାଟିଆଙ୍କ ପାଖରେ ସୀମିତ ସୁଯୋଗ ରହିଥିଲା। ତେବେ ଆଇପିଏଲ୍ ତାଙ୍କ ପାଇଁ ବରଦାନ ସାବସ୍ତ ହୋଇଛି ବୋଲି ବଦଲେ କହିଛନ୍ତି।

ଗତ ଏକ ଦଶନ୍ଧିରେ ଦ୍ରାବିଡ଼୍ ଭାରତ ସୀମିତ ଓଭର କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା କହିଛନ୍ତି। ଆଇପିଏଲ୍ କାରଣରୁ ଏହା ସମ୍ଭବ ହୋଇପାରିଛି। ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କୁ ଆଇପିଏଲ୍ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରିଛି। ଗତ ଏକ ଦଶନ୍ଧିରେ ଆମେ ୨୦୧୧ ବିଶ୍ୱକପ୍ ଓ ୨୦୧୩ ଚାମ୍ପିୟନ୍ସ ଟ୍ରଫି ଜିତିଛୁ। ଏଥିସହିତ ବିଶ୍ୱ ଟି୨୦ରେ ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରିଛୁ। ଟିଭି ଦେଖି ଯୁବ ଖେଳାଳିମାନେ ବିଶେଷଜ୍ଞଙ୍କ ବିଶ୍ଳେଷଣ ଶୁଣିବା ସହ ବହୁତ କିଛି ଶିକ୍ଷା କରିଛନ୍ତି ବୋଲି ଦ୍ରାବିଡ଼୍ କହିଛନ୍ତି।


ରାହୁଲ ଦ୍ରାବିଡ଼୍

# ତୁର୍କୀଶ୍ ଗ୍ରାଁ ପ୍ରି ପ୍ରାକ୍ଟିସରେ ଭର୍ଷ୍ଟାପେନ ଦ୍ରୁତତମ


ଶୁକ୍ରବାର ଅନୁଷ୍ଠିତ ତୁର୍କୀଶ୍ ଗ୍ରାଁ ପ୍ରି ଫର୍ମୁଲାୱାନ୍ ମୋଟରରେସିଂର ପ୍ରାକ୍ଟିସ୍ ସେସନ୍।

**ଇସ୍ତାନବୁଲ, ୧୩।୧୧:** ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ଶୁକ୍ରବାର ଅନୁଷ୍ଠିତ ତୁର୍କୀସ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ପ୍ରାକ୍ଟିସର ୨ଟି ଯାକ ରେସ୍‌ରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ୨୦୧୧ ପରଠାରୁ ଏହି ଟ୍ରାକ୍‌ରେ ଫର୍ମୁଲାୱାନ ଆୟୋଜନ ହୋଇ ନ ଥିବାରୁ ଡ୍ରାଇଭରମାନେ ରେସ୍ ସମୟରେ ସତର୍କତା ଅବଲମ୍ବନ କରୁଥିବା ପରିଲକ୍ଷିତ ହୋଇଥିଲା। ନବନିର୍ମିତ ଟ୍ରାକ୍‌ରେ ଗାଡ଼ି ଚକ ସ୍ଲିପ୍ କରୁଥିଲା। ‘‘ଆଇସ୍ ଉପରେ ଡ୍ରାଇଭ କରିବାପରି ଅନୁଭବ ହେଉଥିଲା’’ ବୋଲି ପ୍ରଥମ ପ୍ରାକ୍ଟିସପରେ ଭର୍ଷ୍ଟାପେନ୍ ପ୍ରକାଶ କରିଥିଲେ। ପ୍ରଥମ ପ୍ରାକ୍ଟିସରେ ଭର୍ଷ୍ଟାପେନ୍ ୨୯ତମ ଲ୍ୟାପରେ ୧:୩୫.୦୭୭ ସେକେଣ୍ଡ ସମୟ ନେଇଥିଲେ। ତାଙ୍କ ପଛକୁ ରେଡ୍‌ବୁଲ୍‌ର ଆଲେକଜାଣ୍ଡର ଆଲ୍‌ବନ, ଫେରାରୀର ଚାର୍ଲ୍ସ ଲେକ୍‌ରେକ୍, ଆଲ୍‌ଫା ଟୌରୀର ପିଏରେ ଗାସ୍‌ଲେ, ଫେରାରୀର ସେବାଷ୍ଟିଆନ ଭେଟେଲ ପ୍ରମୁଖ ରହିଥିଲେ। ସେହିପରି ଦ୍ୱିତୀୟ ରେସ୍‌ରେ ଭର୍ଷ୍ଟାପେନ ୩୭ତମ ଲ୍ୟାପରେ ୧:୨୮.୩୩୦ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ତାଙ୍କ ପଛକୁ ଲେକ୍‌ରେକ୍, ମର୍ସିଡିଜ୍‌ର ଭାଲଟେରୀ ବୋଟାସ, ଲୁଇସ ହାମିଲଟନ ଓ ଆଲ୍‌ବନ ସ୍ଥାନିତ ହୋଇଥିଲେ। ଏପର୍ଯ୍ୟନ୍ତ ହୋଇ ଯାଇଥିବା ରେସ୍‌ଗୁଡ଼ିକ ମଧ୍ୟରେ ମର୍ସିଡିଜ୍‌ର ଲୁଇସ ହାମିଲଟନ ପ୍ରାଧାନ୍ୟ ବିସ୍ତାର କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୯ ଗ୍ରାଁ ପ୍ରି ଜିତିବା ସହ ୨୮୨ ପଏଣ୍ଟ ପାଇ ସାରିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ତାଙ୍କ ଟିମ୍‌ମେଟ୍ ବୋଟାସ ୧୯୭ ପଏଣ୍ଟ ପାଇଛନ୍ତି। ପଏଣ୍ଟ ବ୍ୟବଧାନ ଅଧିକ ଥିବାରୁ ହାମିଲଟନ କ୍ୟାରିୟରର ୭ମ ଫର୍ମୁଲାୱାନ ଟାଇଟଲର ନିକଟତର ହୋଇଛନ୍ତି। ଏହା ସମ୍ଭବ ହେଲେ ସେ ବିଶ୍ୱରେକର୍ଡଧାରୀ ମାଇକେଲ ସୁମାକର(୭ ଟାଇଟଲ)ଙ୍କ ସମକକ୍ଷ ହେବେ।

## ଡାକ୍ତରୀ ସରଞ୍ଜାମ ଦାନକଲେ ତେନ୍ଦୁଲକର

**ମୁମ୍ବାଇ, ୧୩।୧୧ (ପି.ଟି.):** ଆସାମର ଏକ ଚ୍ୟାରିଟେବଲ ହସ୍ପିଟାଲକୁ ଡାକ୍ତରୀ ସରଞ୍ଜାମ ଦାନ କରିଛନ୍ତି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର। ଏହାଦ୍ୱାରା ଅନଗ୍ରସର ପରିବାରରୁ ଆସିଥିବା ୨,୦୦୦ରୁ ଅଧିକ ଶିଶୁ ଉପକୃତ ହେବେ। ତେନ୍ଦୁଲକର ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର ଅଛନ୍ତି। ଆସାମ ରାଜ୍ୟ ଅନ୍ତର୍ଗତ କରିମଗଞ୍ଜ ଜିଲାର ମାକୁଣ୍ଡା ହସ୍ପିଟାଲର ପେଡିଆଟ୍ରିକ୍ ଇଣ୍ଟେନସିଭ୍ କେୟାର ୟୁନିଟ୍ (ପିଆଇସିୟୁ) ଏବଂ ନିଓନାଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନଆଇସିୟୁ)କୁ ସେ ଆବଶ୍ୟକ ସରଞ୍ଜାମ ଦାନ କରିଛନ୍ତି।

# ‘ବାଲା ଦେବୀଙ୍କ ରେଞ୍ଜର୍ସ ମୁଭ ଆଶୀର୍ବାଦ ସଦୃଶ’

**ନୂଆଦିଲ୍ଲୀ, ୧୩।୧୧(ପି.ଟି.)**

ସ୍କଟ୍‌ଲାଣ୍ଡର ଜଣାଶୁଣା ଫୁଟବଲ କ୍ଲବ ରେଞ୍ଜର୍ସ ତରଫରୁ ବାଲା ଦେବୀ ଖେଳିବା ଆଗାମୀ ପିଢ଼ି ପାଇଁ ଆଶୀର୍ବାଦ ସଦୃଶ ହେବ ବୋଲି ଭାରତୀୟ ମହିଳା ଫୁଟବଲ ଦଳର ଅଧିନାୟିକା ଆଶାଲତା ଦେବୀ କହିଛନ୍ତି। ଏହା ଦ୍ୱାରା ଅନ୍ୟ ଭାରତୀୟ ଫୁଟବଲରମାନେ ବିଦେଶରେ ଖେଳିବାକୁ ଉତ୍ସାହିତ ହେବେ।

ଚଳିତବର୍ଷ ପ୍ରାରମ୍ଭରେ ଫରୱାର୍ଡ ବାଲା ଦେବୀ ଭାରତର ପ୍ରଥମ ମହିଳା ଖେଳାଳିଭାବେ କୌଣସି ୟୁରୋପିଆନ୍ କ୍ଲବ ସ୍କଟ୍‌ଲାଣ୍ଡର ରେଞ୍ଜର୍ସ ଓମ୍ୟାନ ଏଫ୍‌ସି ସହ ଖେଳିବାକୁ ଚୁକ୍ତି କରିଥିଲେ। ରେଞ୍ଜର୍ସ ତରଫରୁ ସେ ସ୍କଟିଶ୍ ଓମ୍ୟାନ ଲିଗ୍ ଖେଳୁଛନ୍ତି।

ବାଲା ଦେବୀ ରେଞ୍ଜର୍ସ ତରଫରୁ ଖେଳିବା ଆଗାମୀ ପିଢ଼ିକୁ ରାସ୍ତା ଦେଖାଇବ। ଯୁବ ପିଢ଼ି ତାଙ୍କଠାରୁ ପ୍ରେରଣା ପାଇବେ। କେବଳ ବାଲା ଦେବୀ ନୁହନ୍ତି ଆଦିତି ଚୌହାନଙ୍କଠାରୁ ଯୁବପିଢ଼ି ବହୁତ କିଛି ଶିକ୍ଷା କରିପାରିବେ। ଏକ ଶ୍ରେଷ୍ଠ କ୍ଲବ ପାଇଁ ଖେଳିବା ଲକ୍ଷ୍ୟରେ ସବୁ ଫୁଟବଲର ଥାନ୍ତି। ଏଥିପାଇଁ ଖେଳାଳିମାନେ ଉତ୍ସର୍ଗୀକୃତ ମନୋଭାବ ସହ କଠିନ ପରିଶ୍ରମ ମଧ୍ୟ କରିଥାନ୍ତି। ଭବିଷ୍ୟତରେ ଯୁବ ଫୁଟବଲରଙ୍କ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ବୋଲି ଆଶାଲତା କହିଛନ୍ତି।

୨୦୧୯ରେ ଏଏଫ୍‌ସି ମହିଳା ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ଜିତିଥିବା ୨୭ ବର୍ଷୀୟା ସେଣ୍ଟରବ୍ୟାକ୍ ଆଶାଲତା ମଧ୍ୟ ଏକ ବିଦେଶୀ କ୍ଲବ୍ ତରଫରୁ ଖେଳିବା ପାଇଁ ଇଚ୍ଛା ଜାହିର କରିଛନ୍ତି। କିନ୍ତୁ ଏବେ ସେ ୨୦୨୨ ଏଏଫ୍‌ସି ଓମ୍ୟାନ୍ସ ଏସିଆନ୍ କପ୍ ଖେଳିବା ଉପରେ ଫୋକସ୍ କରିଛନ୍ତି। ଏହି ମେଗା ଇଭେଣ୍ଟକୁ ଭାରତ ଆୟୋଜନ କରିବ। ଦେଶ ଓ ଜାତୀୟ ଦଳ ପାଇଁ ଖେଳିବାକୁ ପ୍ରଥମିକତା ଦେବି। ଜୁନିୟର ଖେଳାଳିଙ୍କୁ ମୋର ଅଭିଜ୍ଞତା ଶେୟାର କରିବାକୁ ଚାହିଁବି ବୋଲି ଆଶାଲତା କହିଛନ୍ତି। ଦେଶ ପାଇଁ ସବୁ କିଛି ଯୋଗଦାନ ଦେବା ପରେ ଅବସର ଘୋଷଣା କରିବି। ଆସନ୍ତାବର୍ଷ ସେ ଦେଶ ପାଇଁ ଖେଳିବାରେ ଗୋଟିଏ ଦଶନ୍ଧି ପୂରଣ କରିବେ। ଭାରତୀୟ ମହିଳା ଫୁଟବଲରେ ହୋଇଥିବା ଦୃଷ୍ଟାନ୍ତମୂଳକ ଉନ୍ନତିରେ ଆଶାଲତାଙ୍କ ଯଥେଷ୍ଟ ଯୋଗଦାନ ରହିଛି।

# ରୋହିତ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି: ଗାଙ୍ଗୁଲି

**ନୂଆଦିଲ୍ଲୀ, ୧୩।୧୧**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଥିବା ରୋହିତ ଶର୍ମାଙ୍କ ଫିଟ୍‌ନେସ୍‌କୁ ନେଇ ଆଲୋଚନା ଜୋର ଧରିଛି। ବିଶେଷ କରି ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳରେ ତାଙ୍କୁ ପ୍ରଥମେ ସ୍ଥାନିତ କରା ନ ଯିବା ଏବଂ ପରେ କେବଳ ଟେଷ୍ଟ ସିରିଜ ପାଇଁ ସାମିଲ କରାଯିବାକୁ ନେଇ ଚର୍ଚ୍ଚା ହେଉଛି। ମାତ୍ର ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି, ମାତ୍ର ୭୦ ପ୍ରତିଶତ ଫିଟ୍ ଅଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ସେଥିପାଇଁ ତାଙ୍କୁ ଦିନିକିଆ ଏବଂ ଟି୨୦ ଦଳରେ ସାମିଲ କରାଯାଇନାହିଁ, କେବଳ ଟେଷ୍ଟ ଦଳରେ ନିଆ ଯାଇଛି ବୋଲି ସୌରଭ କହିଛନ୍ତି। ଅକ୍ଟୋବର ୧୮ରେ ରୋହିତ ମୁମ୍ବାଇ ଇଣ୍ଡିଆନ୍ସର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ ଅବସରରେ ଆହତ ହୋଇଥିଲେ। ଏହା ପରବର୍ତ୍ତୀ ୪ଟି ମ୍ୟାଚରେ ସେ ଖେଳି ନ ଥିଲେ। ତେବେ ଫାଇନାଲକୁ ମିଶାଇ ମୁମ୍ବାଇର ଶେଷ ୩ଟି ମ୍ୟାଚରେ ସେ ଖେଳିଥିଲେ ଏବଂ ମୁମ୍ବାଇକୁ ରେକର୍ଡ ୫ମ ଥର ଟାଇଟଲ ବିଜୟୀ କରାଇଥିଲେ।

ଜାତୀୟ ଚୟନକର୍ତ୍ତାମାନେ ପ୍ରଥମେ ସମ୍ପୂର୍ଣ୍ଣ ଅଷ୍ଟ୍ରେଲିଆ ଟୁର୍‌ରୁ ରୋହିତଙ୍କୁ ବାଦ୍ ଦେଇଥିଲେ। ପରେ ତାଙ୍କୁ କେବଳ ଟେଷ୍ଟ ସିରିଜ ପାଇଁ ଦଳରେ ନିଆଯାଇଥିଲା। ଅଷ୍ଟ୍ରେଲିଆ ଯିବା ପୂର୍ବରୁ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ରିହାବିଲିଟେଶନରେ ରହିବେ। ଡିସେମ୍ବର ୧୭ରେ ପ୍ରଥମ ଟେଷ୍ଟ ହେଉଥିବାରୁ ଅଷ୍ଟ୍ରେଲିଆ ଯିବା ପୂର୍ବରୁ ତାଙ୍କୁ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ପଡ଼ିବ। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ରିଦ୍ଧିମାନ ଶାହା ମଧ୍ୟ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିରୁ ମୁକୁଳୁଛନ୍ତି। ସେ ନିଜ ଫ୍ରାଞ୍ଚାଇଜ୍ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦର ଶେଷ ୨ଟି ମ୍ୟାଚରେ ଖେଳିପାରି ନ ଥିଲେ। ଖେଳାଳିଙ୍କ ଆହତ ସମସ୍ୟା ଉପରେ ବିସିସିଆଇ ନଜର ରଖିଛି ଏବଂ ସେମାନଙ୍କ ଫିଟ୍‌ନେସ ପାଇଁ କାର୍ଯ୍ୟ କରୁଛି। ଯେଉଁମାନେ ଆହତ ସମସ୍ୟା ସମ୍ପର୍କରେ ଜାଣି ନାହାନ୍ତି ବିଭିନ୍ନ କଥା କହୁଛନ୍ତି। ଏ ଦିଗରେ ବିସିସିଆଇ, ଭାରତୀୟ ଫିଜିଓ, ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) କାର୍ଯ୍ୟକରୁଛି। ଟେଷ୍ଟ ବେଳକୁ ରିଦ୍ଧିମାନ ଫିଟ୍ ହୋଇଥିବେ। ତେଣୁ ସେ ଦଳସହ ଅଷ୍ଟ୍ରେଲିଆ ଯାତ୍ରା କରିଛନ୍ତି ବୋଲି ଗାଙ୍ଗୁଲି କହିଛନ୍ତି। ଭାରତୀୟ କ୍ରିକେଟ ଦଳ ଗୁରୁବାର ଅଷ୍ଟ୍ରେଲିଆରେ ପହଞ୍ଚିବାପରେ କ୍ୱାରାଣ୍ଟାଇନ୍ ଅବଧି ଆରମ୍ଭ ହୋଇଛି।


ସୌରଭ ଗାଙ୍ଗୁଲି ଓ ରୋହିତ ଶର୍ମା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ